ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୦୨
୨୯ ନଭେମ୍ବର, ୨୦୨୫ ଶନିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 202
29th November, 2025 Saturday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

**ନୀତି ବାଣୀ**

**ନକ୍ଷେତ୍ରଭୂଷଣଂ ଚନ୍ଦ୍ରୋ ନାରୀଣାଂ ଭୂଷଣଂ ପତିଃ ।**
**ପୃଥ୍ୱୀଭୂଷଣଂ ରାଜା ବିଦ୍ୟା ସର୍ବସ୍ୟ ଭୂଷଣମ୍ ।।**

ଚନ୍ଦ୍ର ନକ୍ଷତ୍ରମାନଙ୍କର, ପତି ନାରୀମାନଙ୍କର ଓ ରାଜା ପୃଥିବୀବାସୀଙ୍କର ଭୂଷଣ ରୂପେ ସମ୍ମାନିତ ହୁଅନ୍ତି । କିନ୍ତୁ ବିଦ୍ୟା ସମସ୍ତଙ୍କର ଭୂଷଣ ରୂପେ ସବୁଠି ସମସ୍ତଙ୍କ ଦ୍ୱାରା ଆଦୃତ ହୁଏ ।

### ୧୭୪୪୦ କୋଟିର ଅତିରିକ୍ତ ବଜେଟ ଆଗତ

# ଶିକ୍ଷା ଓ ମହିଳା ସଶକ୍ତିକରଣକୁ ଗୁରୁତ୍ୱ

**ଭୁବନେଶ୍ୱର,୨୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୭୪୪୦ କୋଟି ଟଙ୍କାର ପ୍ରଥମ ଅତିରିକ୍ତ ବଜେଟ୍ ଆଜି ବିଧାନସଭାରେ ଉପସ୍ଥାପିତ ହୋଇଛି । ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅତିରିକ୍ତ କୋଟି ଟଙ୍କା ଓ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ନିମନ୍ତେ ୧୭୧ କୋଟି ଟଙ୍କା ବରାଦ ହୋଇଛି । ତେବେ ଜିଲ୍ଲା ପରିଷଦ ନିର୍ବାଚନ ପରିଚାଳନା ପାଇଁ ୪୨କୋଟି ଟଙ୍କାର ବ୍ୟୟବରାଦ କରି ରାଜ୍ୟ ସରକାର ଖାଲି ପଡିଥିବା ତ୍ରିସ୍ତରୀୟ ପଂଚାୟତିରାଜ ଆସନଗୁଡିକରେ ନିର୍ବାଚନକୁ ଚଳିତ ଆବଶ୍ୟକତା ଉପୁଜିଥିବା ବଜେଟ୍ ପୁସ୍ତିକାରେ ସରକାର ଦର୍ଶାଇଛନ୍ତି । ରାଜ୍ୟରେ ଚାଲିଥିବା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଓ ନୂଆ ଯୋଜନାଗୁଡିକୁ ସମ୍ପୂର୍ଣ୍ଣ କରିବା ଏବଂ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା କେନ୍ଦ୍ରୀୟ ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାଗୁଡିକ ପାଇଁ ପାଣ୍ଠିର ଆବଶ୍ୟକତା



ବ୍ୟୟବରାଦକୁ ଗୃହର ଅନୁମୋଦନ ପାଇଁ ଉପସ୍ଥାପନ କରିବା ପରେ ବାଚସ୍ପତି ଗୃହକୁ ଆସନ୍ତାକାଲି ପୂର୍ବାହ୍ନ ୧୦.୩୦ ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି । ଅତିରିକ୍ତ ବ୍ୟୟବରାଦରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ସର୍ବାଧିକ ୧୩୭୧୬ କୋଟି ଟଙ୍କା, ପ୍ରଶାସନିକ ବ୍ୟୟ ପାଇଁ ୩୩୮୯ ଆର୍ଥିକ ବର୍ଷ ସୁଦ୍ଧା ଶେଷ କରିବେ ବୋଲି ସଂକେତ ଦେଇଛନ୍ତି ।

ସୂଚନାଯୋଗ୍ୟ, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨.୯୦ଲକ୍ଷ କୋଟି ଟଙ୍କାର ବଜେଟ ୨୦୨୫ ମାର୍ଚ୍ଚ ୨୯ତାରିଖରେ ଗୃହର ଅନୁମୋଦନ ଲାଭ କରିଥିଲା । ତେବେ ବିଭିନ୍ନ କାରଣରୁ ଅତିରିକ୍ତ ବଜେଟର ଦେଖାଦେଇଛି । ସେହିପରି ଓଡିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥିବା ଅଗ୍ରୀମକୁ ଫେରସ୍ତ ଓ ବିଭିନ୍ନ ପ୍ରଶାସନିକ ବ୍ୟୟବରାଦରେ ଲେଖା ସଂଶୋଧନ ପାଇଁ ଏହି ୧୭୪୪୦କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦର ଆବଶ୍ୟକତା ଥିବା ଅର୍ଥମନ୍ତ୍ରୀ *(ଶେଷ ପୃଷ୍ଠା ଦେଖନ୍ତୁ)*

### କେଉଁ ବିଭାଗକୁ କେତେ ଟଙ୍କା ?

| |
|---|
| ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ୧୧୬୪ କୋଟି |
| ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ପାଇଁ ୫୩୧ କୋଟି |
| ଖାଦ୍ୟ ଯୋଗାଣ ଏବଂ ଗ୍ରାହକ କଲ୍ୟାଣ ପାଇଁ ୪୩୨୯ କୋଟି |
| ପଞ୍ଚାୟତିରାଜ, ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ପାଇଁ ୬୧୬ କୋଟି |
| କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ୧୬୭୩ କୋଟି |
| ସହରୀ ବିକାଶ ପାଇଁ ୩୦୩ କୋଟି |
| ଶିକ୍ଷା କ୍ଷେତ୍ର ପାଇଁ ୨୩୨୭ କୋଟି |
| ମହିଳା ଓ ଶିଶୁ ବିକାଶ ପାଇଁ ୧୫୫୮ କୋଟି |
| ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ସୂଚନା ପ୍ରଯୁକ୍ତି କ୍ଷେତ୍ର ପାଇଁ ୧୧୭ କୋଟି |
| ଭିତ୍ତିଭୂମି ବିକାଶ ପାଇଁ ୧୯୫୫ କୋଟି |
| ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ୫୭୬ କୋଟି |
| ଶିଳ୍ପ ଏବଂ ଏମଏସଏମଇ ବିକାଶ ପାଇଁ ୩୩୭ କୋଟି |
| ଓଡ଼ିଆ ଭାଷା, ସଂସ୍କୃତି ଏବଂ ହସ୍ତତନ୍ତ, ବୟନଶିଳ୍ପ ପାଇଁ ୩୬୩ କୋଟି |
| ଆଭ୍ୟନ୍ତରୀଣ ସୁରକ୍ଷା ଓ ଆଇନ ପାଇଁ ୩୧୬ କୋଟି |

### ଇନ୍‌ଫ୍ଲୁଏନସରଙ୍କ ବିବାଦୀୟ ଟିପ୍ପଣୀ

## ଶ୍ରୀମନ୍ଦିର ଗଲେ ଭାଙ୍ଗିଯାଏ ପ୍ରେମ ସମ୍ପର୍କ

**ନୂଆଦିଲ୍ଲୀ,୨୮।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଶ୍ରୀମନ୍ଦିରକୁ ନେଇ ଟିପ୍ପଣୀ ଦେଇ ବିବାଦରେ ଲୋକପ୍ରିୟ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନସର ଶୁଭଙ୍କର ମିଶ୍ରା। ମନ୍ଦିର ଉପରେ ଲଗାଇଲେ ବଡ ଅଭିଯୋଗ। କୌଣସି ପ୍ରେମୀଯୁଗଳ ଯଦି ମନ୍ଦିର ଯାନ୍ତି



ତେବେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଏ ବା ସେମାନେ ବିବାହ କରିପାରନ୍ତି ନାହିଁ ବୋଲି ନିଜ ପଡ୍‌କାଷ୍ଟରେ କହିଛନ୍ତି ଶୁଭଙ୍କର। ବଡବଡ ଚ୍ୟାନେଲରେ ନିଉଜ୍ ଆଙ୍କର ଭାବେ କାମ କରିସାରିଥିବା ଶୁଭଙ୍କରଙ୍କ ଏଭଳି ଟିପ୍ପଣୀକୁ ନେଇ ସବୁ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଶୁଭଙ୍କରଙ୍କ ଅନୁଯାୟୀ, ଭୁଲରେ ମଧ୍ୟ କୌଣସି ପ୍ରେମୀଯୁଗଳ ପୁରୀ ଶ୍ରୀମନ୍ଦିରକୁ ଯିବ ନାହିଁ। ସମ୍ପର୍କକୁ ବଞ୍ଚାଇବାକୁ ଚାହୁଁଥିଲେ ମନ୍ଦିରର ଭିତରକୁ ଯିବ ନାହିଁ। କାରଣ ଶ୍ରୀମନ୍ଦିର ଉପରେ ମା' *(ଶେଷ ପୃଷ୍ଠା ଦେଖନ୍ତୁ)*

## ବାତ୍ୟା 'ଡିଟ୍‌ୱା' ପ୍ରଭାବରେ ୫୬ ମୃତ



**କଲମ୍ବୋ,୨୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସାମୁଦ୍ରିକ ଝଡ ଡିଟ୍‌ୱା ଶ୍ରୀଲଙ୍କାରେ ରଚିଛି ତାଣ୍ଡ। ବାତ୍ୟା ଡିଟ୍‌ୱା ଯୋଗୁ ଲାଗି ରହିଥିବା ଝଡ ବର୍ଷା। ଶ୍ରୀଲଙ୍କାର ଉପକୂଳବର୍ତ୍ତୀ ଅଞ୍ଚଳରେ ସାଂଘାତିକ ସ୍ଥିତି ସୃଷ୍ଟି କରିଛି । ଏଥିରେ ବର୍ତ୍ତମାନ ସୁଦ୍ଧା ୫୬ ଜଣ ପ୍ରାଣ ହରାଇଥିବା ବେଳେ ଅନେକ ନିଖୋଜ ରହିଛନ୍ତି ।

ଲଗାଣ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହୋଇଛି । ସେହିପରି ଅଚାନକ ବନ୍ୟା ଶ୍ରୀଲଙ୍କାବାସୀଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି । ଆଗକୁ ବାତ୍ୟା ଡିଟ୍‌ୱା ଅଧିକ ଘନୀଭୂତ ହୋଇ ଅତିଭୀଷଣ ବାତ୍ୟା ରୂପ ନେବାର ଆଶଙ୍କା ରହିଛି । ଅତି ଭୀଷଣ ବାତ୍ୟାର ରୂପ ନେଇ ଏହା ଭାରତର ତାମିଲନାଡୁ ଉପକୂଳରେ ନଭେମ୍ବର ୩୦ ବେଳକୁ ସ୍ଥଳ ଭାଗ ଛୁଇଁବାର ଯଥେଷ୍ଟ ଆଶଙ୍କା ରହିଥିବା ଆଇଏମଡି ପୂର୍ବାନୁମାନ କରିଛି । ଏହାର ପ୍ରଭାବ ଏବେ ଠାରୁ ହିଁ ତାମିଲନାଡୁର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି । ସମୁଦ୍ର ଅଶାନ୍ତ ରହିବା ସହ ଲଗାଣ ବର୍ଷା ଆରମ୍ଭ ହୋଇଯାଇଛି ।

ଭାରତକୁ ଡିଟ୍‌ୱା ଆସିବା ପୂର୍ବରୁ ଶ୍ରୀଲଙ୍କାରେ ଜୀବନ ନେଇଛି । ବାଦୁଲ୍ଲା ଜିଲ୍ଲାରେ ଭୂସ୍ଖଳନ ହେବାରୁ ୨୧ ଜଣ ପ୍ରାଣ ହରାଇଛନ୍ତି । କାଦୁଅ ମିଶା ପାଣି ଏକାଧିକ ଘର ଓ ରାସ୍ତାକୁ ଭସାଇ ନେଇଛି । ଶ୍ରୀଲଙ୍କା ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର(ଡିଏମସି) କହିଛି ଯେ ବାତ୍ୟା ପ୍ରଭାବରେ ଲାଗି ରହିଥିବା ବର୍ଷା ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି ।

ଏଥିଯୋଗୁ ୪୩,୯୯୧ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ସ୍କୁଲ ଘର ଓ ଅସ୍ଥାୟୀ ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯାଇଛି । ୩୦୦ ମିମିରୁ *(ଶେଷ ପୃଷ୍ଠା ଦେଖନ୍ତୁ)*

## ୧ରେ ଖୋଲିବନି ଗୁଣ୍ଡିଚା ମନ୍ଦିର

**ପୁରୀ,୨୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀଗୁଣ୍ଡିଚା ମନ୍ଦିର ସର୍ବସାଧାରଣ ଭକ୍ତଙ୍କ ପାଇଁ ଖୋଲାଯିବା ପ୍ରସ୍ତାବ ସାମୟିକ ଭାବେ ସ୍ଥଗିତ ରଖାଯାଇଛି । ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଏବଂ ଶ୍ରୀମନ୍ଦିର ବରିଷ୍ଠ ସୁପରଭାଇଜରଙ୍କ ଜରୁରୀ ରିପୋର୍ଟ ତଥା ଭକ୍ତ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ନଜରରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ।

ପରିଚାଳନା କମିଟିଙ୍କ ପରାମର୍ଶ ତଥା ଅଧିସ୍ୱୀକୃତି ଅନୁସାରେ କିଛିଦିନ ତଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ପରେ, ପରିଚାଳନା କମିଟିର ବରିଷ୍ଠ ସେବକ ସଦସ୍ୟ ଏବଂ ଅଧିକାରୀ ବୃନ୍ଦ ଶ୍ରୀଗୁଣ୍ଡିଚା ମନ୍ଦିର ଅନୁଧ୍ୟାନ କରିଥିଲେ । ଏହାପରେ ଆସନ୍ତା ଡିସେମ୍ବର ୧ ତାରିଖରୁ ଏହାକୁ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଲାଗି ଖୋଲାଯିବା ନେଇ ବିଚାର କରାଯାଇଥିଲା । ତେବେ ଏହା ଭିତରେ ଶ୍ରୀଗୁଣ୍ଡିଚା ମନ୍ଦିର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ପାଇଁ ଆହୁରି ଅଧିକ ସମୟ ଆବଶ୍ୟକ ବୋଲି ଅତିରିକ୍ତ ମୁଖ୍ୟ ଯନ୍ତ୍ରି ରିପୋର୍ଟ ଦେଇଛନ୍ତି । ଏଥିସହ ମନ୍ଦିର ମଧ୍ୟରେ ଷ୍ଟିଲ ବିମ୍ *(ଶେଷ ପୃଷ୍ଠା ଦେଖନ୍ତୁ)*

## ୪ରେ ଭାରତ ଆସିବେ ଭ୍ଲାଦିମିର ପୁଟିନ

**ନୂଆଦିଲ୍ଲୀ,୨୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଭାରତ ଆସିବେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ପୁଟିନ୍ ଡିସେମ୍ବର ୪ ଏବଂ ୫ ତାରିଖରେ ଭାରତ ଆସିବେ ବୋଲି ଜଣାପଡିଛି। ୨୩ତମ ଭାରତ-ରୁଷ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ସେ ଭାରତ ଗସ୍ତରେ ଆସିବେ। ଭାରତର ବୈଦେଶିକ ମନ୍ତ୍ରାଳୟ ଏହାକୁ ନିଶ୍ଚିତ କରିଛି। ରିପୋର୍ଟ ଅନୁଯାୟୀ ଏହି ଗସ୍ତ ସମୟରେ ରାଷ୍ଟ୍ରପତି ପୁଟିନ୍ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ସାକ୍ଷାତ କରିବେ। ଏହା ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି ପୁଟିନଙ୍କୁ ସ୍ୱାଗତ କରି ତାଙ୍କ ସମ୍ମାନରେ ଏକ ଭୋଜିର ଆୟୋଜନ ମଧ କରିବେ।

ପୁଟିନଙ୍କ ଭାରତ ଗସ୍ତ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହେବ। ଏହା ଭାରତ ଏବଂ ରୁଷ ଉଭୟ ଦେଶର ନେତୃତ୍ୱକୁ ସେମାନଙ୍କର ଦ୍ୱିପାକ୍ଷିକ ସମ୍ପର୍କର ପ୍ରଗତି ସମୀକ୍ଷା କରିବା ଏବଂ ରଣନୈତିକ ସହଭାଗୀତାକୁ ସୁଦୃଢ଼ କରିବା ପାଇଁ ଏକ ମାର୍ଗ ପ୍ରସ୍ତୁତ କରିବ। ଏହା ସହିତ ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମତ ଆଦାନପ୍ରଦାନ କରିବାର ସୁଯୋଗ ପ୍ରଦାନ କରିବ।

ଅଗଷ୍ଟ ମାସରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ମସ୍କୋ ଗସ୍ତ ସମୟରେ ପୁଟିନଙ୍କ ଭାରତ ଗସ୍ତ ନେଇ ଘୋଷଣା କରାଯାଇଥିଲା। ହେଲେ ସେତେବେଳେ ତାରିଖ ଚୂଡ଼ାନ୍ତ ହୋଇନଥିଲା। ପରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ପୁଟିନ୍ ସାଂଘାଇ *(ଶେଷ ପୃଷ୍ଠା ଦେଖନ୍ତୁ)*

## ବେଲପାଳ ଗାଁରେ ବୁଲୁଛି ହେଟା ବାଘ

**ରାଜନଗର,୨୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ବେଲପାଳ ଗାଁ ନିକଟରେ ବୁଲୁଛି ହେଟା ବାଘ। ଯାହାକି ଚର୍ଚ୍ଚାର ବିଷୟ ପାଲଟିଛି। ବେଲପାଳ ଗାଁ ପାଳରେ ହେଟା ବାଘ ଦେଖିବାକୁ ମିଳିଥିଲା। ଏହି ଗ୍ରାମର ଶାନ୍ତନୁ ସ୍ୱାଇଁ ବାସୁଲେଇ ନିକଟରେ ହୋଇଥିବା ପୋଲ ଦେଇ ପାଳପଟକୁ ଯାଇଥିଲେ। ତାଙ୍କ ଠାରୁ କିଛି ଦୂରରେ ୪ଟି ବିଲୁଆ ହେଟାବାଘଟିକୁ ମିଳିତ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ହେଟାବାଘ ବିଲୁଆଙ୍କ ଉପରକୁ ଝାମ୍ପ ଦେଇଥିଲା। ବିଲୁଆଗୁଡାକ ଭୟରେ ଛତ୍ରଭଙ୍ଗ ଦେଇଥିଲେ। ଭୟରେ ଶାନ୍ତନୁ ଆଗକୁ ନଯାଇ ଫେରି ଆସିଥିଲେ। ହେଟା ବାଘଟି ଝଷଜମି ଭିତରେ ଲୁଚି ଯାଇଥିଲା। ଗାଁରେ ଭୟର ବାତାବରଣ ଖେଳିଯାଇଛି। ଧାନ ଓ ପନିପରିବା ଝଷ କରିଥିଲେ ମଧ ଯିବାକୁ ଭୟ କରୁଛନ୍ତି। ଏହି ହେଟା ବାଘକୁ ବନବିଭାଗ ଧରି ଜଙ୍ଗଲରେ ଛାଡି ଦେବାକୁ ସାଧାରଣରେ ଦାବୀ ହେଉଛି।

## ପାଚିଲା ଧାନ କ୍ଷେତ ମୁହାଁ ବାର୍‌ହା

### ଚାଷୀଙ୍କ ମଞ୍ଚାରେ ବିତୁଛି ରାତି

**କେନ୍ଦ୍ରାପଡ଼ା,୨୮।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲାର ତଟବର୍ତ୍ତୀ ମହାକାଳପଡ଼ା ଓ ରାଜନଗର ସର୍ବାଧିକ ଖରିଫ ଧାନ ଉତ୍ପାଦନକାରୀ ବ୍ଲକ୍ ଭାବେ ପରିଗଣିତ ହୋଇଥାଏ । ଏହି ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଏକ ଫସଲୀ ହଜାର ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ ହୋଇଥାଏ । ସଂପ୍ରତି ଏହି ଅଞ୍ଚଳକୁ ଯୁଆଡ଼େ ଗଲେ ସତେ ଯେମିତି ପାଚିଲା ଧାନ କ୍ଷେତରେ ସୁନାର ଢେଉ ଆଖି ରେ ପଡ଼ିବ। ହେଲେ ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ଏହି ଅଞ୍ଚଳର ବହୁ ସ୍ଥାନରେ ପାଚିଲା ଧାନ କ୍ଷେତ ଗତ କିଛି ବର୍ଷ ହେଲା ଜଙ୍ଗଲୀ ବାରହାଙ୍କ ଉପଦ୍ରବରେ କ୍ଷତିଗ୍ରସ୍ତ ହେଉଛି । ଧାନ ପାଚିଲେ ବାରହାଙ୍କ ଉପଦ୍ରବ ଆରମ୍ଭ ହୁଏ । ଜାତୀୟ ଉଦ୍ୟାନର ସୀମାରେଖା ଡ଼େଇଁ ପ୍ରତ୍ୟେହ ବାରହାମାନେ ଧାନ କ୍ଷେତରେ ପଶନ୍ତି । ଯାହାତ ଖାଆନ୍ତି ତତୋଧିକ ନଷ୍ଟ କରନ୍ତି । ବାରହାଙ୍କୁ ଘଉଡ଼ାଇବାକୁ ଯାଇ ଚାଷୀଙ୍କର ଅନେକ ସମୟରେ ଜୀବନ ଯାଏ ନଚେତ ଖଣ୍ଡିଆ ଖବରା ହୁଅନ୍ତି । ଜଗତଯୋର ର ଜନୈକ ଚାଷୀ ପ୍ରଫୁଲ୍ଲ ସ୍ୱାଇଁଙ୍କ କହିବା କଥା ଯେ, ବାରହାଙ୍କ ଉପଦ୍ରବ ପ୍ରତିବର୍ଷ ବଢି ବଢି ଚାଲିଛି । ପାଚିଲା ଧାନକ୍ଷେତ ତ ଯାହା ଉଜାଡୁଛନ୍ତି। ବାରହାଙ୍କୁ ଘଉଡ଼ାଇବା ପାଇଁ ଚାଷୀ କ୍ଷେତରେ ଉଚ୍ଚା ଭାଡ଼ି ସହ ପଲା ମାରି ସେଥିରେ ରାତ୍ରୀ କଟାଉଛନ୍ତି । କିନ୍ତୁ ସେମାନଙ୍କ ଘଉଡ଼ାଇବା ଅନେକ ସମୟରେ ସମ୍ଭବ ହେଉନାହିଁ , ଅଧିକନ୍ତୁ ଚାଷୀ ସେମାନଙ୍କ ଆକ୍ରମଣ ର ଶୀକାର ହେଉଛନ୍ତି । ଏମାନଙ୍କୁ ନେଇ ଭୟ ଓ ଆତଙ୍କ ବଢୁଛି ।

ବଡିଘରର ରମଣୀରଞ୍ଜନ ଦାସଙ୍କ ଅଭିଯୋଗ ହେଲା ଭିତରକନିକା ଜାତୀୟ ଉଦ୍ୟାନରେ ଅଂଚଳରେ ବାରହାଙ୍କ ସଂଖ୍ୟା ବଢ଼ିଛି । ଧାନ ପାଚିଲେ ସେମାନେ ଜଙ୍ଗଲରୁ ବାହାରି କ୍ଷେତକୁ ପଶି ଆସୁଛନ୍ତି । ବନବିଭାଗ ଏମାନଙ୍କୁ ରୋକିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଉନାହିଁ। ସୀମାରେ ତାରବାଡ ଘେରାଇବା, ବନବିଭାଗ ପକ୍ଷରୁ ପାଟ୍ରୋଲିଂ କରିବା ଓ ବନ୍ୟଜନ୍ତୁଙ୍କ ଆକ୍ରମଣ ଜନିତ ମୃତାହତ ବ୍ୟକ୍ତିଙ୍କୁ ସହାୟତା ଯୋଗାଇବା ପାଇଁ ସରକାରୀ ନିୟମ ରହିଥିଲେ ମଧ୍ୟ ଏହାର ସୁଫଳ ସ୍ଥାନୀୟ ଅଧିବାସୀଙ୍କୁ ମିଳୁନାହିଁ। ଫଳରେ ରାଜନଗର ଓ ମହାକାଳପଡା ବ୍ଲକ ଅଂଚଳର ବ୍ରାହ୍ମଣସାହି, ଡେରା, ଡାଙ୍ଗମାଳ, ହାତିନା, ଗୁପ୍ତି, ସାତଭାୟା, ଇଶ୍ୱରପୁର, କେରୁଆଁପାଳ, ତନ୍ତିଆପାଳ, ବଡିଘର ପ୍ରଭୃତି ଅଂଚଳର ଚାଷୀ ବହୁ କ୍ଷତି ସହୁଛନ୍ତି । ତେବେ ଜଙ୍ଗଲ ବିଭାଗ ପକ୍ଷରୁ କୁହାଯାଇଛି ଯେ, ନଭେମ୍ବର ମାସରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ବାରହାଙ୍କ ପ୍ରଜନନ ସମୟ ହୋଇଥିବାରୁ ସେମାନେ ପ୍ରଚୁର ଖାଦ୍ୟ ଆବଶ୍ୟକତା କରିଥାନ୍ତି । ତେଣୁ ନଭେମ୍ବର ମାସରୁ ଧାନ ପାଚିଲେ ସେମାନେ ଧାନ କ୍ଷେତ ମୁହାଁ ହେଉଛନ୍ତି । ଏଥିସହିତ ଏହି ସମୟରେ ସେମାନଙ୍କର ଆକ୍ରମଣ ପ୍ରବୃତ୍ତି ବୃଦ୍ଧି ପାଇଥାଏ ।

ବନବିଭାଗ ପକ୍ଷରୁ ଏଥିନେଇ ସ୍ଥାନୀୟ ଅଂଚଳରେ ସଚେତନତା ସୃଷ୍ଟି କରାଯାଉଛି । ଏଥିରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସହଯୋଗ ମିଳୁଛି । ଜଙ୍ଗଲର ଆଖପାଖ ଗ୍ରାମ ଗୁଡିକରେ ବନ ବିଭାଗ ପକ୍ଷରୁ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଉତ୍କଟ ସମସ୍ୟା ଘେରରେ ଉତ୍କଳ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୨୮।୧୧**
**ତଥ୍ୟ**

ଓଡ଼ିଶାର ସର୍ବପୁରାତନ ଉତ୍କଳ ବିଶ୍ୱବିଦ୍ୟାଳୟ ତାହାର ପ୍ରତିଷ୍ଠାର ୮୩ବର୍ଷ ପୂର୍ତ୍ତି କରିବା ଅବସରରେ ଏହାକୁ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କର ସ୍ୱପ୍ନର ବିଶ୍ୱବିଦ୍ୟାଳୟ ଏବଂ ସଫଳତାର ସ୍ୱପ୍ନପଥ ବୋଲି ଉଲ୍ଲେଖ କରି ବିଜ୍ଞାପନ ଛପାଯାଇଛି । ତେବେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଅଭାବରୁ ଏହି ଗୌରବାବହ ଶିକ୍ଷାନୁଷ୍ଠାନ ଏବେ ଉତ୍କଟ ସଂକଟ ମଧ୍ୟରେ ଗତି କରୁଛି ।

ଏଠାରେ ଉଲ୍ଲେଖନୀୟ ଯେ ବିଶ୍ୱନାଥ ଦାଶଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଯେଉଁ ଉଦ୍ୟମ ଆରମ୍ଭ ହୋଇଥିଲା ତାହା ସଫଳ ହୋଇଥିଲା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ସରକାରରେ ପଣ୍ଡିତ ଗୋଦାବରିଶ ମିଶ୍ର ଶିକ୍ଷା ମନ୍ତ୍ରୀ ଥିବାବେଳେ ୧୯୪୩ ଜୁନ୍ ୩୦ ତାରିଖରେ ଏ ସଂକ୍ରାନ୍ତୀୟ ବିଧେୟକ ଗୃହୀତ ହେବା ସହ ରାଜ୍ୟପାଳଙ୍କ ସ୍ୱୀକୃତି ଲାଭ କରିବା ପରେ କଟକର ରେଭେନ୍ସା କଲେଜ୍ ସୌଧରେ ୧୯୪୩ ନଭେମ୍ବର ୨୭ ତାରିଖରେ ଉତ୍କଳ ବିଶ୍ୱବିଦ୍ୟାଳୟ ଜନ୍ମ ନେଇଥିଲା ।

ରାଜ୍ୟର ଏହି ପ୍ରଥମ ବିଶ୍ୱବିଦ୍ୟାଳୟରେ ଚିନ୍ତାମଣି ଆଚାର୍ଯ୍ୟ, ପ୍ରାଣକୃଷ୍ଣ ପରିଜାଙ୍କଠାରୁ ଆରମ୍ଭ କରି ମନ୍ମଥନାଥ ଦାସ, ମହେନ୍ଦ୍ର କୁମାର ରାଉତ, ବିଦ୍ୟାଧର ମିଶ୍ର, ଗୋକୁଳାନନ୍ଦ ଦାସଙ୍କ ଭଳି ବହୁ ପ୍ରଥିତଯଶା ଶିକ୍ଷାବିତ୍ କୁଳପତି ଭାବେ ବିଭିନ୍ନ ସମୟରେ ଦାୟିତ୍ୱ ନିର୍ବାହ କରିଛନ୍ତି । ତେବେ ବର୍ଷାଧିକ କାଳ ଧରି ଉତ୍କଳ ବିଶ୍ୱବିଦ୍ୟାଳୟର ନିୟମିତ କୁଳପତି ନଥିବାବେଳେ ଏବେ ତାହା ଭାରପ୍ରାପ୍ତ କୁଳପତିଙ୍କ ତତ୍ତ୍ୱାବଧାନରେ ଚାଲୁଛି । ଉତ୍କଳ ସମେତ ରାଜ୍ୟର ଅନ୍ୟୁନ ୧୫ଟି ସରକାରୀ




ବିଶ୍ୱବିଦ୍ୟାଳୟରେ ଏବେ ନିୟମିତ କୁଳପତି ନାହାନ୍ତି ।

ଉଚ୍ଚଶିକ୍ଷା ବିଭାଗ ନିୟନ୍ତ୍ରଣରେ ଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଲାଗି ୨୪୪ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ଥିବାବେଳେ ସେଥିରୁ ୧୨୪ରୁ ଅଧିକ ପଦବୀ ଖାଲି ପଡିଛି । ଏମିତିକି ଏହି ବିଶ୍ୱବିଦ୍ୟାଳୟ ପାଇଁ ଥିବା ୪୬ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର ପଦବୀରୁ ପ୍ରାୟ ୩୫ଟି ଖାଲି ପଡିଥିବାରୁ ଅନେକ ବିଭାଗରେ ପ୍ରଫେସର ନାହାନ୍ତି । ସହଯୋଗୀ ଓ ସହକାରୀ ପ୍ରଫେସର ପଦବୀରୁ ବି ୮୦ରୁ ଅଧିକ ଖାଲି ପଡିଛି । ଉତ୍କଳ ବିଶ୍ୱବିଦ୍ୟାଳୟର ଏଭଳି ଉତ୍କଟ ଅବସ୍ଥାରେ ଭରସା କେବଳ ଅତିଥି ଅଧ୍ୟାପକମାନଙ୍କ ଉପରେ ।

କେବଳ ସେତିକି ନୁହେଁ, ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ୯୮୦ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ଥିବାବେଳେ ସେଥିରୁ ବି ପ୍ରାୟ ୭୭୫ ପଦବୀ ଖାଲି ପଡିଛି ବୋଲି କୁହାଯାଉଛି । କାମ ଚଳାଇବା ପାଇଁ ଅବସରପ୍ରାପ୍ତ ଓ ଠିକା କର୍ମଚାରୀଙ୍କୁ ରଖାଯାଉଛି । ଏହି ବିଶ୍ୱବିଦ୍ୟାଳୟର ସ୍ଥିତି ଏମିତି ବିପର୍ଯ୍ୟସ୍ତ ହୋଇଛି ଯେ ବିଶ୍ୱବିଦ୍ୟାଳୟ ପରିସରରେ ଶିକ୍ଷକ, ପ୍ରଶାସକ ଓ ଅଣଶିକ୍ଷକ କର୍ମଚାରୀଙ୍କ ପାଇଁ ଥିବା କ୍ୱାଟର୍ସଗୁଡ଼ିକ ଭିତରୁ ଅଧିକାଂଶ ଖାଲି ପଡିଥିବାରୁ ତାହାକୁ ଅନ୍ୟମାନେ ଜବରଦଖଲ କରି ଭଡ଼ା ଲଗାଇବା ପର୍ଯ୍ୟନ୍ତ ମଧ କଥା ଯାଇଛି । ଅବଶ୍ୟ ଏହି ସମସ୍ୟା ଉତ୍କଟତର ହେବାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପୁଲିସ ସହାୟତାରେ ଇତିମଧ୍ୟରେ ଅନେକଗୁଡ଼ିଏ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଶୁଣିଲାନି ପ୍ରଶାସନ, କାଠପୋଲ ତିଆରି କଲେ ଗ୍ରାମବାସୀ

**କଲ୍ୟାଣସିଂହପୁର: ଏକ୍ସପ୍ରେସ ନ୍ୟୁଜ୍**

ବାରମ୍ବାର ଦାବି ସତ୍ତ୍ୱେ ଶୁଣିଲାନି ପ୍ରଶାସନ ଏଣୁ ଅସ୍ଥାୟୀ କାଠପୋଲ ତିଆରି କଲେ ଗ୍ରାମବାସୀ। ଏହି ଘଟଣା ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସିଙ୍ଗାରୀ ପଞ୍ଚାୟତ କାଙ୍ଗସେରୀ ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମକୁ ଯିବା ପାଇଁ କଲ୍ୟାଣୀ ନଦୀ ପାର କରିବାକୁ ପଡୁଛି। ବର୍ଷାଦିନେ ଗ୍ରାମବାସୀ ଯାତାୟାତ ନିମନ୍ତେ ନାହିଁନଥିବା ହଇରାଣ ହୋଇଥାନ୍ତି। କାଙ୍ଗସେରୀ ଗ୍ରାମର ୩୨ ପରିବାର ଉକ୍ତ ରାସ୍ତା ଉପରେ ବର୍ଷବର୍ଷ ଧରି ନିର୍ଭରଶୀଳ। ପ୍ରତିଦିନ ବିଭିନ୍ନ କାମରେ ପଞ୍ଚାୟତ ସଦରମହକୁମା ଓ ବିଦ୍ୟାଳୟକୁ ନଦୀ ଭିତର ଦେଇ ଗ୍ରାମବାସୀଙ୍କୁ ଯିବାକୁ ପଡୁଛି।

କାଙ୍ଗସେରି ଗ୍ରାମ ଠାରୁ ସିଙ୍ଗାରି ପଞ୍ଚାୟତ ଯିବାକୁ ହେଲେ ନାଗାବଳି ନଦୀ ପାର ହୋଇ ଏକ କିମି ଯିବାକୁ ପଡୁଛି, ନଚେତ ପ୍ରାୟ ୧୫କିମି ବୁଲି ବୁଲି ଯିବାକୁ ପଡେ। ପୂର୍ବରୁ ସେହି ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ରହିଥିଲା। ବର୍ତ୍ତମାନ ତାହା ବନ୍ଦ କରି ଦିଆଯାଇଛି। ଗ୍ରାମବାସୀ ବରାବର ବ୍ଲକ ଓ ଜିଲ୍ଲା ପ୍ରଶାସନ ନିକଟରେ ପୋଲ ନିର୍ମାଣ ପାଇଁ ଅନୁରୋଧ କରି ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। କିଛିମାସ ତଳେ ପୋଲ ନିର୍ମାଣ ନିମନ୍ତେ ମାଟି ପରୀକ୍ଷା କରି ଚୁପ ବସିଛି ପ୍ରଶାସନ ବୋଲି କହିଛନ୍ତି ଗ୍ରାମର ଲକ୍ଷ୍ମଣ ବାଗ।

ସାତ ବର୍ଷ ହେଲାଣି ପ୍ରତ୍ୟେକ ବର୍ଷ ଗ୍ରାମବାସୀ ମିଳିତ ହୋଇ ଉକ୍ତ ନଦୀରେ ଅସ୍ଥାୟୀ କାଠ ପୋଲ ନିର୍ମାଣ କରି ଆସୁଛନ୍ତି। ଆଜି ପୁଣିଥରେ ଗ୍ରାମବାସୀ ଶ୍ରମଦାନ କରି କାଠପୋଲ ନିର୍ମାଣ କରିଛନ୍ତି ବୋଲି ଗ୍ରାମର ହୁଇକା ରୁପା, ଜାଗଲି ହୁଇକା, ଗୌରବ କୌଶଲ୍ୟା, ସିଦାସ କୌଶଲ୍ୟା, ଲାଞ୍ଜି ବିଦ୍ରାକା ପ୍ରକାଶ କରିଛନ୍ତି।

## ପାରାଦୀପ ବନ୍ଦର ପକ୍ଷରୁ ସମ୍ବିଧାନ ଦିବସ



**ପାରାଦୀପ : ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ ସମ୍ବିଧାନ ପ୍ରଣୟନର ୭୬ ବର୍ଷ ପୂର୍ତ୍ତି ପାଳନ ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଏକ ସ୍ୱତନ୍ତ୍ର ସମାରୋହ ଆୟୋଜିତ ହୋଇଯାଇଛି। ବନ୍ଦର ପ୍ରଶାସନିକ ଭବନ ପରିସରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟଅତିଥି ଭାବେ ବନ୍ଦର ଅଧକ୍ଷ ପିଏଲ୍ ହରନାଦ ଯୋଗଦେଇ ବନ୍ଦର ଅଧିକାରୀ, କର୍ମଚାରୀମାନଙ୍କ ଉପସ୍ଥିତିରେ ସମ୍ବିଧାନ ପାଠ କରିଥିଲେ। ଦେଶର ଉନ୍ନତି ଓ ପ୍ରଗତିରେ ସମ୍ବିଧାନର ଗୁରୁତ୍ୱ ରହିଛି। ଆମ ଦେଶର ଏକତା, ଅଖଣ୍ଡତା ପାଇଁ ସମ୍ବିଧାନ ଗୁରୁତ୍ୱ ବହନ କରେ ବୋଲି ଅଧକ୍ଷ ଶ୍ରୀ ହରନାଦ ବକ୍ତବ୍ୟରେ କହିଥିଲେ। ଆମ ଦେଶର ପୂର୍ବସୂରୀମାନଙ୍କ ଦୂରଦୃଷ୍ଟି ଆମ ଦେଶରେ ଗଣତନ୍ତ୍ରକୁ ଏକ ମଜଭୂତ ସ୍ଥିତ ଦେଇପାରିଛି। ଦେଶର ନାଗରିକମାନଙ୍କ ମୌଳିକ ଅଧିକାରର ସୁରକ୍ଷା ଦେବାରେ ସମ୍ବିଧାନ ଗୁରୁତ୍ୱବହନ କରିଆସିଛି। ଦେଶର ନାଗରିକମାନଙ୍କ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ରକ୍ଷା ଦିଗରେ ଭାରତର ସମ୍ବିଧାନ କାର୍ଯ୍ୟ କରି ଆସୁଛି। ପାରାଦୀପ ବନ୍ଦର ଦେଶର ସମ୍ବିଧାନର ସୁରକ୍ଷା ଦିଗରେ ସବୁବେଳେ କାର୍ଯ୍ୟ କରିଆସିଛି। ଏହି ଅବସରରେ ପାରାଦୀପର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ସମ୍ବିଧାନ ପାଠ କରିଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ଆମ ଦେଶର ଗଣତାନ୍ତ୍ରିକ ଭିତ୍ତିଭୂମି ଉପରେ ଏକ ସ୍ୱତନ୍ତ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।

## ନିଶିକାନ୍ତ କୁମ୍ଭାର ମୃତ୍ୟୁ ପାଇଁ ମ୍ୟୁନିସପାଲିଟି ଦାୟୀ: ନରସିଂହ

**ବଲାଙ୍ଗୀର: ଏକ୍ସପ୍ରେସ ନ୍ୟୁଜ୍**



ମହାରାଣୀ ସାଗର ଦୁର୍ନୀତିର କୁପ୍ରଭାବ ସାଧାରଣ ଜନତାଙ୍କୁ ଗ୍ରାସ କରିବାରେ ଲାଗିଛି। ଅର୍ଥଲୋଭରେ ପୌର ପ୍ରଶାସନ କାମ ପାଇ ଥିଭା ମହିଳା ଏସଏଚଜି ଓ ସେଗୁଡ଼ିକୁ କାର୍ଯ୍ୟକାରୀ କରୁଥିବା ଜଣେ ଠିକାଦାର ସେଷରେ ତୁଳସୀ ନଗର ନିବାସୀ ନିଶିକାନ୍ତ କୁମ୍ଭାରଙ୍କ ଜୀବନ ନେଇଛନ୍ତି। ସେମାନେ ଅର୍ଥ ତୋଷାରପାତ କରିବା ପାଇଁ ଏକ ନିମ୍ନମାନର ବାଉଁଶ ପୋଲ ତିଆରି କରି ସେଠିକାର ଲୋକଙ୍କୁ ସେହି ରାସ୍ତାରେ ଯିବା ଆସିବା ପାଇଁ ବ୍ୟବସ୍ଥା କରିଥିଲେ। ଯାହାଦ୍ୱାରା କି ପୂର୍ବତନ କାଉନସିଲର ନିଶିକାନ୍ତ କୁମ୍ଭାର ସେହି ନିମ୍ନମାନର ପୋଲ ଉପରେ ଯାଉଥିବା ବେଳେ ଗୋଡ ଖସି ତଳେ ପଡି ଯାଇଥିଲେ। ସେଠାରେ ଥିବା ପଥରରେ ମୁଣ୍ଡ ଛେଚି ହୋଇ ତାଙ୍କର ପ୍ରାଣ ବାୟୁ ଉଡିଯାଇଥିଲା। ଏଥିରୁ ସ୍ପଷ୍ଟ ପ୍ରମାଣ ମିଳୁଛି ଯେ ବଲାଙ୍ଗୀର ପୌର ସଂସ୍ଥା, ମହିଳା ଏସଏଚଜି ଏବଂ ଠିକାଦାର ବିଘ୍ନ ମିଶ୍ରଙ୍କ ସାମୁହିକ ଅବହେଳା ଯୋଗୁଁ ନିଶିକାନ୍ତଙ୍କ ଜିବନହାନୀ ଘଟିଛି। ଆଇନ ଅନୁସାରେ କାହାର ଅବହେଳା ପାଇଁ ଯଦି ଜଣେ ବ୍ୟକ୍ତି ପ୍ରାଣ ହରାଏ ତେବେ, ଅବହେଳା କରିଥିବା ସମସ୍ତ ପକ୍ଷଙ୍କ ବିରୁଦ୍ଧରେ ହତ୍ୟା ମୁକଦ୍ଦମା ରୁଜୁ ହେବ। ତେଣୁ ଏମାନଙ୍କ ବିରୁଦ୍ଧରେ ଅତି ଶିଘ୍ର ହତ୍ୟା ମୁକଦ୍ଦମା ରୁଜୁ ହେବା ଉଚିତ ବୋଲି ଶୁକ୍ରବାର ପୂର୍ବତନ ଆଇନ ମନ୍ତ୍ରୀ ଏକ ସାମ୍ବାଦିକ ସମ୍ମିଳଣୀ ଆହ୍ୱାନ କରି ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ମାମଲାରେ ପୀଡିତ ପରିବାର ୨ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷତି ପୂରଣ ଦାବି କରି ପାରିବେ। କେବଳ ଏତିକି ନୁହେଁ ପୂର୍ବରୁ ମଧ୍ୟ ଏହି ଠିକାଦାରଙ୍କ ଜଣେ କର୍ମଚାରୀ କାମ କରୁଥିବା ବେଳେ ବିଜୁଳୀ ଆଘାତରେ ପ୍ରାଣ ହରାଇଥିଲେ। କିନ୍ତୁ ଚଞ୍ଚକତା କରି ପୌରସଂସ୍ଥା ସେହି ଘଟଣାକୁ ଚପାଇ ଦେଇଥିଲା। ତେଣୁ ଉଭୟ ମୃତ୍ୟୁ ଘଟଣା ପାଇଁ ଉପରୋକ୍ତ ତିନି ସଂସ୍ଥା ମାମଲା ଉପରେ ହତ୍ୟା ମାମଲା ରୁଜୁ ହେବା ଆବଶ୍ୟକ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ମହାରାଣୀ ସାଗର କାମ ପାଇଁ ନଗର ଉନ୍ନୟନ ବିଭାଗ ୮ କୋଟି, ଅଟଳ ଯୋଜନାରେ ୮ କୋଟି ୩୩ ଲକ୍ଷ, ତା ଉପରେ ପୁଣି ତତକାଳିନ ରାଜ୍ୟ ସରକାରଙ୍କ ମୋ ପୋଖରୀ ଯୋଜନାରୁ ଅନୁଦାନ ଆସିଛି। କିନ୍ତୁ ମହାରାଣୀ ସାଗରର ବିକାଶ ପରିବର୍ତ୍ତେ ପୌର ସଂସ୍ଥା ଏହାର ବିନାଶ କରିବାରେ ଲାଗିଛି। ତେଣୁ ଦୁର୍ନୀତିରେ ଉବୁଟୁବୁ ଥିବା ଏହି ପ୍ରକଳ୍ପକୁ ନ୍ୟାୟ ପ୍ରଦାନ ପାଇଁ ଶ୍ରୀ ମିଶ୍ର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଶ୍ରୀ ମିଶ୍ର ଉଦବେଗ ପ୍ରକାଶ କରିବା ସହ କହିଥିଲେ ବର୍ତ୍ତମାନ ବିଧାୟକ ନିଜ ନିର୍ବାଚନୀ ପ୍ରତିଶୃତିରେ ୧୦ ଦିନ ଭୀତରେ ବଲାଙ୍ଗୀରକୁ ଅପରାଧ ମୁକ୍ତ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। କିନ୍ତୁ ବର୍ତ୍ତମାନ ବଲାଙ୍ଗୀର ସହର ଅପରାଧି ଓ ନିଶା ବେପାରିଙ୍କ ଭୁସ୍ୱର୍ଗ ପାଲଟିଛି। ଦିନ ଦ୍ୱିପହରେ ହତ୍ୟା ଘଟଣା ଘଟେଇ ଅପରାଧି ସ୍ୱଛନ୍ଦରେ ଫେରାର ମାରି ପାରୁଛି। ଲୋକଙ୍କୁ ଏପରି ମିଥ୍ୟା ପ୍ରତିଶୃତି ପାଇଁ ଜନ ପ୍ରତିନିଧି ଉତ୍ତରଦାୟୀ ରହିବା ସହ ଇସ୍ତାପା ଦିଅନ୍ତୁ ବୋଲି କହିଥିଲେ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କେନ୍ଦ୍ର ସରକାର ଯେତେ ବଢାଉଛନ୍ତି ରାଜ୍ୟ ସରକାର ଦେଉଥିବା ବୋନସରୁ ସେହି ମୂଲ୍ୟ କାଟିଦେବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମିଶ୍ର କ୍ଷୋଭର ସହ କହିଥିଲେ। କେନ୍ଦ୍ର ସରକାର ବଢାଇଥିବା ୬୯ ଟଙ୍କା ଚାଷୀର ହକ ଅଟେ। ରାଜ୍ୟର କୌଣସି ଅଧିକାର ନାହିଁ ଯେ ସେ ଏହି ଅର୍ଥ ବୋନସରୁ କାଟି ଦେବ। ଏଥିରୁ ଚାଷୀକୁଳ ପ୍ରତି ଏମାନଙ୍କ ଅସୁଆ ଭାବ ସ୍ୱଷ୍ଟ ଜଣା ପଡୁଛି। ମୁଁ ଦାବି କରୁଛି ଏମଏସପିରେ ବଢିଥିବା ୬୯ ଟଙ୍କା ଚାଷୀଙ୍କ ଏକାଉଣ୍ଟକୁ ତୁରନ୍ତ ରାଜ୍ୟ ସରକାର ପ୍ରଦାନ କରନ୍ତୁ। ତାସହ ଧାନ କିଣା କେନ୍ଦ୍ରମାନଙ୍କରେ ସିସି କ୍ୟାମେରା ଏବଂ ଅଣ ଏଫଏକ୍ୟୁରୁ ଏଫଏକ୍ୟୁ ଧାନ କରିବାର ଉପକରଣ ସମସ୍ତ ମଣ୍ଡିମାନଙ୍କରେ ବ୍ୟବସ୍ଥା କରାଯାଉ। କାରଣ ସରକାରଙ୍କ ନୂଆଁ ନିଷ୍ପତ୍ତି ଅନୁସାରେ ଚାଷୀ ଯଦି ଅଣ ଏଫଏକ୍ୟୁ ଧାନକୁ ଏଫଏକ୍ୟୁ କରିବା ପାଇଁ ଆରଏମସିକୁ ଯିବ ତେବେ ତାହାର ପରିବହନ ଖର୍ଚ୍ଚ ପାଇଁ ଚାଷୀ ଅନେକ କ୍ଷତି ସହିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ରଙ୍କ ବ୍ୟତିତ କଂଗ୍ରେସ ନେତା ମନୀଷ ମିଶ୍ର, ସନ୍ତକ ବହିଦାର, ବୁଲୁ ଦାନୀ, ସାନନ୍ଦ ମିଶ୍ର, ଅଙ୍କିତ ସାହୁ, ଚିନ୍ମୟ ବେହେରା, ଅସିତ ମିଶ୍ର, ଲୋପନ ମିଶ୍ର, କୈଳାସ ମିଶ୍ର, ଜୁଲପଟ୍ଟନାୟକ, ମାନସ ମହାନ୍ତି, ଅନ୍ତ ବେହେରା, ଅର୍ଣ୍ଣପୂର୍ଣ୍ଣା ବରିହା, ମୀରା ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରେମିକଙ୍କୁ ପାଇବା ପାଇଁ ପାରି ହେଲେ ସାତ ଦରିଆ



**ଗଜପତି: ଏକ୍ସପ୍ରେସ ନ୍ୟୁଜ୍**

କୁହାଯାଏ ପ୍ରେମ ଅନ୍ଧ। ପ୍ରେମକୁ ପାଇବା ପାଇଁ ଜଣେ କିଛି ବି କରିପାରେ। ପ୍ରେମିକ ହେଉ ବା ପ୍ରେମିକା ମନର ମଣିଷକୁ ପାଇବା ପାଇଁ ସବୁ ପ୍ରକାର ବାଧାବିଘ୍ନ ସାମ୍ନା କରିଥାଏ। ଏପରିକି ସାତ ଦରିଆ ପାରି ହୋଇ ଆସିବା ପାଇଁ ଟିକେ ବି ପଛଘୁଞ୍ଚା ଦିଏନି। ଠିକ୍ ସେମିତି ଘଟିଛି ଜଣେ ବିଦେଶୀ ଝିଅଙ୍କ ସହ।

ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରେ। ନିଜ ପ୍ରେମକୁ ସାକାର କରିବା ପାଇଁ ୟୁରୋପ ସ୍ଲୋଭାକିଆର ଜଣେ ଯୁବତୀ ପାରଳାଖେମୁଣ୍ଡି ଆସିଥିବା ବେଳେ ପ୍ରେମିକ ମଧ ତାକୁ ଗ୍ରହଣ କରିଛନ୍ତି। ବାଜୁଛି ବାଜା, ଫୁଟୁଛି ବାଣ ବେଦୀରେ ପଡ଼ିଛି ହାତଗଣ୍ଠି। ପ୍ରେମିକ ପ୍ରେମିକା ଦୁହେଁ ଦୁହିଁଙ୍କୁ ଜୀବନସାଥୀ ରୂପରେ ପାଇ ବେଶ୍ ଖୁସି ଅଛନ୍ତି।

ଦୀର୍ଘ ବର୍ଷ ଧରି ରାଜୀବଙ୍କ ସଂସ୍ପର୍ଶରେ ରହିବା ପରେ ଏନା ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ମଧ ଭଲ ପାଇ ବସିଥିଲେ। ପରେ ଏ ସମ୍ପର୍କରେ ଉଭୟେ ନିଜ ନିଜ ପରିବାର ଲୋକଙ୍କ ସହ ଆଲୋଚ଼ନା କରିଥିଲେ। ଶୁକ୍ରବାର ହିନ୍ଦୁ ରୀତିନୀତି ଅନୁସାରେ ବିବାହ ସମ୍ପନ୍ନ ହୋଇଛି।

ଏନା ପାରଳାଖେମୁଣ୍ଡିରେ ପହଞ୍ଚିବା ପରେ ରାଜୀବଙ୍କ ପରିବାର ଲୋକେ ମଧ ତାଙ୍କୁ ଗ୍ରହଣ କରିଥିଲେ। ଏହା ସହ ଏନା ବୋହୂଙ୍କ ନାଁ ପରିବର୍ତ୍ତନ କରିଥିଲେ। ଭାରତୀୟ ନାଁ ଦେଇଥିଲେ ଅନନ୍ୟା। ଏହି ନାଁରେ ନିମନ୍ତ୍ରଣ କାର୍ଡ ପ୍ରସ୍ତୁତ କରିଛନ୍ତି। ଏହି ବିବାହ ଉତ୍ସବରେ ସମସ୍ତ ବନ୍ଧୁବାନ୍ଧବ ଓ ପ୍ରିୟଜନ ଯୋଗ ଦେଇଥିବା ବେଳେ ଖୁବ୍ଆଡ଼ମ୍ବର ସହକାରେ ଏହା ଅନୁଷ୍ଠିତ ହୋଇଛି। ଭାରତୀୟ ସଂସ୍କୃତି ପ୍ରତି ଏବେ ବିଭିନ୍ନ ପାଶ୍ଚାତ୍ୟ ଦେଶର ଲୋକେ ଆକୃଷ୍ଟ ହେଉଛନ୍ତି। ଯାହା ଏକ ଖୁସିର କଥା ବୋଲି କହିଛନ୍ତି ବୁଦ୍ଧିଜୀବୀ। ପ୍ରେମକୁ ସଫଳ କରିବା ପାଇଁ ସ୍ଲୋଭାକିଆରୁ ପାରଳାଖେମୁଣ୍ଡି ଭଳି ଏକ ଉପାନ୍ତ ଅଞ୍ଚଳରେ ପହଞ୍ଚିବା ଏବଂ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିବା ଏନାଙ୍କ ସମର୍ପିତ ପ୍ରେମ ଭାବକୁ ଦର୍ଶାଉଛି।

## ଶିକ୍ଷକଙ୍କ ଠାରୁ ନବେ ହଜାର ଲୁଟିନେଲେ ସାଇବର ଠକ

**ଢେଙ୍କାନାଳ: ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷକଙ୍କଠୁ ଲୁଟିନେଲେ ୯୦ ହଜାର ଟଙ୍କା କଙ୍କଡାହାଡ଼ ଥାନା ଅଧିନରେ ଥିବା କଟାପାଳ ୪ ନମ୍ବର କଲୋନୀ ଗ୍ରାମର ଜଣେ ଶିକ୍ଷକଙ୍କ ଠାରୁ ୯୦ ହଜାର ଟଙ୍କା ଲୁଟିନେଲା ସାଇବର ଠକ। ଭୁଲରେ ଆପଣଙ୍କ ଆକାଉଣ୍ଟକୁ ଲକ୍ଷେ ଟଙ୍କା ପଠାଇଛି। ମୋବାଇଲ ମେସେଜ ଯାଇଛି ଦେଖନ୍ତୁ। ଦୟାକରି ମୋ ଟଙ୍କା ମୋତେ ଫେରାଇ ଦିଅନ୍ତୁ। ଜଣେ ବ୍ୟକ୍ତି କାନ୍ଦି କାନ୍ଦି କାକୁତି ମିନତୀ ହୋଇ ଫୋନ କରି ନିବେଦନ କରିଥିଲା। ଶିକ୍ଷକ ଜଣଙ୍କ ଆକାଉଟ ଯାଞ୍ଚ ନକରି ୫ଥରରେ ୯୦ ହଜାର ଟଙ୍କା ପଠାଇ ଦେଇ ଠକାମୀର ଶିକାର ହୋଇଥିଲେ।

ସୂଚନା ଅନୁସାରେ କଂଟାପାଳ କଲୋନୀ–୪ର ଆର କେ ଦଳେଇଙ୍କ ଫୋନକୁ ଏକ ଅଜଣା ନମ୍ବରରେ ଫୋନ ଆସିଥିଲା। ହିନ୍ଦୀରେ କଥାର୍ବା ହେଉଥିଲା ଯୁବକ ଅନ୍ୟ ଆକାଉଣ୍ଟକୁ ଟଙ୍କା ପଠାଉଥିବା ବେଳେ ଭୁଲରେ ତୁମ ଆକାଉଂଟକୁ ୧ ଲକ୍ଷ ଟଙ୍କା ପଳାଇଥିବା କହିଥିଲା। ଶିକ୍ଷକ ଜଣକ ଠକ କଥାକୁ ବିଶ୍ୱାସ କରି ୯୦ ହଜାର ଟଙ୍କା ପଠାଇ ଦେଇଥିଲେ। ଯେତେବେଳେ ବାଲାନ୍ସ ଚେକ କଲେ ଦେଖିବାକୁ ପାଇଲେ ଆକାଉଣ୍ଟ ଖାଲି ହୋଇଯାଇଛି। ମିଛ ମେସେଜ ଦେଖି ଠକି ଯାଇଥିବା ଜାଣିବାକୁ ପାଇଲେ। ତୁରନ୍ତ ଶ୍ରୀ ଦଳେଇ ସାଇବର ହେଲ୍ପ ନମ୍ବର ୧୯୩୦ରେ ଫୋନ କରି ଅଭିଯୋଗ କରିଥିଲେ। ତୁରନ୍ତ ଠକର ବ୍ୟାଙ୍କ ଏକାଉଟକୁ ବ୍ଲକ କରାଯାଇଥିଲା। ମାତ୍ର ସେତେବେଳେକୁ ଠକ ୪୦ ହଜାର ଟଙ୍କା ଉଠାଇ ସାରିଥିଲା। ଶ୍ରୀ ଦଳେଇ ଏ ସମ୍ପର୍କରେ କଙ୍କଡାହାଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

## ନାଟ୍ୟକାର ବିଭୂତିଭୂଷଣ ପଟ୍ଟନାୟକ ଓଡିଶା ସଙ୍ଗୀତ ଏକାଡେମୀ ଦ୍ୱାରା ପୁରସ୍କୃତ

**କଣାସ: ଏକ୍ସପ୍ରେସ୍ ନ୍ୟୁଜ୍**



ପୁରୀ ଜିଲ୍ଲା କଣାସ ବ୍ଲକ ବଡାସ ପଞ୍ଚାୟତ ବୈଦ୍ୟନାଥପାଟଣା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ବିଭୂତିଭୂଷଣ ପଟ୍ଟନାୟକଙ୍କୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପୁରସ୍କୃତ କରାଯାଇଥିବା ଜଣାପଡିଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକାଡେମୀ ଉତ୍ସବରେ ୨୦୨୪ ବର୍ଷ ପାଇଁ ଶ୍ରୀ ପଟ୍ଟନାୟକଙ୍କୁ ମନୋନିତ କରାଯାଇ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପୁରସ୍କୃତ କରିବା ସହିତ ତାଙ୍କର ଦୀର୍ଘନିରାମୟ ଜୀବନ କାମନା କରିଥିଲେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଶ୍ରୀ ପଟ୍ଟନାୟକ ଏକା ଧାରରେ ଜଣେ ଶିକ୍ଷକ, ନାଟ୍ୟକାର, ନିର୍ଦ୍ଦେଶକ ଓ ସମାଜସେବୀ ଭାବରେ ପୁରସ୍କୃତ ହୋଇଥିବାବେଳେ ୨୦୨୦ ମସିହାରେ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ମଧ୍ୟ ସମ୍ମାନିତ ହୋଇଥିଲେ। ଶ୍ରୀ ପଟ୍ଟନାୟକ ଓଡିଶା ସଙ୍ଗୀତ ଏକାଡେମୀ ଦ୍ୱାରା ପୁରସ୍କୃତ ହେବା ପରେ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରୀ ପଟ୍ଟନାୟକଙ୍କୁ ଶୁଭେଛା ଜଣାଇଛନ୍ତି।

## ହିନ୍ଦ ମଜଦୁର ସଭା ଆନୁକୂଲ୍ୟରେ ରବି ରାୟଙ୍କ ଜୟନ୍ତୀ




**ବ୍ରହ୍ମପୁର: ଏକ୍ସପ୍ରେସ୍ ନ୍ୟୁଜ୍**

ସମାଜବାଦୀ ଜନନେତା ତଥା ଲୋକସଭାର ପୂର୍ବତନ ବାଚ୍ସ୍ପତି ରବି ରାୟଙ୍କ ୧୦୦ତମ ଜୟନ୍ତୀ ସ୍ଥାନୀୟ ଆସ୍କା ରୋଡ଼ ତାଲୁକା ଠାରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ହିନ୍ଦ ମଜଦୁର ସଭା ଗଞ୍ଜାମ ଜିଲ୍ଲା ଉପସଭାପତି ନରସିଂହ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରବି ରାୟଙ୍କ ଜୀବନୀ ଚର୍ଚ୍ଚା କରିବା ସହ ସେ ଦେଶର ସ୍ୱାସ୍ଥ୍ୟ ମନ୍ତ୍ରୀ ଭାବେ ନିଜ ଦାୟିତ୍ୱ ପାଳନ କରିଥିଲେ। ପରେ ଲୋକସଭାରେ ବାଚ୍ସ୍ପତି ଭାବେ ଏକମାତ୍ର ଓଡ଼ିଆ ହେବାରେ ଗୌରବ ଅର୍ଜ୍ଜନ କରିଥିଲେ ବୋଲି ହିନ୍ଦ ମଜଦୁର ସଭାର ରାଜ୍ୟ ସମ୍ପାଦକ ସତ୍ୟନାରାୟଣ ତ୍ରିପାଠୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ନିଗମର ଉପାଧକ୍ଷ ନିରଞ୍ଜନ ଜେନା, ଏମ କାଶୀନାଥ, ଅରୁଣ ନାହାକ, ପ୍ରଫୁଲ ଜେନା, ଦିଲ୍ଲିପ ପାତ୍ର, ରାକେଶ ସାହୁ, ଆଲୋକ ବିଶ୍ୱାଳଙ୍କ ସମେତ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ଶିବଶଙ୍କର ବୈଶାଖୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଣିଜ୍ୟ

### ଆଫଗାନିସ୍ତାନ ସହ ଭାରତର ୧୦୦ ମିଲିୟନ ଡଲାର ବାଣିଜ୍ୟ ଚୁକ୍ତି

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଅର୍ଥନୈତିକ ସହଯୋଗର ଏକ ନୂତନ ପର୍ଯ୍ୟାୟ ଆରମ୍ଭ କରି, ଦୁଇ ଦେଶର ପ୍ରମୁଖ ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡ଼ିକ ମଧ୍ୟରେ ୧୦୦ ମିଲିୟନ ଡଲାରର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ପାକିସ୍ତାନର ଆଞ୍ଚଳିକ ବାଣିଜ୍ୟ ପ୍ରଭାବ ଉପରେ ଏକ ବଡ଼ ଝଟକା ବୋଲି ବିବେଚ଼ନା କରାଯାଉଛି।

ଆଫଗାନିସ୍ତାନର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ଅଲହାଜ ନୁରୁଦ୍ଦୀନ ଅଜିଜି ଭାରତ ଗସ୍ତ କରି ବ୍ୟାପକ ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ ପାଇଁ ଆହ୍ୱାନ କରିବାର କିଛି ଦିନ ପରେ ହିଁ ଏହି ବଡ଼ ଚୁକ୍ତି ହୋଇଛି।

ଦୁବାଇରେ ଆଫଗାନ୍ ବାଣିଜ୍ୟ ଦୂତାବାସରେ ଆଫଗାନିସ୍ତାନର ରୋଫି'ସ୍ ଇଣ୍ଟରନ୍ୟାସନାଲ୍ ଗ୍ରୁପ୍ ଅଫ୍ କମ୍ପାନୀଜ୍ ଏବଂ ଭାରତର ଜାଇଡସ୍ ଲାଇଫ୍ ସାଇନ୍ସେସ୍ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ପ୍ରାରମ୍ଭରେ ଭାରତୀୟ କମ୍ପାନୀ ଜାଇଡସ୍ ଆଫଗାନିସ୍ତାନକୁ ଔଷଧ ରପ୍ତାନି କରିବ। ପରେ, କମ୍ପାନୀ ଆଫଗାନିସ୍ତାନକୁ ନିଜର ପ୍ରତିନିଧି କାର୍ଯ୍ୟାଳୟ ସ୍ଥାନାନ୍ତର କରିବ ଏବଂ ସ୍ଥାନୀୟ ସ୍ତରରେ ଔଷଧ ଉତ୍ପାଦନ ଆରମ୍ଭ କରିବ। ଆଫଗାନ୍ ଅଧିକାରୀଙ୍କ ଅନୁଯାୟୀ, ଔଷଧ ଉତ୍ପାଦନ ପାଇଁ ଆବଶ୍ୟକ ଟେକ୍ନିକାଲ୍ ତଥ୍ୟ ଏବଂ ଜ୍ଞାନର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇସାରିଛି।

ଆଫଗାନିସ୍ତାନ ସରକାର ଏହି ଚୁକ୍ତିକୁ ସ୍ୱାସ୍ଥ୍ୟସେବା ମାନରେ ଉନ୍ନତି ଆଣିବା ଏବଂ ନିମ୍ନମାନର ଆମଦାନୀ ହେଉଥିବା ଔଷଧ ଉପରେ ନିର୍ଭରଶୀଳତା ହ୍ରାସ କରିବା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଛନ୍ତି।

ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଏହି ଚୁକ୍ତି ହୋଇଛି, ଯେତେବେଳେ ତାଲିବାନ ସମ୍ପ୍ରତି ପାକିସ୍ତାନ ସହ ବାଣିଜ୍ୟ ଉପରେ ପ୍ରତିବନ୍ଧକ ଲଗାଇଛି ଏବଂ ଆଫଗାନିସ୍ତାନର ଫାର୍ମା କମ୍ପାନୀଗୁଡ଼ିକୁ ତିନି ମାସ ମଧ୍ୟରେ ପାକିସ୍ତାନୀ ଯୋଗାଣକାରୀଙ୍କ ସହ ବ୍ୟବସାୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି। ତେଣୁ, ଭାରତ ସହ ଏହି ନୂତନ ଚୁକ୍ତି ପାକିସ୍ତାନ ପାଇଁ ଏକ ପ୍ରତ୍ୟକ୍ଷ ବାଣିଜ୍ୟିକ କ୍ଷତି ବୋଲି ବିବେଚ଼ନା କରାଯାଉଛି।

## ସିନେମାଫିନେମା ଟିଭିଫିଭି

### ଧର୍ମେନ୍ଦ୍ରଙ୍କ ନିଧନ ପରେ ଭାବୁକ ପୋଷ୍ଟ ସେୟାର କଲେ ହେମା



**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ବଲିଉଡର ହି-ମ୍ୟାନ୍ ଭାବରେ ଜଣାଶୁଣା ବରିଷ୍ଠ ଅଭିନେତା ଧର୍ମେନ୍ଦ୍ର। ତାଙ୍କର ସୋମବାର ପରଲୋକ ହୋଇଛି। ତାଙ୍କ ବିୟୋଗରେ ପୁରାଚ଼ଳଚ୍ଚିତ୍ର ଜଗତ ଶୋକରେ ବୁଡ଼ିଯାଇଛି। କେହି ଏପର୍ଯ୍ୟନ୍ତ ବିଶ୍ୱାସ କରିପାରୁ ନାହାଁନ୍ତି ସେ ଆଉ ଏହି ଦୁନିଆରେ ନାହାନ୍ତି। ଏହି ଦୁଃଖ ସମୟରେ ବଲିଉଡ ଜଗତତାଙ୍କ ପରିବାର ସହିତ ଅଛି। ଏବେପତ୍ନୀ ହେମା ମାଳିନୀଙ୍କ ଏକ ହୃଦୟ ବିଦାରକ ପୋଷ୍ଟ ସାମ୍ନାକୁ ଆସିଛି। ତାଙ୍କ ସ୍ୱାମୀଙ୍କ ମୃତ୍ୟୁର ତିନି ଦିନ ପରେ, ସେ ଏକ ହୃଦୟ ବିଦାରକ ପୋଷ୍ଟ ସେୟାର କରିଛନ୍ତି ଯାହା ସମସ୍ତଙ୍କୁ ଦୁଃଖିତ କରିଛି। ଗୁରୁବାର ଅଭିନେତାଙ୍କ ପାଇଁ ଏକ ପ୍ରାର୍ଥନା ସଭା ମଧ୍ୟ ସ୍ଥିର କରାଯାଇଛି।

ଧର୍ମେନ୍ଦ୍ରଙ୍କୁ ମନେ ପକାଇ ସୋସିଆଲ୍ ମିଡିଆ ଏକ୍ସରେ ସ୍ମୃତି, ଭଲପାଇବା ଓ ସ୍ନେହକୁ ବଖାଣିଛନ୍ତି। ଅନେକ ଫଟୋ ସେୟାର କରି ଏକ ଭାବପ୍ରବଣ ଭରା ଲେଖାରେ ହେମା କହିଛନ୍ତି, ମୋର ବ୍ୟକ୍ତିଗତ କ୍ଷତି ଅବର୍ଣ୍ଣନୀୟ। ଧର୍ମେନ୍ଦ୍ରଙ୍କ ବିୟୋଗରେ ଯେଉଁ ଶୂନ୍ୟତା ସୃଷ୍ଟି ହୋଇଛି ତାହା ସାରା ଜୀବନ ପର୍ଯ୍ୟନ୍ତ ରହିବ। ସେ ଜଣେ ଭଲ ସ୍ୱାମୀ, ଆମର ଦୁଇ ଝିଅଙ୍କ ପାଇଁ ଜଣେ ସ୍ନେହଶୀଳ ବାପା ଥିଲେ। ଜଣେ ବନ୍ଧୁ, ଜଣେ ଦାର୍ଶନିକ, ଜଣେ ମାର୍ଗଦର୍ଶକ, ଜଣେ କବି ଏବଂ ଜଣେ ବ୍ୟକ୍ତି ଯିଏ ମୋର ଆବଶ୍ୟକତା ସମୟରେ ସବୁବେଳେ ମୋ ସହିତ ଛିଡ଼ା ହୋଇଥିଲେ। ତାଙ୍କର ଅନୁପସ୍ଥିତି ଆମ ସମସ୍ତଙ୍କୁ ଦୁଃଖ ଦେଉଛି। ଚ଼ଳଚ୍ଚିତ୍ରରେ ତାଙ୍କର ଫେମ୍ ଏବଂ ସଫଳତା ସବୁଦିନ ପାଇଁ ରହିବ। ଲୋକଲୋଚ଼ନଙ୍କୁ ଆସିନଥିବା ଅନେକ ଫଟୋକୁ ସେୟାର କରି ଭଲପାଇବାର ସ୍ମୃତିକୁ ମନେ ପକାଇଛନ୍ତି ହେମା। ହେମା ମାଳିନୀ ଏବଂ ଧର୍ମେନ୍ଦ୍ରଙ୍କ ଯୋଡ଼ି ବୃତିଗତ ଏବଂ ବ୍ୟକ୍ତିଗତ ଉଭୟ କ୍ଷେତ୍ରରେ ସୁପରହିଟ୍ ଥିଲା। ଉଭୟ ଅନେକ ଚ଼ଳଚ୍ଚିତ୍ରରେ ଏକାଠି କାମ କରିଥିଲେ। ଧର୍ମେନ୍ଦ୍ରଙ୍କ ବିୟୋଗ ପରେ ତାଙ୍କ ଯୋଡ଼ିକୁ ଦର୍ଶକ ମନେପକାଉଛନ୍ତି।

ସେହିପରି ହେମା ତାଙ୍କ ଦ୍ୱିତୀୟ ପୋଷ୍ଟରେ ଅନେକ ଫଟୋ ସେୟାର କରିଛନ୍ତି। ପ୍ରଥମ ଫଟୋରେ ହେମାଙ୍କୁ ଧର୍ମେନ୍ଦ୍ର ଏବଂ ସେମାନଙ୍କ ଦୁଇ ଝିଅ, ଇଶା ଏବଂ ଆହାନା ଦେଓଲଙ୍କ ସହିତ ଦେଖାଯାଇଛି। ଦ୍ୱିତୀୟ ଫଟୋରେ ହେମା ଏବଂ ଧର୍ମେନ୍ଦ୍ର ହସି ପୋଜ୍ ଦେଉଥିବାର ଦେଖିବାକୁ ମିଳିଛି। ତୃତୀୟ ଫଟୋଟି ଏକ ବିବାହ ଉତ୍ସବର ବୋଲି ଜଣାପଡୁଛି। ଚ଼ତୁର୍ଥ ଫଟୋରେ ହେମା କେକ୍ କାଟୁଥିବାବେଳେ ଧର୍ମେନ୍ଦ୍ର ତାଙ୍କ ସହିତ ନିଜସ୍ୱ ଶୈଳୀରେ ପୋଜ୍ ଦେଉଥିବାର ଦେଖାଯାଇଛି। ହେମା ଏହି ଫଟୋର କ୍ୟାପସନ ଦେଇଛନ୍ତି, 'କିଛି ସ୍ମରଣୀୟ ମୁହୂର୍ତ୍ତ...'।

## ବସ୍ ଷ୍ଟାଣ୍ଡ ଗୁଡ଼ିକୁ ଦିନରେ ବି ଯାଉନି ଲକ୍ଷ୍ମୀ ବସ୍

**ଓଡ଼ାପଡ଼ା : ଏକ୍ସପ୍ରେସ ନ୍ୟୁଜ୍**




ପ୍ରତ୍ୟେକ ଗାଁ ଓ ବିଭିନ୍ନ ଅଞ୍ଚଳ ସହ ବ୍ଲକକୁ ଯୋଡିବା ପାଇଁ ଗରିବ ଜନସାଧାରଣ ଓ ମହିଳାମାନଙ୍କ ଗମନାଗମନ ସୁବିଧା ପାଇଁ ପୂର୍ବ ସରକାର ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ସୁଦୂରପ୍ରସାରି 'ଲକ୍ଷ୍ମୀ ବସ' ଚ଼ଳାଚ଼ଳ ଆରମ୍ଭ କରିଥିଲେ। ଯାହାକୁ ବର୍ତ୍ତମାନର ସରକାର ନାମ ପରିବର୍ତ୍ତନ କରି ମୁଖ୍ୟମନ୍ତ୍ରୀ ବସ ସେବା ନାମରେ ନାମିତ କରିଛନ୍ତି। ତେବେ ଜନସାଧାରଣ ଏଥିରେ ବହୁଳମାତ୍ରାରେ ଉପକୃତ ହେଉଛନ୍ତି। ବସ ଗୁଡିକ ବ୍ଲକ ହେଡକ୍ୱାଟରରେ ରହୁଥିବାରୁ ପ୍ରତ୍ୟେକ ଦିନ ଓଡ଼ାପଡ଼ା ସମେତ ବ୍ଲକର ସବୁ ଅଞ୍ଚଳରୁ ଶହଶହ ମହିଳା ପୁରୁଷ ଓ ଛାତ୍ରଛାତ୍ରୀମାନେ ସକାଳୁ ସନ୍ଧ୍ୟା ଯାଏଁ ଯିବା ଆସିବା କରନ୍ତି। ସରକାର କୋଟି କୋଟି ଟଙ୍କା ବ୍ୟୟ ବରାଦ କରି ଏହି ସବୁ ଅଞ୍ଚଳରେ ବସଷ୍ଟାଣ୍ଡ ମଧ୍ୟ ନିର୍ମାଣ କରିଛନ୍ତି। ଦୁଃଖ ଏବଂ ପରିତାପର ବିଷୟ କିଛି ବସ୍, ସ୍ଥିରୀକୃତ ବସଷ୍ଟାଣ୍ଡ ଗୁଡ଼ିକୁ ନ ଯାଇ ମନ ଇଛା ଅନ୍ୟ ରୁଟ୍‌ରେ ଯିବା ଆସିବା କରୁଛନ୍ତି। ଫଳରେ ସାଧାରଣ ଯାତ୍ରୀଟିଏ ନିଜର ଗନ୍ତବ୍ୟସ୍ଥଳକୁ ଯାଇ ପାରୁନାହିଁ। ଛାତ୍ରଛାତ୍ରୀମାନେ ମଧ୍ୟ କଲେଜ ଯିବା ଆସିବା କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବାଧ ହୋଇ ବେସରକାରୀ ଅଟୋ ଉପରେ ଭରସା କରି ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଖବର ଅନୁସାରେ ସାତ ଗୋଟି ବସ ମଧ୍ୟରୁ ରୁଟ୍ ନମ୍ବର ୩ ଦେଇ ଯାଉଥିବା (ଓଡି ୦୬ ଏନ ୧୩୧୬) ବସଟି ଓଡ଼ାପଡ଼ା ବ୍ଲକ ଠାରୁ ନିମିଧା ପର୍ଯ୍ୟନ୍ତ ଭାୟା ବାଙ୍ଗୁରସିଂହ, ପନେଇଲୋ, ଏକଘରିଆ, ଶରଣ ଶ୍ରୀକ୍ଷେତ୍ର, ନାଧରା, ତଳବାଘଲୁଣ୍ଡା, ଗୁଡ଼ିଆ କାଟେଣି, ହାଣ୍ଡିଫୁଟା, ବଦାଲୁ, ରାଧାଘର, ବିଶ୍ୱନାଥପୁର ଦେଇ ଶେଷରେ ନିମିଧା ଯିବାକୁ ସରକାର ସ୍ଥିର କରିଥିବା ବେଳେ, ବସ କର୍ମଚ଼ାରୀ ଓ ତାଙ୍କର ଉପରିସ୍ଥ ଅଧିକାରୀଙ୍କ ମନମାନି ଓ ଦାୟିତ୍ୱହୀନତା ଯୋଗୁଁ ଦୀର୍ଘ ମାସଧରି ଜାଣି ଶୁଣି ବାଙ୍ଗୁରସିଂହ, ପନେଇଲୋ, ଏକଘରିଆ, ଶରଣ ଶ୍ରୀକ୍ଷେତ୍ର, ନାଧରା, ତଳବାଘଲୁଣ୍ଡା ନ ଯାଇ ସିଧାସଳଖ ଗତିପଥ ପରିବର୍ତ୍ତନ କରି ମନଇଛା ପରିବହନ କରାଯାଉଥିବା ଅଭିଯୋଗ ହୋଇଆସୁଛି। ସେଇଭଳି ରୁଟ୍ ନମ୍ବର ୪ ଦେଇ ଯାଉଥିବା (ଓଡି ୦୬ ଏନ୍ ୯୧୪୭ ନମ୍ବର) ବସ ତେନ୍ତୁଳିଆପଡା, ରସାସିଙ୍ଗ ଓ ପସାସିଙ୍ଗ ଦେଇ ଯିବାର ନିୟମ ଥିଲେ ମଧ ଦିନେ ହେଲେବି ଏସବୁ ବସଷ୍ଟାଣ୍ଡକୁ ବସ ଯାଉନଥିବା ଅଭିଯୋଗ ହେଉଛି। ଫଳରେ ଉକ୍ତ ଅଞ୍ଚଳର ଜନସାଧାରଣ ସରକାରଙ୍କର ଏହି ସବୁ ସୁବିଧାରୁ ବଞ୍ଚିତ ହେଉଛନ୍ତି। ସ୍ଥିର କରାଯାଇଥିବା ଗତିପଥରେ ନଯାଇ ସର୍ଟକଟ ରାସ୍ତାରେ ଜାଣିଶୁଣି ପରିବହନ କରି ଡିଜେଲ ବଞ୍ଚାଇ ନିଜ ପକେଟ ଗରମ କରୁଥିବାର ଅଭିଯୋଗ ମଧ ହେଉଛି। ଏଠି ପ୍ରଶ୍ନ ଉଠୁଛି ଯଦି ଏହି ସବୁ ରୁଟ୍‌ରେ ବସ ଚ଼ଳାଚ଼ଳ ପାଇଁ ସରକାର ସ୍ଥିର କରିବା ସହିତ ବିଭିନ୍ନ ଅଞ୍ଚଳରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବସଷ୍ଟାଣ୍ଡ ନିର୍ମାଣ କରିଛନ୍ତି, କାହିଁକି ବସ ସେବାରୁ ସାଧାରଣ ଯାତ୍ରୀ ବଞ୍ଚିତ ହେଉଛନ୍ତି କାହିଁକି ଏସବୁ ରୁଟ୍‌କୁ ବସ ନଯାଇ ବସ ଆଗରେ ସମସ୍ତ ବସଷ୍ଟାଣ୍ଡ ଗୁଡିକରେ ବସ ରହୁଛି ବୋଲି ଦର୍ଶାଯାଇଛି।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର । ୨୯ ନଭେମ୍ବର ୨୦୨୫ । ଶନିବାର

# ରାସ୍ତାକଡରେ ବିଷାକ୍ତ ପାଉଁଶର କଳାବଜାରୀ, ପ୍ରଶାସନ ନୀରବ



**୨୮।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ପ୍ରଦୂଷଣ ଦିନକୁଦିନ ଭୟଙ୍କର ରୂପ ଧାରଣ କରୁଥିବା ବେଳେ, ଏବେ ଏକ ନୂଆ ଚିନ୍ତାଜନକ ଅଧ୍ୟାୟ ସମାଜ ଆଗରେ ଉଭା ହୋଇଛି । ବିଷାକ୍ତ ପାଉଁଶ (ଫ୍ଲାଇ ଆସ୍)ର କଳାବଜାରୀ । ସରକାରୀ ଜମି, ରାସ୍ତାକଡ଼ ଓ ଖୋଲା ଜାଗାକୁ ଷ୍ଟକ୍-ୟାର୍ଡ ପରିଚାଳନା କରି ମାଫିଆମାନେ ଦିନଦିପହରରେ ବିଷାକ୍ତ ପାଉଁଶ ପକାଉଛନ୍ତି, ବେଆଇନ ବିକ୍ରି କରୁଛନ୍ତି ଓ ଅବୈଧ ବ୍ୟବସାୟ ଚାଲାଇଛନ୍ତି । କିନ୍ତୁ ପ୍ରଦୂଷଣ ବୋର୍ଡ, ଥାନା ଓ ଜିଲ୍ଲା ପ୍ରଶାସନ ପୂରା ନିରବ ରହିଛି । ପଙ୍କପାଳ-ବଙ୍ଗଳା ଛକ ସହିତ ରାବଣ ଚାରିଛକ ସନ୍ତ୍ୱେ ସୋନାର କଳା ବଜାର ଗଢ଼ିଉଠିଛି । ଜେସିଡିଏଲ୍ କାର୍ଯ୍ୟାଳୟ ପଛପଟିଆ ସରକାରୀ ପଡିଆରେ ଦିନକୁ ୫୦-୭୦ ଟ୍ରକ୍ ପାଉଁଶ ଅବୈଧ ଭାବେ ସେଠାରେ ଠୁଳ କରି ପୁଣି ବଡ଼ ଟ୍ରକ୍‌ରେ ଭରି ଜିଲ୍ଲା ଓ ରାଜ୍ୟ ବାହାରକୁ ପଠାଯାଉଛି । କୌଣସି ଚାଲାନ ନାହିଁ କି ପାସ୍ ନାହିଁ, କୌଣସି ଅନୁମତି ନାହିଁ, ସରକାରୀ ଜମିକୁ ମନଇଚ୍ଛା ବେଆଇନ ବ୍ୟବହାର କରିବା । ସାଧାରଣଙ୍କ ଆଖିଆଗରେ ଏହି ବେଆଇନ ବ୍ୟବସାୟ ଚାଲିଥିଲେ ମଧ୍ୟ ପ୍ରଶାସନ ଏଥିରେ ପୂରା ନିରବ ରହିବା ସାଧାରଣରେ ହେଉଛି ଅଭିଯୋଗ । ସ୍ଥାନୀୟଙ୍କ ମତ- ନାମୀ ବ୍ୟକ୍ତିଙ୍କର ସହଯୋଗ କେତେକ ଅସାଧୁ କର୍ମଚାରୀ ପାଉଁଶ ମାଫିଆ ସିଣ୍ଡିକେଟ୍ । ପ୍ରଦୂଷଣର ଦାରୁଣ ପ୍ରଭାବ- ପିଲା, ମହିଳା, ବୃଦ୍ଧ ସବୁଠୁ ଅଧିକ ଆକ୍ରାନ୍ତ ସ୍ଥାନୀୟ ଅଞ୍ଚଳରେ ପ୍ରତିଦିନ ନୂତନ ରୋଗୀ ସଂଖ୍ୟାରେ ବୃଦ୍ଧି ଘଟୁଛି- ଚର୍ମ ରୋଗ, ଯକ୍ଷ୍ମା, କିଡ୍‌ନୀ ସମସ୍ୟା, ଜଣ୍ଡିସ, ଶ୍ୱାସ ସମସ୍ୟା ଏବଂ ବହୁ ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ଅକାରଣରେ ମୃତ୍ୟୁମୁଖରେ ପଡୁଛନ୍ତି । ସ୍ଥାନୀୟଙ୍କ ଅଭିଯୋଗ- ପିଲା-ମହିଳା ସାଧାରଣ ଲୋକେ ଧୂଳିଧୂଆଁରେ ପ୍ରତିଦିନ ଆକ୍ରାନ୍ତ, ପ୍ରଶାସନ ଶୋଇଛି । କାରଖାନା ଓ ପ୍ରଦୂଷଣ ବୋର୍ଡ ଉପରେ ଗୁରୁତର ଅଭିଯୋଗ ମଧ୍ୟରେ କାହିଁକି ପାଉଁଶ ପରିବହନର ଅନଲାଇନ୍ ରେକର୍ଡ ହେଉନାହିଁ ? କାହିଁକି ପାଉଁଶ ଉତ୍ପାଦନ-ପରିବହନ ଉପରେ ମନିଟରିଂ ହେଉନାହିଁ ? ସରକାରୀ ଜମି ଡମ୍ପିଂ ଉପରେ କୌଣସି ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ କାହିଁକି ଶୂନ୍ୟ ? ଏହି ସବୁ ପ୍ରଶ୍ନ ଏବେ ପ୍ରଶାସନର କାର୍ଯ୍ୟଦକ୍ଷତାକୁ ଖୋଲା ମଞ୍ଚରେ ଆଲୋଚନା ଅଭିଯୋଗର ଖୋରାକ ଯୋଗାଉଛି । ସରକାରୀ ଜମିରୁ ବିଷାକ୍ତ ପାଉଁଶ ତୁରନ୍ତ ହଟାନ୍ତୁ ଡିପିସିବି ଦ୍ୱାରା ସ୍ୱତ୍-ତଦନ୍ତ ଓ କଡା କାର୍ଯ୍ୟାନୁଷ୍ଠାନ ନିଅନ୍ତୁ । କାରଖାନାରୁ ବାହାରୁଥିବା ପାଉଁଶର ଅନଲାଇନ୍ ଟ୍ରାକିଂ କରାଯାଉ । ବାୟୁ ପ୍ରଦୂଷଣର ରିଅଲ୍-ଟାଇମ ମନିଟରିଂ ବସାଯାଉ । କଳା ବଜାରି ସିଣ୍ଡିକେଟ୍ ବିରୋଧରେ ଆଇନ ଅନୁଯାଇ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ ହେଉଛି । ପରିସ୍ଥିତି ଭୟାବହ- ପ୍ରଶାସନ ଶିଘ୍ର କାର୍ଯ୍ୟ ନନେଲେ ଜନରୋଷ ବିସ୍ଫୋରିତ ହେବା ନିଶ୍ଚିତ ହୋଇଛି । ବିଷାକ୍ତ ପାଉଁଶର ଚକ୍ର - ପ୍ରଦୂଷଣ, ରୋଗ, ମୃତ୍ୟୁ, ଅବୈଧ ବ୍ୟବସାୟ କଳିଙ୍ଗନଗରରେ ଏବେ ଦାରୁଣ ଅବସ୍ଥା ସୃଷ୍ଟି କରିଦେଇଛି । ସ୍ଥାନୀୟ ବୁଦ୍ଧିଜୀବୀ, ସମାଜସେବୀ ମହଲର ସ୍ପଷ୍ଟ କହିବା- ସରକାର ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନନେଲେ, ଲୋକ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନି ଦେଇଛନ୍ତି ।

## ଆଜିର ରାଶିଫଳ

| ତାରିଖ | ଶନିବାର- ନବମୀ |
|---|---|
| ୨୯.୧୧.୨୦୨୫ | ନକ୍ଷତ୍ର- ପୂର୍ବଭାଦ୍ର, କୁମ୍ଭଚନ୍ଦ୍ର |



| | |
|---|---|
| ମେଷ | : ମନସ୍ତାପ କରିବେ । |
| ବୃଷ | : ବକେୟା ପଡ଼ିଥିବା ଅର୍ଥ ଲାଭ ହେବ । |
| ମିଥୁନ | : ସୁଖସମ୍ବାଦ ପ୍ରାପ୍ତି ହେବେ । |
| କର୍କଟ | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ହେବ । |
| ସିଂହ | : ଦୁର୍ଘଟଣା ଭୟ ରହିଛି । |
| କନ୍ୟା | : ନୂତନ କର୍ମେ ଖୁସି ହେବେ । |
| ତୁଳା | : ବିନ୍ଧୁ ମିଳନ ହେବ । |
| ବିଛା | : ସାଙ୍ଗସାଥୀରେ ମନାନ୍ତର ବୃଦ୍ଧି ପାଇବ । |
| ଧନୁ | : ବନ୍ଧୁ ଗୃହେ ଆଗମନ କରିବେ । |
| ମକର | : କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ। |
| କୁମ୍ଭ | : କର୍ମକ୍ଷେତ୍ରରେ ବାଧା ଉପୁଜିବ । |
| ମୀନ | : ସୁଖାଦ୍ୟ ପ୍ରାପ୍ତି ହେବେ । |

## ତହସିଲଦାରଙ୍କୁ ସଙ୍ଘବଦ୍ଧ ଆକ୍ରମଣ ଘଟଣାରେ ଆଉ ୬ ଗିରଫ

**ବୈଶିଙ୍ଗା, ୨୮।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଲଘୁ ଖଣିଜ ଚୋରା ଚାଲାଣ ରୋକିବାକୁ ଯାଇ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା ସମେତ ୩ କର୍ମଚାରୀଙ୍କୁ ସଙ୍ଘବଦ୍ଧ ଆକ୍ରମଣ ଘଟଣାରେ ବେତନଟୀ ପୁଲିସ ବୁଧବାର ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଗୁରୁବାର ଆଉ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେଥି ମଧ୍ୟରୁ ଗତ ମଙ୍ଗଳବାର ରାତି ୮ ମଧ୍ୟରେ ବଡ଼ସାହି ଥାନା ଅଧୀନ ବର୍ତନା ଗ୍ରାମର ଦୁଇ ଅଭିଯୁକ୍ତ ପ୍ରଶାନ୍ତ ଗାଆଣ ଏବଂ ସୁଶାନ୍ତ ଗାଆଣଙ୍କୁ ଗିରଫ କରିଥିଲା ବେଳେ ସେହି ମଙ୍ଗବାର ମଧ୍ୟରାତ୍ରି ରେ ଅନ୍ୟ ଜଣେ ଅଭିଯୁକ୍ତ ବାରିପଦାର ୨୦ ନମ୍ବର ୱାର୍ଡ ର ଶୂନଗଡ଼ିଆ ଅଞ୍ଚଳର ମାଜାହାଲ ହୁସେନ (୩୭) ବାଲି କାରବାରର ମୁଖ୍ୟ କୁ ଗିରଫ କରି ବୁଧବାର ଦିନ କୋର୍ଟ ଚାଲାଣ କରାଯାଇଥିଲା । ଗୁରୁବାର ଦିନ ଚଢ଼ାଉ କରି ପୋଲିସ ଆଉ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଅଭିଯୁକ୍ତ ମାନେ ହେଲେ ବଡ଼ସାହି ଥାନା ଅଧୀନ କୁଳିଅଣା ଗ୍ରାମର ସୁମନ୍ତ ନାୟକ (୪୦), ରାଜୀବ ଲୋଚନ ସେନାପତି (୩୦), ଦୁର୍ଗା ଚରଣ କୁଅଁର (୨୪), ନିଶ୍ଚିନ୍ତପୁର ଗ୍ରାମର ଦେବାଂଶୁ ଜେନା (୩୪), ବୈଶିଙ୍ଗା ଥାନା ଜାମନଣ୍ଡା ଗ୍ରାମର ପ୍ରଦ୍ୟୁମ୍ନ ବେହେରା (୨୧), ଖୁଣ୍ଟା ଥାନା ଅଧୀନ ବଡ଼ଫେଣୀ ଗ୍ରାମର ବିସ୍ମୟ ରଞ୍ଜନ ମହାନ୍ତ (୪୦) । ଏମାନଙ୍କୁ ଶୁକ୍ରବାର ଦିନ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି । ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ଥାନାରେ ମୁତୟନ କରାଯାଇଛି । ଆଗାମୀ ଦିନରେ ଅନ୍ୟ ଫେରାର ଆସାମୀ ମାନଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରି ରଖିଥିବା ଜଣାପଡିଛି । ବାଲି ମାଫିଆ ପ୍ରଶାସନର ନିଦ ହଜାଇ ଦେଇଥିବା ଯୋଗୁ ବାଲି ମାଫିଆଙ୍କୁ ସାବାଡ଼ କରିବା ନିମନ୍ତେ ଜିଲାପାଳ ହେମକାନ୍ତ ସୟଙ୍କ ନିର୍ଦ୍ଦେଶ କ୍ରମେ ସଦର ଉପ ଜିଲାପାଳ ଡ଼.ଦୟାସିନ୍ଧୁ ପରିଡାଙ୍କ ନେତୃତ୍ୱରେ ଗୁରୁବାର ବାରିପଦା ଓ ବେତନଟୀ ତହସିଲଦାର, ଖଣି ବିଭାଗ ପକ୍ଷରୁ ପୁଲିସ ସହଯୋଗରେ ଜମଦାପାଳ, କାଞ୍ଚନପାଳ, ବାଲିପାଳ, ଭୋଦୁଶୋଳ, ହାତୀକୁଟ ପ୍ରଭୃତି ସ୍ଥାନରେ ଅଚାନକ ଚଢ଼ାଉ କରି ୪୫୦ କିଉବିକ ମିଟର ବାଲି ସହ ଗୋଟିଏ ଜେସିବି ଜବତ କରିଛନ୍ତି । ଏହି ଭଳି ଚଢ଼ାଉ ଅପରେସନ ବାଲି ମାଫିଆ ଜାରି ରହିବ ବୋଲି ଉପଜିଲାପାଳ ଡ. ପରିଡା ପ୍ରକାଶ କରିଛନ୍ତି ।

## ଚେକ ବାଉନ୍ସ, ୩ ମାସ ଜେଲ ଦଣ୍ଡାଦେଶ

**ଭଣ୍ଡାରୀପୋଖରୀ, ୨୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ଖପୁରିଆପଦା ଗ୍ରାମର ସୁମନ୍ତ ଶେଖର ପଣ୍ଡାଙ୍କୁ ଚେକ ବାଉନ୍ସ ମାମଲାରେ ୩ ମାସ ଜେଲ ଦଣ୍ଡାଦେଶ ହୋଇଥିବା ଜଣାଯାଇଛି। ନାଆମୀ ସେବା ସମବାୟ ସମିତିକୁ ଋଣ ପରିଶୋଧ କରିବା ପାଇଁ ପ୍ରଦାନ କରିଥିବା ଚେକ ବାଉନ୍ସ ହୋଇଥିବା ମାମଲାର ବିଚାର କରି ଭଦ୍ରକ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ-୨ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ବିବରଣୀରୁ ପ୍ରକାଶ ଯେ ଅଭିଯୁକ୍ତ ସୁମନ୍ତ ଗତ ୨୦୦୬ ମସିହା ଜୁଲାଇ ୩୧ ତାରିଖରେ ନାଆମୀ ସମବାୟ ସମିତିରୁ ୪ ଲକ୍ଷ ୨୦ ହଜାର ଟଙ୍କ ଋଣ ନେଇଥିଲେ। ଋଣ ଚୁକ୍ତି ମୁତାବକ ଧାର୍ଯ୍ୟ ସମୟସୀମା ମଧ୍ୟରେ ଅଭିଯୁକ୍ତ ସୁଧମୂଳ ଫେରସ୍ତ କରିନଥିଲେ। ମାତ୍ର ଋଣ ପରିଶୋଧ ପାଇଁ ଅଭିଯୁକ୍ତ ୫ଲକ୍ଷ ୩୫ ହଜାର ୧୫୦ ଟଙ୍କା ମୂଲ୍ୟର ୦୯୫୧୪୨ନଂ ଚେକ ଯୋଗେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖାକୁ ୨୦୧୩ ଜୁନ ୫ ତାରିଖରେ ପ୍ରଦାନ କରିଥିଲେ। ଅର୍ଥ ଉଠାଣ ପାଇଁ ଏହି ଚେକ ସଂପୃକ୍ତ ବ୍ୟାଙ୍କ ଶାଖାରେ ପରଦିନ ଦାଖଲ ହୋଇଥିଲା। ମାତ୍ର ବ୍ୟାଙ୍କ ଜମାଖାତାରେ ଅର୍ଥ ନଥିବାରୁ ସଂପୃକ୍ତ ଚେକ ଯେଗେ ଅର୍ଥ ଉଠାଣ ହୋଇ ପାରିନଥିଲା। ଏ ସମ୍ପର୍କରେ ଅଭିଯୁକ୍ତଙ୍କୁ ୨୦୧୩ ଜୁନ ୨୪ ତାରିଖରେ ଓକିଲ ନୋଟିସ ଯୋଗେ ଜଣାଇ ଦିଆଯାଇ ଅର୍ଥ ପୈଠ ପାଇଁ ସୁଯୋଗ ଦିଆଯାଇଥିଲା। ଅଭିଯୁକ୍ତ ଏହାକୁ କର୍ଣ୍ଣପାତ କରିନଥିଲେ। ନାଆମୀ ସେବା ସମବାୟ ସମିତି ପକ୍ଷରୁ ଭଦ୍ରକ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ-୨ନଂଙ୍କ ଅଦାଲତରେ କମ୍ପ୍ଲେଂଟ କେସ ନଂ୯୭୩/୨୦୧୩ ଦାୟର କରାଯାଇଥିଲା। ଏହାର ବିଚାର କରି ଗତ ଅଗଷ୍ଟ ୭ ତାରିଖରେ ଚେକ ବାଉନ୍ସ ମାମଲାରେ ଦୋଷୀ ସାବ୍ୟସ୍ତ କରି ୩ ମାସ ଜେଲ ଦଣ୍ଡାଦେଶ ଶୁଣାଇଥିବା ଜଣାଯାଇଛି।

## ଅନ୍ୟ ଜାତିର ଝିଅକୁ ବାହା ହେଲେ ବୋଲି ଅତିରିକ୍ତ ତହସିଲଦାରଙ୍କ ପରିବାରକୁ ବାସନ୍ଦ

**ବ୍ରହ୍ମପୁର, ୨୮।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲାର ଆସିକା ଅତିରିକ୍ତ ତହସିଲଦାର ସୌଦାଗର ବେହେରାଙ୍କ ପରିବାରକୁ କୁଳସମାଜ ପକ୍ଷରୁ ଅପମାନ କରାଯିବା ସହିତ ବିବାହ ଭୋଜି କାର୍ଯ୍ୟରେ ବାସନ୍ଦ କରାଯାଇଥିବା ନେଇ ଛତ୍ରପୁର ଥାନାରେ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଛତ୍ରପୁର ଥାନା ଅନ୍ତର୍ଗତ ମୁନିସିପେଣ୍ଟ ଗ୍ରାମରେ ଅତିରିକ୍ତ ତହସିଲଦାର ଶ୍ରୀ ବେହେରାଙ୍କ ଘର । ସେ ଅନ୍ୟ ଏକ ଜାତିର ଝିଅକୁ ବିବାହ କରିଥିବାରୁ କୈବର୍ତ୍ତ ସମାଜ ପକ୍ଷରୁ ଅତିରିକ୍ତ ତହସିଲଦାରଙ୍କ ପରିବାରକୁ କୈବର୍ତ୍ତ କୁଳ ସମାଜ ପକ୍ଷରୁ ଏପରି କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ ଅତିରିକ୍ତ ତହସିଲଦାରଙ୍କ ପିତା ବିଜୟ ବେହେରା ଛତ୍ରପୁର ଥାନାରେ ଲିଖିତ ଭାବେ କୈବର୍ତ୍ତ ସମାଜ ଭଦ୍ର ବ୍ୟକ୍ତିଙ୍କ ନାମରେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ କୈବର୍ତ୍ତ ସମାଜ ପକ୍ଷରୁ ଅତିରିକ୍ତ ତହସିଲଦାର ପରିବାରକୁ କୁଳରୁ ବାସନ୍ଦ କରାଯାଇ ନାହିଁ, ଏହା ଭିତ୍ତିହୀନ ବୋଲି କହିଛନ୍ତି ସଭାପତି ରମେଶ ବେହେରା । ଏନେଇ ଛତ୍ରପୁର ଥାନାରେ ଉଭୟ ପକ୍ଷକୁ ନେଇ ଆଲୋଚନା ଚାଲିଥିଲା । ଦୀର୍ଘ ସମୟ ଆଲୋଚନା ପରେ ମଧ କୌଣସି ସମାଧାନର ବାଟ ଫିଟିନିଥିଲା । ପରବର୍ତ୍ତୀ ସମୟରେ କୈବର୍ତ୍ତ ସମାଜର ମହାସଭାର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଘଟଣା ସଂପର୍କରେ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି । ସେହିପରି ଛତ୍ରପୁର ଥାନାରେ ଏସଂକ୍ରାନ୍ତରେ କୌଣସି ମାମଲା ରୁଜୁ ହୋଇନଥିବା ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ କହିଛନ୍ତି । ଅତିରିକ୍ତ ତହସିଲଦାରଙ୍କ ବାପା ବିଜୟ ବେହେରା ଅଭିଯୋଗ ଅନୁସାରେ ଗତ ଫେବୃଆରୀ ମାସରେ ଅତିରିକ୍ତ ତହସିଲଦାର ତଥା ମୁନିସିପେଣ୍ଟ ନିବାସୀ ସୌଦାଗର ବେହେରା, ଅନ୍ୟ ଜାତିର ଝିଅକୁ ବିବାହ କରିଥିଲେ । ଘଟଣାକୁ ବିଜୟ ତାଙ୍କ କୈବର୍ତ୍ତ କୁଳ ସମାଜକୁ ଜଣାଇଥିଲେ । କୁଳ ସମାଜ ତାଙ୍କୁ କହିଥିଲା ଯେ ତମେ ପୁଅ – ବୋହୂଙ୍କୁ ଛାଡିବ ନା କୁଳକୁ? ସେ କହିଥିଲେ ଯେ ଉଭୟଙ୍କୁ ଧରି କରିବି, ଏହାପରେ ତାଙ୍କ ପୁଅ-ବୋହୂଙ୍କୁ ପୁରୀ ଯାଇ ଜାତି କରିବାକୁ ମଧ କୁହାଯାଇଥିଲା । ଗତ ୨୩ ତାରିଖ ଦିନ କୁଳର ଜୈନକ ବିବାହ କାର୍ଯ୍ୟକ୍ରମରେ ବିଜୟ ଯୋଗଦେଇଥିବାରୁ ତାଙ୍କୁ ସମାଜର ଭଦ୍ରବ୍ୟକ୍ତିମାନେ ଅପମାନିତ କରି ଭୋଜିକୁ ବାରଣ କରିଥିଲେ। ସେଠାରୁ ଚାଲିଯିବାକୁ କହିଥିଲେ । ଏହାକୁ ସେ ସହ୍ୟ କରିନପାରି ନ୍ୟାୟ ନିମନ୍ତେ ଛତ୍ରପୁର ଥାନାର ଦ୍ୱାରସ୍ଥ ହୋଇଥିଲେ । ଅନ୍ୟପଟେ କୁଳ ସମାଜ ଯେଉଁ ଲୋକଙ୍କ ବିବାହ କାର୍ଯ୍ୟକ୍ରମ ସେ ବିଜୟଙ୍କ ପରିବାରଙ୍କୁ ନିମନ୍ତ୍ରଣ କରି ନଥିଲେ, ସେଥିପାଇଁ ସେମାନଙ୍କୁ ବାରଣ କରାଯାଇଥିଲା, ତାଙ୍କୁ ସମାଜରୁ କୌଣସି ପ୍ରକାର ବାସନ୍ଦ କରାଯାଇ ନାହିଁ କୁଳ ସମାଜ ର କର୍ମକର୍ତ୍ତାମାନେ କହିଛନ୍ତି ।



## କୁକୁର ମୁହଁରେ ନବଜାତ ମୃତ ଶିଶୁ, ଉଦ୍ଧାର କଲା ପୋଲିସ

**କବିସୂର୍ଯ୍ୟନଗର, ୨୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାସ୍ତାରେ ପଡିଛି ନବଜାତ ଶିଶୁ କନ୍ୟାର ମୃତଦେହ । ପୁଣି ଅଲୋଡ଼ା ହେଲା ଶିଶୁକନ୍ୟା । ଏ ହେଉଛି ବର୍ତ୍ତମାନର ସବୁଠୁ ବଡ଼ ଖବର । ଅଲୋଡ଼ା ହେଲା ପୁଣି ଶିଶୁକନ୍ୟା । କୁକୁର ମୁହଁରୁ ଉଦ୍ଧାର କଲେ ଲୋକେ । ଏବେ ପ୍ରଶ୍ନ ଉଠୁଛି କାହାର ଏ ଶିଶୁ କନ୍ୟା । କିଏ ଏଭଳି ଅମାନୁଷିକ କାମ କରିଛି ।? ଏଭଳି ଅଭାବନୀୟ ଘଟଣା ଏବେ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ସହରରେ । କବିସୂର୍ଯ୍ୟନଗର ସହର ବ୍ଲକ ନିକଟରେ ଥିବା ବିଦ୍ୟୁତ ଟ୍ରାସଫର୍ମର ନିକଟରୁ ଏକ ନବଜାତ ଶିଶୁ କନ୍ୟାର ମୃତଦେହକୁ କୁକୁର ନେଇ ଯାଉଥିବା ବେଳେ ଲୋକଙ୍କୁ ଦେଖି ଭୟରେ କୁକୁର ଛାଡି ପଳାଇଥିଲା । ମୃତ ଦେହକୁ କୁକୁର ଝୁଣି ଖାଇଦେଇଥିବା ଦେଖିବାକୁ ମିଳିଛି । ଖବର ପାଇଁ କବିସୂର୍ଯ୍ୟନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିବା ବେଳେ ତନାଘନା କରୁଛି ପୋଲିସ । ବେଟି ବଚାଅ.. ବେଟି ପଢାଅ, ମୋ କନ୍ୟାରତ୍ନ ଯୋଜନା, ଆଇନ ସଚେତନତା ଶିବିର ଭଳି ଅନେକ କାର୍ଯ୍ୟକ୍ରମ କରି ସରକାର ପାଣି ଭଳି ଟଙ୍କା ଖର୍ଚ୍ଚ କରି ସଚେତନତା କରାଯାଉଥିବା ବେଳେ କନ୍ୟା ଭ୍ରୂଣ ହତ୍ୟା ଆଇନ ସମ୍ପର୍କରେ ଗାଁ ଗାଁରେ ପ୍ରଚାର କରାଯାଉଛି । ହେଲେ ଏଠି ପ୍ରଶ୍ନ ଉଠୁଛି କେଉଁଠୁ ଆସିଲା ଏ ମୃତଦେହ, ମେଡିକାଲ କର୍ତ୍ତୃପକ୍ଷଙ୍କ ପାଖରେ ଖବର ଅଛି ନା ନାହିଁ, ନିରପେକ୍ଷ ତଦନ୍ତ କଲେ ଜଣାପଡିବ ବୋଲି କୁହାଯାଉଛି ।

## ଦୁର୍ଘଟଣାର ଦୁଇଦିନ ପରେ ଡାକ୍ତରଖାନାରେ ମୃତ

**ବୈଶିଙ୍ଗା : ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ନଡପୁର ନିକଟରେ ଗତ ୧୬ ତାରିଖରେ ଦୁର୍ଘଟଣାରେ ଗୁରୁତର ଆହତ ବ୍ୟକ୍ତିଙ୍କ କଟକ ବଡ ମେଡିକାଲରେ ମୃତ୍ୟୁକୁ ନେଇ ଆଜି ବୈଶିଙ୍ଗା ଥାନାରେ ଏତଲା ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଏହି ଥାନା ଅଧିନ କୃଷ୍ଣଚନ୍ଦ୍ରପୁର ଗ୍ରାମର ସୁରେନ୍ଦ୍ର ସିଂ (୫୮) ନଡପୁର ହାଟରୁ ସଉଦା କରି ସନ୍ଧ୍ୟା ସମୟରେ ଘରକୁ ଫେରୁଥିବା ବେଳେ ଏକ ବୁଲେଟ ମୋଟର ସାଇକେଲ ପଛ ପଟୁ ସୁରେନ୍ଦ୍ରଙ୍କୁ ଧକ୍କା ଦେଇଥିଲା । ସଙ୍ଗେସଙ୍ଗେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବେତନଟୀ ଡାକ୍ତରଖାନା ନେଇ ପ୍ରାଥମିକ ଚିକିତ୍ସା ପରେ ବାରିପଦା ନେଇ ଯାଇଥିଲେ । ସେଠାରେ ଗୁରୁତର ଥିବା ଜାଣି କଟକ ନେବା ପାଇଁ ରେଫର କରିଦେଇଥିଲେ । କଟକରେ ଚିକିତ୍ସା ପରେ ୧୮ ତାରିଖ ଦିନ ସେଠାରେ ମୃତ୍ୟୁ ହୋଇ ଯାଇଥିଲା । ଏନେଇ ମଙ୍ଗଳାବାଗ ଥାନାରେ ନଂ ୨୬୧୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା ।

## ସ୍ମାର୍ଟ ମିଟର ବିବାଦ : ଜିଲ୍ଲାପାଳଙ୍କୁ ଘେରିଲା ଜିଲ୍ଲା ଉପଭୋକ୍ତା କମିଟି

**ଢେଙ୍କାନାଳ, ୨୮।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**



ଟିପିସିଓଡିଏଲ ପକ୍ଷରୁ ଢେଙ୍କାନାଳରେ ସ୍ମାର୍ଟ ମିଟର ଲଗାଇବା ଘଟଣାକୁ ଢେଙ୍କାନାଳରେ ତୀବ୍ର ବିରୋଧ ହେଉଛି । ଏହା ବିରୁଦ୍ଧରେ ୧୨ଘଂଟିଆ ଢେଙ୍କାନାଳ ବନ୍ଦ ଆନ୍ଦୋଳନର ଅଭୂତପୂର୍ଣ ସଫଳତା ପରେ ଜିଲ୍ଲାବାସୀ ବେଶ ସକ୍ରିୟ ହୋଇପଡିଛନ୍ତି । ତେବେ ଏହି ଘଟଣାରେ ଜିଲ୍ଲାପାଳ ତୁରନ୍ତ ହସ୍ତକ୍ଷେପ କରି ସ୍ମାର୍ଟ ମିଟର ହଟାଯାଉ ବୋଲି ଢେଙ୍କାନାଳ ବାସୀ ଦାବି କରିଆସୁଛନ୍ତି । ଏହି ମର୍ମରେ ଗୁରୁବାର ଆନ୍ଦୋଳନର ନେତୃତ୍ୱ ନେଉଥିବା ଜିଲ୍ଲା ଓକିଲ ସଂଘ ଆହ୍ୱାନରେ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ଶତାଧିକ ଲୋକ କୋର୍ଟ ଛକରୁ ଏକ ପ୍ରତିବାଦ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ପରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେଇ ଆଲୋଚନା କରିଥିଲେ । ତେବେ ଜିଲ୍ଲାପାଳ ଟିପିସିଓଡିଏଲ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦାବି ସମ୍ପର୍କରେ ଜଣାଇବା ସହିତ ଆଲୋଚନା କରି ତାର ସମାଧାନର ବାଟ ବାହାର କରିବେ ବୋଲି ପ୍ରତିଶ୍ରୁତ ଦେଇଛନ୍ତି । ତେବେ ଢେଙ୍କାନାଳ ବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଯଦି ଟିପିସିଓଡିଏଲ ଟାଳଟୁଳ ନୀତି ଅବଲମ୍ବନ କରି ତେବେ ଆଗାମୀ ସମୟରେ ଆନ୍ଦୋଳନ ଭୟଙ୍କର ରୂପ ନେବା ବୋଲି ଚେତାବନୀ ଦିଆଯାଅଛି। ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ଭରତ ଦାସ, ଢେଙ୍କାନାଳ ପୌର ଉପାଧକ୍ଷ ପ୍ରକାଶ କୁଁଅର, ଓକିଲ ସଂଘ ଉପସଭାପତି ଟଙ୍କଧର ବେହେରା,ସମ୍ପାଦକ ତାପସ କବି ଶତପଥି, ସରୋଜ କୁମାର ଶତପଥି,ନିର୍ମଳ ମିଶ୍ର, ସୁରେନ୍ଦ୍ର ପ୍ରସାଦ ମିଶ୍ର, ଭାବଗ୍ରାହୀ ପଣ୍ଡା,ଦୀପକ ପ୍ରସାଦ ପଟ୍ଟନାୟକ, ସୁବୋଧ ମହାନ୍ତିଙ୍କ ସହିତ ଦୁର୍ଗା ଶତପଥୀ, ସୁନୀଲ କୁମାର ଦାଶ, ଦିଲୀପ ସାହୁ, କମଳା ସାହୁ, ଓକିଲ ସଂଘ ଯୁଗ୍ମ ସମ୍ପାଦକ ଉତମ ଦାସ, ମଳୟ ପାଣିଗ୍ରାହୀ, ପ୍ରତାପ ନାରାୟଣ ତ୍ରିପାଠୀ, ଅମ୍ରିତ ଦାସ ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ, ସୁକାନ୍ତ ମିଶ୍ର, ରାଜୀବ ଲୋଚନ ସିଂଦେଓ,ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ଥିଲେ । ଟାଟା ପାୱାର ସ୍ମାର୍ଟ ମିଟର ବିରୋଧୀ ଆନ୍ଦୋଳନ ପାଇଁ ପୁଲିସ ସତର୍କତା । ପୂର୍ବରୁ କୌଣସି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଏତେ ବରିଷ୍ଠ ପୁଲିସ ସଜାଗ ହେବା ଦେଖିବାକୁ ମିଳିନଥିବା ବେଳେ ଆଜି ଏତେ ପୋଲିସ ଫୋର୍ସ ମୁତୟନକୁ ସାଧାରଣରେ ଟାଟା ପାଇଁ ପ୍ରଶାସନର ଚାଟୁକାରିତା ବୋଲି ଚର୍ଚ୍ଚାର ବିଷୟ ପାଲଟିଥିଲା। ଆଜି ଢେଙ୍କାନାଳ ଜିଲ୍ଲାପାଳଙ୍କୁ ଉପଭୋକ୍ତା କମିଟି ଭେଟିବାକୁ ଯିବା ପୂର୍ବ ଓ ପରର ଦୃଶ୍ୟ । ଜଣେ ଅତିରିକ୍ତ ଏସ୍‌ପି, ୫ଜଣ ଡିଏସ୍‌ପି, ୧୦ ଜଣ ଇନ୍ସପେକ୍ଟର, ୧୫ରୁ ଅଧିକ ସବ୍ ଇନ୍ସପେକ୍ଟର ମୁତୟନ ଥିଲେ ।

## ୫୦ ହିତାଧିକାରୀ ଆବାସ ପାଇଁ ଜିଲ୍ଲାପାଳଙ୍କୁ କଲେ ଗୁହାରୀ

**ଅସ୍ତରଙ୍ଗ, ୨୮।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ କେନ୍ଦ୍ରାପାଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ପ୍ରାୟ ୫୦ ଜଣ ଯୋଗ୍ୟ ହିତାଧିକାରୀ ଥିବା ବ୍ୟକ୍ତି ଆବାସ ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଗୁହାରି କରିଛନ୍ତି । ସୂଚନା ଯୋଗ୍ୟ କି କେନ୍ଦ୍ରାପାଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୫୦ ଜଣ ଯୋଗ୍ୟ ହିତାଧିକାରୀ ଥିବା ଲିଖିତ ଅଭିଯୋଗ ଦର୍ଶାଇ ଆମ୍ଭ ମାନଙ୍କୁ ଆବାସ ମିଳିବ କହି ସରକାରୀ ଅଧିକାରୀ ଆମ୍ଭ କଚ୍ଚାଘରକୁ ଆସି ବାରମ୍ବାର ଫଟୋ ଉଠାଇ ନେଇଥିଲେ ମଧ୍ୟ ଆମ୍ଭମାନଙ୍କୁ ଆବାସ ଦିଆଯାଇନାହିଁ । ଆମ୍ଭେମାନେ କୌଣସି ଯୋଜନାରେ ଆଗରୁ ଆବାସ ପାଇନାହୁଁ ଏବଂ ସେହି କଚ୍ଚା ଓ ଆଜବେଷ୍ଟସ ଘରେ ରହୁଅଛୁ । କିନ୍ତୁ ଆମ୍ଭେ ଜାଣିବାକୁ ପାଇଲୁ ଯେଉଁମାନଙ୍କୁ ଆବାସ ଦିଆଯାଇଛି ସେମାନଙ୍କ ପରି ଆମ୍ଭ ମାନଙ୍କର କଚ୍ଚା ବା ଆଜବେଷ୍ଟସ ଘର ଅଛି ସେମାନଙ୍କୁ ଦିଆଯାଇଛି । ଏନେଇ ୨୨ ନଭେମ୍ବରରେ ଜିଲ୍ଲାପାଳଙ୍କ ଜନଶୁଣାଣିରେ କଣ୍ଟାପଡା ଗ୍ରାମର ରୀନା ବାଳା ଦାସଙ୍କ ସମେତ ଜିଲ୍ଲାପାଳଙ୍କୁ କଣ୍ଟାପଡା ଗ୍ରାମର ୧୨, ବିଜିପୁର ଗ୍ରାମର ୧୫, ନାମରୋ ଗ୍ରାମର ୩, ଜିଓଳ ଗ୍ରାମର ୮, କେନ୍ଦ୍ରାପାଟି ଗ୍ରାମର ୧୦, ଜିଉଁନ୍ତି ଓ ଆଙ୍କୁଅ ଗ୍ରାମର ଜଣେ ଲେଖାଏଁ ହିତାଧିକାରୀ ନୂତନ ନିୟମ ଅନୁଯାଇ ସେମାନେ ଆବାସ ଗୃହ ପାଇବା ଯୋଗ୍ୟ ଥିବା ସେମାନେ ସେମାନଙ୍କର ଅଭିଯୋଗରେ ଦର୍ଶାଇଛନ୍ତି ।

## ରେଳ ଧାରଣରୁ ରାଜସ୍ଥାନୀ ଶ୍ରମିକଙ୍କ ମୃତଦେହ ଉଦ୍ଧାର

**କଳିଙ୍ଗନଗର, ୨୮।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗନଗରରେ ପୁଣିଥରେ ରେଲ ଲାଇନ୍ କଡ଼େ ଚାଞ୍ଚଲ୍ୟକର ଘଟଣାଛ ଟାଟାଷ୍ଟିଲକୁ ଯାଇଥିବା ରେଲପଥର ଟିଏଲ୍‌ଏସ୍ ୩/୭ ଖୁଣ୍ଟ ନିକଟରେ ଗତରାତି ଏକ ଯୁବକଙ୍କ ମୃତଦେହ ମିଳିଥିବାରୁ ଅଞ୍ଚଳରେ ତିବ୍ର ଚର୍ଚ୍ଚାର ବିଷୟ ହୋଇଛି । ଯଖପୁରା ପୋଲିସ ଘଟଣାସ୍ଥଳରୁ ମୃତଦେହକୁ ଜବତ କରି ସନ୍ଦେହପୂର୍ଣ୍ଣ ମୃତ୍ୟୁ ମାମଲାରେ ତଦନ୍ତ ଆରମ୍ଭ କରିଛି । ମୃତ ଯୁବକ ରାଜସ୍ଥାନର ଲାଖା ରାମ (୨୬) ବୋଲି ପରିଚୟ ମିଳିଛି । ସେ ଧୁରିଆବାସ, ଲୁଖୋଙ୍କ ଢାଣି, ପୋଲିସ ଥାନା ସିଣ୍ଡରୀ, ଜିଲ୍ଲା ବାଲୋତ୍ରା (ରାଜସ୍ଥାନ) ପିତା – ତୁଲଛା ରାମ ଅଟନ୍ତି ବୋଲି ଜଣାପଡିଛି । ଲାଖା ରାମ ଯଖପୁରା ନିକଟ ରାବଣା ଚାରୀ ଛକ (ଡିଏଲ୍‌ଏଫ୍ ୟୁରିଆ କେନ୍ଦ୍ର) ଠାରେ ଶ୍ରମିକ ଭାବରେ କାମ କରୁଥିଲେ । ସେ ଇଗ୬ ବଡ଼ ଗାଡ଼ିରେ ୟୁରିଆ ପକାଇବା କାମରେ ନିଯୁକ୍ତ ଥିଲେ । ସୂତ୍ର ଅନୁସାରେ, ଲାଖା ରାମ ପଇସା ଦେଣେ-ଣେଣେ ନେଇ ଗଭୀର ଚିନ୍ତାରେ ଥିଲେଛଏହି ବ୍ୟକ୍ତିଗତ ଚାପ ଓ ଘଟଣାସ୍ଥଳର ପରିସ୍ଥିତି – ଦୁହିଁ ମିଶି ମୃତ୍ୟୁକୁ ସନ୍ଦେହଜନକ ହୋଇପଡିଛି । ରେଳ ଲାଇନ, ଟିଏଲ୍‌ଏସ ୩/୭ ଖୁଣ୍ଟ ନିକଟରେ ଗତ କିଛି ମାସ ଧରି ଏପରି ମୃତଦେହ ମିଳିବା ଘଟଣା ବଢ଼ିଛି । ଉଭୟ ପାର୍ଶ୍ୱରେ ତାର ବାର କିମ୍ବା ପାଚେରୀ ନଥିବା ହେତୁ ମଣିଷ ଓ ପଶୁ-ଦୁହିଁ ଜୀବନ ଜୋଖିମରେ ପଡୁଛି । ଅଞ୍ଚଳବାସୀଙ୍କ କହିବା –ଖୋଲା ମେଳାରେ ରେଳ ରାସ୍ତା ରହିଥିବାରୁ ଏହି ଅଞ୍ଚଳ ଅସାଧୁ କାର୍ଯ୍ୟକଳାପ ଓ ଦୁର୍ଘଟଣା ପାଇଁ ସେଫ୍ ଜୋନ୍ ହୋଇପଡ଼ିଛି । ସ୍ଥାନୀୟ ବୁଦ୍ଧିଜୀବୀମାନେ କହୁଛନ୍ତି-ଏହା ଖାଲି ସାଧାରଣ ଦୁର୍ଘଟଣା ନୁହେଁ । ଲାଖା ରାମଙ୍କ ମନୋବଳ, କାମର ଚାପ ଓ ଅବସ୍ଥାନ ଯଥେଷ୍ଟ ସନ୍ଦେହ ଘେରକୁ ନେଉଛି । ପୋଲିସ ନିରପେକ୍ଷ ତଦନ୍ତ କଲେ ସତ୍ୟ ପ୍ରକାଶିତ ହେବ । ଯଖପୁରା ପୋଲିସ ମୃତଦେହକୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି । ପରିବାର ସଦସ୍ୟମାନେ ଚିହ୍ନଟ ପରେ । ପୋଷ୍ଟମର୍ଟମ୍ ରିପୋର୍ଟ ଆସିଲେ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଯଖପୁରା ଥାନା ଅଧିକାରୀ ଆଶିଷ କୁମାର ସାହୁ କହିଛନ୍ତି ।

# ମୌଳିକ ସୁବିଧାରୁ ବଞ୍ଚିତ କନ୍ଧପୋଡ଼ାପଦରର ୩୦ ପରିବାର

**ବୈପାରିଗୁଡ଼ା, ୨୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ଯୋଜନା କରିଛନ୍ତି ହେଲେ ସ୍ୱାଧୀନତାର ୭୮ ବର୍ଷ ପରେ ବି ଗାଁକୁ ନାହିଁ ପକ୍କାରାସ୍ତା କି ବର୍ଷାଦିନେ କାଦୁଅରେ ଭର୍ତ୍ତି ହେଉଛି ଡଙ୍ଗର ବାଟ । ଜରୁରି ସମୟରେ ଆସିପାରୁନି ଆମ୍ବୁଲାନ୍ସ । ଗୁରୁତର ରୋଗୀ ଓ ଗର୍ଭବତୀଙ୍କୁ ଭାରରେ ବୋହିବାକୁ ପଡୁଛି । ପାଣି ପାଇଁ ଲୋକ ଡହଳବିକଳ ହେଉଛନ୍ତି । ଚୁଆ ପାଣିରେ ମେଣ୍ଟାଉଛନ୍ତି ଶୋଷ । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଲୋକସଭା ଓ ବିଧାନସଭା ଅଧୀନ ବୈପାରିଗୁଡ଼ା ବ୍ଲକ୍ କୋଲାର ପଞ୍ଚାୟତର କନ୍ଧପୋଡ଼ାପଦର ଗାଁରେ । ମୌଳିକ ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀ ବାରମ୍ବାର ଦାବି କରିଆସୁଛନ୍ତି । ସେମାନଙ୍କ କଥାକୁ କେହି ଗୁରୁତ୍ୱ ଦେଉନାହାନ୍ତି । ଏହାକୁ ନେଇ ଅସନ୍ତୋଷ ବିବାରେ ଲାଗିଛି । ଗାଁ ମୁଖିଆ ସାହେବ ଖିଲଙ୍କ ସମେତ ଗୋରା ଖିଲ, ରାମ ଖିଲ, ଲବି ଖିଲ, ଲିଙ୍ଗା ଖରା, କୃଷ୍ଣ ଖରା ଓ ନୀଳା ଖିଲ ପ୍ରମୁଖ କହିଛନ୍ତି, ବ୍ଲକ୍ ସଦରଠାରୁ ୧୪ କିମି ଦୂରରେ ରହିଛି ତାଙ୍କ ଗାଁ । ବୈପାରିଗୁଡ଼ା-ମାଲକାନଗିରି ମୁଖ୍ୟରାସ୍ତାର ଟାପାଯୋଡ଼ି ଛକରୁ ୨ କିମି ଗଲେ ପଡ଼ିବ କନ୍ଧପୋଡ଼ାପଦର । ଏଠି ୩୦ ପରିବାର ବସବାସ କରୁଛନ୍ତି । ଜନସଂଖ୍ୟା ପାଖାପାଖି ୧୫୦ । ଚାଷବାସ କରି ସେମାନେ ପେଟ ପୋଶୁଛନ୍ତି । ସ୍ୱାଧୀନତାର ୭ ଦଶନ୍ଧି ପରେ ବି ଗାଁକୁ ପକ୍କାରାସ୍ତା ନିର୍ମାଣ ହୋଇନି । ପାହାଡ଼ିଆ ଅଙ୍କାବଙ୍କା ମାଟି ରାସ୍ତାରେ ଯାତାୟାତ କରୁଛନ୍ତି । ବର୍ଷାଦିନେ ଦୁର୍ଦ୍ଦଶା ଭୋଗୁଛନ୍ତି । ସେମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଦୀର୍ଘବର୍ଷ ତଳେ ଗାଁରେ ଏକ ନଳକୂଅ ଖୋଳାଯାଇଛି । ଏବେ ତାହା ଅଚଳ ପଡ଼ିଛି । ଗରାଏ ପାଣି ବାହାରିଲା ପରେ ପୁଣି ଅପେକ୍ଷା କରିବାକୁ ପଡୁଛି ଅଧଘଣ୍ଟା । ବିକଳ୍ପ ନଥିବାରୁ ପିଇବା ପାଣି ପାଇଁ ସମସ୍ୟା ଭୋଗୁଛନ୍ତି । ଜମିରେ ଚୁଆ ଖୋଳି ସେଥିରୁ ପାଣି ସଂଗ୍ରହ କରି ପିଉଛନ୍ତି । ଏହାକୁ ବ୍ୟବହାର କରି ବିଭିନ୍ନ ସମୟରେ ରୋଗରେ ପଡୁଛନ୍ତି । କିଛିବର୍ଷ ତଳେ ଏହି ଗାଁରେ ଝାଡ଼ାବାନ୍ତି ବ୍ୟାପିଥିଲା । ଗଣମାଧ୍ୟମରେ ଖବର ପ୍ରକାଶ ପରେ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗାଁରେ ୫ ଦିନିଆ କ୍ୟାମ୍ପ୍ କରିଥିଲେ । ସେତେବେଳେ ଝାଡ଼ାବାନ୍ତିର କାରଣ ପାନୀୟ ଜଳ ବୋଲି ନମୁନା ପରୀକ୍ଷାରୁ ଜଣାପଡ଼ିଥିଲା । ତଥାପି ଆଜି ଯାଏଁ କୌଣସି ପ୍ରକାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇନି । ୩୦ ପରିବାର ସେହି ଦୂଷିତ ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି । ଏଠିକା ଶିକ୍ଷା ସୁବିଧା ବିଷୟ ନକହିବା ଭଲ । ଗାଁରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି । ତାହର ମରାମତି କରାଯାଉନି । ବାରମ୍ବାର ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । କୌଣସି ସୁଫଳ ମିଳୁନାହିଁ । ବର୍ତ୍ତମାନ କୁନିକୁନି ଶିଶୁମାନେ ଅଙ୍ଗନବାଡ଼ି କେନ୍ଦ୍ର ହେଲପରଙ୍କ ଘର ବାରଣ୍ଡାରେ ବସି ପିଲା ପଢୁଛନ୍ତି । ଗାଁର ସମସ୍ତ ପରିବାର ଗରିବ ଶ୍ରେଣୀର । ଅଥଚ ଆଜି ପର୍ଯ୍ୟନ୍ତ କାହାରିକୁ ଆବାସ ଯୋଜନାରେ ସାମିଲ୍ କରାଯାଇନାହିଁ । କହିବାକୁ ଗଲେ ଆବାସ ଯୋଜନା କ'ଣ ସେମାନେ ଜାଣିନାହାନ୍ତି । ସମସ୍ତ ମୌଳିକ ସୁବିଧା ଯୋଗାଇ ଦେବାକୁ ଗାଁ ମୁଖିଆ ଶ୍ରୀ ଖିଲ ଦାବି କରିଛନ୍ତି । ପାନୀୟ ଜଳ, ଗମନାଗମନ ପାଇଁ ପକ୍କାରାସ୍ତା ଓ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

ରାଷ୍ଟ୍ରପତିଙ୍କ ଉପଦେଶ ନିହାତି ଭାବେ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଉଚ୍ଚାରଣ ଏବଂ ଆଚରଣ ଭିତରେ ସମତା ଆସିଗଲେ ମଣିଷ ମହାପୁରୁଷ ପଦବାଚ୍ୟ ହୋଇଯାଏ । ପ୍ରବଚନ ଦେଉଥିବା ପ୍ରବଚକ ଏବଂ ଆଜିର ଜନପ୍ରତିନିଧିଙ୍କ ଭିତରେ ଏକ ସୁନ୍ଦର ମେଳ ରହିଛି । ପ୍ରବଚକମାନେ ପ୍ରବଚନ ଦେବା ପାଇଁ ଲକ୍ଷ ଲକ୍ଷ ଟଙ୍କା ନେଇଥାନ୍ତି କିନ୍ତୁ ପ୍ରବଚନରେ ଲୋକଙ୍କୁ ସରଳ-ନିରାସକ୍ତ ହେବାର ଉପଦେଶ ଦେଇଥାନ୍ତି । ବଡ଼ ବଡ଼ ପ୍ରବଚକମାନେ ତାରକା ହୋଟେଲରେ ରହନ୍ତି । ଆମ ଦେଶର ନେତାଙ୍କର ସଫଳତାର ଚାବିକାଠି ତ ତାଙ୍କ ଭାଷଣ । ଭଲ ଭାଷଣ ଦେଇପାରୁଥିବା ନେତାଙ୍କୁ ହିଁ ଦଳ ସବୁବେଳେ ଗୁରୁତ୍ୱ ଦିଏ । ଶାସନ ଭାର ଗ୍ରହଣ କରିବା ପୂର୍ବରୁ ଜନପ୍ରତିନିଧିମାନେ ଯେଉଁ ଶପଥପାଠ କରନ୍ତି ସେ ଉଚ୍ଚାରଣକୁ ସେମାନେ କେତେ ସାଧୁତାର ସହ ଅନୁପାଳନ କରନ୍ତି ଏକଥା କାହାରିକୁ ଅଛପା ନାହିଁ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୨୯ ନଭେମ୍ବର ୨୦୨୫ | ଶନିବାର



# ଓଡ଼ିଶା ଏକ୍ସପ୍ରେସ୍


## ଆଜିର ନେତାଙ୍କ ପାଇଁ କଷ୍ଟକର ଉପଦେଶ!

ବିଧାନସଭାରେ ବିଧାୟକଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି- ଆଚରଣ ଏବଂ ଉଚ୍ଚାରଣରେ ସଂଯମୀ ହୁଅ । ଆପଣମାନେ ଜନଗଣଙ୍କ ପ୍ରତିନିଧି, ସେମାନଙ୍କର ସେବକ । ସେମାନଙ୍କ ସ୍ୱପ୍ନକୁ ସାକାର କରିବା, ସର୍ବୋପରି ସେମାନଙ୍କ ମୁହଁରେ ହସ ଖୁଟାଇବା ଆପଣମାନଙ୍କର ଏବଂ ଆମ ସମସ୍ତଙ୍କର କର୍ତ୍ତବ୍ୟ । ରାଷ୍ଟ୍ରପତି ବିଧାୟକମାନଙ୍କୁ ଏଇଭଳି ନୀତି ଓ ନୈତିକତାର ଉପଦେଶ ଦେଇଛନ୍ତି ।

ରାଷ୍ଟ୍ରପତିଙ୍କ ଉପଦେଶ ନିହାତି ଭାବେ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଉଚ୍ଚାରଣ ଏବଂ ଆଚରଣ ଭିତରେ ସମତା ଆସିଗଲେ ମଣିଷ ମହାପୁରୁଷ ପଦବାଚ୍ୟ ହୋଇଯାଏ । ପ୍ରବଚନ ଦେଉଥିବା ପ୍ରବଚକ ଏବଂ ଆଜିର ଜନପ୍ରତିନିଧିଙ୍କ ଭିତରେ ଏକ ସୁନ୍ଦର ମେଳ ରହିଛି । ପ୍ରବଚକମାନେ ପ୍ରବଚନ ଦେବା ପାଇଁ ଲକ୍ଷ ଲକ୍ଷ ଟଙ୍କା ନେଇଥାନ୍ତି କିନ୍ତୁ ପ୍ରବଚନରେ ଲୋକଙ୍କୁ ସରଳ-ନିରାସକ୍ତ ହେବାର ଉପଦେଶ ଦେଇଥାନ୍ତି । ବଡ଼ ବଡ଼ ପ୍ରବଚକମାନେ ତାରକା ହୋଟେଲରେ ରହନ୍ତି । ଆମ ଦେଶର ନେତାଙ୍କର ସଫଳତାର ଚାବିକାଠି ତ ତାଙ୍କ ଭାଷଣ । ଭଲ ଭାଷଣ ଦେଇପାରୁଥିବା ନେତାଙ୍କୁ ହିଁ ଦଳ ସବୁବେଳେ ଗୁରୁତ୍ୱ ଦିଏ ।

ଶାସନ ଭାର ଗ୍ରହଣ କରିବା ପୂର୍ବରୁ ଜନପ୍ରତିନିଧିମାନେ ଯେଉଁ ଶପଥପାଠ କରନ୍ତି ସେ ଉଚ୍ଚାରଣକୁ ସେମାନେ କେତେ ସାଧୁତାର ସହ ଅନୁପାଳନ କରନ୍ତି ଏକଥା କାହାରିକୁ ଅଛପା ନାହିଁ ।

ଆଚରଣ ଏବଂ ଉଚ୍ଚାରଣରେ ସମତା ରଖୁଥିବା ବ୍ୟକ୍ତିଙ୍କୁ ଆମେ ସାଧକ କହିପାରିବା । ଏହା ଏକ ସାଧନା । ଏଇ କ୍ରମରେ ଆପଣଙ୍କୁ ଛୋଟିଆ ନୀତିକଥାଟିଏ ଶୁଣାଉଛି-

ଜଣେ ମୂଲ୍ୟବୋଧୀ ବାବା ବା ସନ୍ନ୍ୟାସୀଙ୍କ ଆଶ୍ରିତ ଥିଲେ ଏକ ପରିବାରର ସଦସ୍ୟମାନେ । ନିୟମିତ ବାବାଙ୍କ ଆଶ୍ରମକୁ ଯାଆନ୍ତି ସେମାନେ । ସ୍ୱାମୀ, ସ୍ତ୍ରୀ ଏବଂ ଛୋଟିଆ ପୁଅଟିକୁ ନେଇ ତାଙ୍କର ପରିବାର । ପୁଅଟି ଖୁବ୍ ମିଠା ଖାଏ । ଏଇ କାରଣରୁ ଦାନ୍ତ ନଷ୍ଟ ହୋଇଯାଉଛି ବୋଲି ଡାକ୍ତର କହିଲେ । କିନ୍ତୁ ପିଲାଟି ମିଠା ଖାଇବାରୁ ବିରତ ରହୁନଥିଲା । ଥରେ ସେ ସ୍ୱାମୀ-ସ୍ତ୍ରୀ ପୁଅକୁ ନେଇ ବାବାଙ୍କ ଆଶ୍ରମକୁ ଯାଇଥାନ୍ତି । ବାବା କୁଶଳ ମଙ୍ଗଳ ପଚାରିଲେ । ସ୍ୱାମୀ-ସ୍ତ୍ରୀ କହିଲେ- ଆମ ପୁଅ ବହୁତ ମିଠା ଖାଉଛି । ଡାକ୍ତର ମନା କରିଛନ୍ତି, କିନ୍ତୁ ସିଏ ଶୁଣୁନି । ମିଠା ଖାଇ ଖାଇ ଦାନ୍ତ ଖରାପ ହୋଇଗଲାଣି । ଆପଣ ତାଙ୍କୁ ଟିକେ ବୁଝାଇ ଦେଲେ ସେ ବୁଝିଯାଆନ୍ତା ।

ବାବା କହିଲେ- ଆରଥରକୁ ଆସିଲେ ମୁଁ ତାକୁ ବୁଝାଇଦେବି । ଏହା ଭିତରେ ୪/୫ ସପ୍ତାହ ବିତିସାରିଥାଏ । ପ୍ରତିଥର ବାବା କହନ୍ତି- ଆରଥରକୁ ଆସିଲେ ମୁଁ ତାକୁ ବୁଝାଇଦେବି, ମିଠା ଖାଇବା ଖରାପ ବୋଲି ।

୫ ସପ୍ତାହ ପରେ ବାବା ପିଲାଟିକୁ କୋଳରେ ବସାଇ ତା' ମୁଣ୍ଡରେ ହାତ ବୁଲାଇ ମିଠା ନ ଖାଇବାର ପରାମର୍ଶ ଦେଲେ । ପିଲାଟି ବୁଝିଗଲା । କିଛିଦିନ ପରେ ସେମାନେ ପୁଣି ବାବାଙ୍କ ଆଶ୍ରମକୁ ଗଲେ ।

ବାବା ପଚାରିଲେ- ଇଏ ଆଉ ମିଠା ଖାଉନି ତ?

ବାପା ମା' କହିଲେ- ଆପଣ ମନା କରିବା ପରେ ଆଉ ଖାଉନି । କିନ୍ତୁ ବାବା ଆମେ ବୁଝିପାରୁନୁ, ଆପଣ ତ ଏଇ କଥା ତାକୁ ପ୍ରଥମ ଥର ବୁଝାଇଦେଇପାରିଥାନ୍ତେ?

ବାବା ସ୍ମିତହସି କହିଲେ- ମତେ ଏତିକି ଦିନ ଲାଗି ମିଠା ଛାଡ଼ିବାକୁ, ମୁଁ ମଧ୍ୟ ମିଠା ଖାଉଥିଲି । ମୁଁ ନିଜେ ମିଠା ଖାଇ ତାକୁ କିଭଳି କହିଥାନ୍ତି ମିଠା ନ ଖାଇବାକୁ?

ତେଣୁ ଯେଉଁମାନଙ୍କର ଉଚ୍ଚାରଣ ଏବଂ ଆଚରଣ ସମାନ ସେଇମାନେ ହିଁ ମହାପୁରୁଷ ପଦବାଚ୍ୟ । ନେତାମାନେ କ'ଣ ସେମିତି ହୋଇପାରିବେ? ନେତାମାନେ ଯାହା କହନ୍ତି, ତାହା କରନ୍ତି ନାହିଁ ।

ଦେଶର ନାମୀଦାମୀ ମଡ଼େଲମାନେ ବିଜ୍ଞାପନରେ ଯେଉଁସବୁ ଉତ୍ପାଦର ଜୟଗାନ କରନ୍ତି ସେମାନେ କ'ଣ ସେଇ ଉତ୍ପାଦ ନିଜେ ବ୍ୟବହାର କରନ୍ତି? ଆମ ଦେଶର ନେତାମାନେ ମଧ୍ୟ ଜଣେ ଜଣେ ମଡେଲ ଭଳି ।

## ସାବଧାନ! ସହର ମାଡି ଆସୁଛି

■ ନିରଞ୍ଜନ ମେକାପ ■

କ୍ଷୋଡଶୀ କନ୍ୟାର ଉନ୍ମୁକ୍ତ ନିଟୋଳ କବରୀରେ ବିମୁଗ୍ଧ ଉଦ୍‌ଭ୍ରାନ୍ତ ଯୁବଗୋଷ୍ଠୀ ପରି ଆଜି ସହରୀ ସଭ୍ୟତାର ଚାକଚକ୍ୟ ମାୟାଜାଲରେ ଛନ୍ଦି ହୋଇ ଯାଇଛନ୍ତି ଉଚ୍ଚଶିକ୍ଷିତ ଭଦ୍ରବ୍ୟକ୍ତି ସମୂହ। ମଫସଲର ମୁକ୍ତ ସରଳ ଜୀବନ ଜୀବିକା ଭିଜା ମାଟିର ମୋହ, ଆତ୍ମୀୟସ୍ୱଜନକର ଶ୍ରଦ୍ଧା ଆକର୍ଷଣ ଏବଂ ମା' ମାଟି, ମଶାଣିର ନୈତିକ ବନ୍ଧନ, ସବୁ ଆଜି ପାଇଁ ବିଷରେ ପରିଣତ ହୋଇଯାଉଛି । ସହରର ବ୍ୟକ୍ତିକୈନ୍ଦ୍ରିକ ସୁଖ ଓ ମନମତାଣିଆ ଏକଚାଟିଆ ଜୀବନଚର୍ଯ୍ୟା ମଣିଷମାନଙ୍କୁ ଯେପରି ପାଗଳ କରିଦେଇଛି। ପୃଥିବୀପୃଷ୍ଠରେ ଯେଉଁ ସହର ନବଜାତ ଶିଶୁପରି ଦିନେ ଆଶ୍ରା ପାଇଁ କୁଆଁକୁଆଁ ଶବ୍ଦ କରୁଥିଲା, ସେ ଆଜି ନବଯୌବନର ସୁଠାମ ଯୁବକ। କିନ୍ତୁ ମଳୟ ପବନରେ ଯେଉଁ ମଫସଲ ସେଦିନ ପ୍ରୀତିଧାରାର ଅମୃତ ମୁକ୍ତହସ୍ତରେ ବିତରଣ କରୁଥିଲା, ଆଜି ସେ ପଙ୍ଗୁ, ଅଥର୍ବ ଓ ନିସ୍ତର ହୋଇଯାଇଛି। ଭିଜାମାଟିର କାନ୍ଥ ସବୁ ଅନେକ ଦିନଠାରୁ ମାଟିରେ ମିଶିଗଲାଣି, ଯାତ୍ରା, ଯାତ୍ରାଙ୍ଗୀ ଆସର ଓ ପର୍ବପର୍ବାଣୀର ଫୁଂକାର ଧୀରେ ଧୀରେ ପଶ୍ଚିମାକାଶର ମାୟାରେ ନିଷ୍ପ୍ରଭ ହେବାକୁ ଯାଉଅଛି ।

ଦିନେ ମଣିଷ ଗଢିଥିଲା ସହର ଏବଂ ତାହା ଥିଲା ଗୋଟିଏ ସମାଜ, ଦେଶ ବା ରାଜ୍ୟର ମୁଖଦର୍ପଣ । ମାର୍ଜିତ, ଶିକ୍ଷିତ ଓ ଅଧ୍ୟବସାୟକାରୀ ଏବଂ ବାଣିଜ୍ୟ ଚତୁର ସ୍ୱ-ଦେଶୀ ଚିନ୍ତକମାନେ ସହରରେ ବାସ କରୁଥିଲେ। ସବୁ ସୁବିଧା ଓ ସାମାଜିକ ରୀତିରେ ବନ୍ଧା ହୋଇଥିଲା ସହରର ପରିବେଶ। ସେଠିନଥିଲା ଚୋରୀ, ଡକାୟତିର ପ୍ରାଦୁର୍ଭାବ, ନଥିଲା ଧର୍ଷଣର ପ୍ରତିବିମ୍ବ ଅଥବା ରାହାଜାନୀ କିମ୍ବା ସୂର୍ଯ୍ୟାଲୋକରେ ଘଟୁନଥିଲା ବିଚ୍ ରାସ୍ତା ଉପରେ ନରହତ୍ୟାର ଭୈରବୀ ତାଣ୍ଡବ। ଆଜି ସେହି ସହର କେବଳ ଲୋକାରଣ୍ୟରେ ଭରପୂର, ଅଶାନ୍ତିର ଧୂମାୟିତ ସ୍ରୋତରେ ଉବୁଟୁବୁ, ପାରିପାରିକ ମଣିଷ ଆଜି ଲମ୍ପଟତାର ରଜ୍ଜୁରେ ବନ୍ଧନଯୁକ୍ତ। ସହରରେ ମିଳୁନାହିଁ ବିନ୍ଦୁଏ ପ୍ରକୃତିର ଜଳ, ପ୍ରକୃତି ବି ପ୍ରଦୂଷଣର ଅଗ୍ନିରେ ଦଗ୍ଧୀଭୂତ, କୁହୁଡି ରଙ୍ଗ ବୋଳା ଅସ୍ୱଚ୍ଛ ବାୟୁମଣ୍ଡଳ, ଅତର ଛଞ୍ଚନ ନକଲି ଖାଦ୍ୟ ଖାଇ ମଣିଷ ବି ଅର୍ଦ୍ଧଯୌବନରେ ବାର୍ଦ୍ଧକ୍ୟର ଆକ୍ରୋଷରେ ହନ୍ତସନ୍ତ ଓ ଛଟପଟ ହେଉଛି । ଦିଲ୍ଲୀ କା ଲଡୁ ଯୋ ଖାଏଗା ପସ୍ତାୟା, ଯୋ ନେହି ଖାଏଗା ଓ ବି ପସ୍ତାୟା- ସହର ପାଇଁ ଆଜିକାଲି କମ୍ବା ଅସରନ୍ତି ଧାଡି ଲାଗିଛି- ଆଧୁନିକ ମଣିଷର ।

ଯଦି ଇତିହାସ ଉନ୍ମୁକ୍ତ କରୁ, ତେବେ ଦେଖାଯାଏ ଯେ ଖ୍ରୀ.ପୂ. ୩୫୦୦ ବର୍ଷ ତଳେ ସହର ଜନ୍ମ ନେଇଥିଲା। ମେସୋପଟାମିଆଁ ଓ ସିନ୍ଧୁ ସଭ୍ୟତାରେ। ସେହି ସମୟରେ ସହର ଥିଲା ନଦୀକୂଳରେ ଓ ତାହା ଥିଲା କୃଷିଭିତ୍ତିକ ସହର ଓ ବାଣିଜ୍ୟର ପେଣ୍ଠସ୍ଥଳୀ। ବିଶିଷ୍ଟ ପରିବେଶ୍‌ବିତ୍ ଗ୍ରୋଡନ୍ ଚିଲ୍‌ଡେ (Gorden Childe) କହିଛନ୍ତି- For a settlement to quality as city, it must have enough surplus of raw materials to support trade and relatively large population. ସମଗ୍ର ବିଶ୍ୱରେ ୧୬୦୦ ଖ୍ରୀ.ଅ ବେଳକୁ ଲୋକସଂଖ୍ୟା ଥିଲା ୫୦ରୁ ୬୦ କୋଟି, ତନ୍ମଧ୍ୟରୁ ମାତ୍ର ୨% ଲୋକ ସହରରେ ବ୍ୟବସାୟ ବାଣିଜ୍ୟ ପାଇଁ ବାସ କରୁଥିଲେ। ଅର୍ଥାତ୍ ଏକ ଲକ୍ଷ ଲୋକରୁ ସହରରେ ରହୁଥିଲେ ମାତ୍ର ୧୫୦୦ ଜଣ ଏବଂ ପ୍ରତିବର୍ଗ କିଲୋମିଟରରେ ଜଣେ ଲୋକ ହିଁ ବାସ କରୁଥିଲା ୧୮୦୦ ଖ୍ରୀଅରେ ବିଶ୍ୱର ଲୋକସଂଖ୍ୟା ଥିଲା ୧୦୦ କୋଟି । ଏହି ସମୟରେ ପାଞ୍ଚଭାଗରୁ ଏକ ଭାଗ ଲୋକ ସହରରେ ରହୁଥିଲେ। ୧୯୦୦ ଖ୍ରୀ.ଅରେ ପୃଥିବୀର ଲୋକ ସଂଖ୍ୟା ୧୭୦ କୋଟି ଥିଲା। ସେତେବେଳେ ସହରରେ ୧୩% ଲୋକ ବସବାସ କରୁଥିଲେ। ୧୯୦୧ରେ ମହାରାଣୀ ଭିକ୍ଟୋରିଆଙ୍କ ମୃତ୍ୟୁପରେ ଇଂଲଣ୍ଡରେ ସୃଷ୍ଟି ହେଲା ଶିଳ୍ପ ବିପ୍ଳବ । ଏହାପରେ ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ରରେ ଥିବା ସହରକୁ ଲୋକମାନେ ଧାଡି ଛୁଟିଲେ । ସେହି ସମୟ ବେଳକୁ ଭାରତରେ ମାତ୍ର ୧୦% ଲୋକ ସହରରେ ରହୁଥିଲେ। ସେତେବେଳେ ଭାରତର ଲୋକସଂଖ୍ୟା ଥିଲା ୨୪ କୋଟି ଓ ଦିଲ୍ଲୀରେ ବାସ କରୁଥିଲେ ଲକ୍ଷ ଲୋକ ଓ କଲିକତାରେ ଥିଲେ ୧୧ ଲକ୍ଷ ୪୦ ହଜାର ଲୋକ, ୧୯୦୦ ମସିହାରେ ଆମ ରାଜଧାନୀ ଭୁବନେଶ୍ୱର ସମ୍ପର୍କରେ ଇତିହାସ ନୀରବ, ଏହା ଏକ ଗ୍ରାମ ଭାବରେ ରହିଥିଲା କିନ୍ତୁ କଟକ ସହରରେ ଲୋକସଂଖ୍ୟା ଥିଲେ ୬୫,୦୦୦ ଓଡିଶାର ସମୁଦାୟ ଲୋକସଂଖ୍ୟାରୁ ୨.୪୭% ଲୋକ ସହରରେ ବାସ କରୁଥିଲେ। ୧୯୫୦ ମସିହାରେ ପୃଥିବୀର ଲୋକ ସଂଖ୍ୟା ଥିଲା ୨୫୦ କୋଟି । ତନ୍ମଧ୍ୟରୁ ୨୯%ରୁ ୩୦% ଲୋକ ସହରରେ ରହୁଥିଲେ । ଦିଲ୍ଲୀରେ ୧୪ ଲକ୍ଷ, କଲିକତାରେ ୪୬ ଲକ୍ଷ, ଭୁବନେଶ୍ୱରରେ ରହୁଥିଲେ ୧୫ ହଜାର ୧୬୫ ଜଣ। କଟକ ସହର ଲୋକସଂଖ୍ୟା ଥିଲା ୧ ଲକ୍ଷ ୩୩୧ ଜଣ। ୧୯୫୦ ମସିହାରେ ଓଡିଶା ଲୋକସଂଖ୍ୟାର ୪% ସହରରେ ରହୁଥିଲେ ।

୨୦୦୦ ମସିହା ବେଳକୁ ପୃଥିବୀର ଲୋକସଂଖ୍ୟା ଥିଲା ୬୧୬ କୋଟି ୧୯ ଲକ୍ଷ ଓ ସମୁଦାୟ ଲୋକସଂଖ୍ୟାର ୪୭% ଲୋକ ସହରରେ ବାସ କରୁଥିଲେ, ଅର୍ଥାତ୍ ୨୯୦ କୋଟି ଲୋକ ସହରବାସୀ ହୋଇଯାଇଥିଲେ, ସେହିପରି ଭାରତର ଲୋକସଂଖ୍ୟା ଥିଲା ୧୦୫ କୋଟି ୭୯ ଲକ୍ଷ। ଦେଶର ଲୋକସଂଖ୍ୟାର ୨୭.୬୭% ବା ୨୯ କୋଟି ୩୦ ଲକ୍ଷ ଲୋକ ସହରରେ ରହୁଥିଲେ । ଦିଲ୍ଲୀ ସହର ଲୋକସଂଖ୍ୟା ଥିଲେ ୧ କୋଟି ୧୦ ଲକ୍ଷ କଲିକତାର ଲୋକସଂଖ୍ୟା ୧.୬୬ କୋଟି ଓଡିଶାର ଲୋକସଂଖ୍ୟା ୨୦୦୦ ମସିହାରେ ଥିଲା ୩ କୋଟି ୨୦ ଲକ୍ଷ । ସମୁଦାୟ ଜନସଂଖ୍ୟାରୁ ୧୫% (୧୪.୯୭%) ଲୋକ ସହରରେ ରହୁଥିଲେ । କଟକ ସହର ଲୋକସଂଖ୍ୟା ଥିଲା ୫ ଲକ୍ଷ ୭୭ ହଜାର, ଭୁବନେଶ୍ୱର ସହର ଲୋକସଂଖ୍ୟା ଥିଲା ୬ ଲକ୍ଷ ୩୮ ହଜାର ।

୨୦୨୫ ମସିହାରେ ପୃଥିବୀର ଲୋକସଂଖ୍ୟା ହେଉଛି ୮୨୦ କୋଟି ୨୦ ଲକ୍ଷ । ତନ୍ମଧ୍ୟରୁ ୫୬% ଲୋକ ରହିଛନ୍ତି ସହରରେ ଆଜି ସୁଦ୍ଧା ଅର୍ଥାତ୍ ୨୦୨୫ ସମିହା ନଭେମ୍ବର ସୁଦ୍ଧା ୪୨୦ କୋଟି ଲୋକ ସହରରେ ବାସ କରୁଛନ୍ତି । ସେହିପରି ଭାରତର ଲୋକସଂଖ୍ୟା ୧୪୬ କୋଟି ତନ୍ମଧ୍ୟରୁ ୩୫% ଲୋକ ସହରରେ ଅର୍ଥାତ୍ ୨୦୨୫ ମସିହାରେ ୪୮ କୋଟି ଭାରତୀୟ ହେଉଛନ୍ତି ସହର ବାସିନ୍ଦା। ରାଜଧାନୀ ଦିଲ୍ଲୀର ଲୋକସଂଖ୍ୟା ୨୦୨୫ରେ ହେଉଛି ୩ କୋଟି ୮୩ ଲକ୍ଷ। କଲିକତାର ସହରବାସୀ ହେଉଛନ୍ତି ୧ କୋଟି ୫୫ ଲକ୍ଷ । ଆମ ଓଡିଶା ହାରାହାରିର ଲୋକସଂଖ୍ୟା ୨୦୨୫ ମସିହାରେ ୪ କୋଟି ୮୬ ଲକ୍ଷ। ସେଥିମଧ୍ୟରୁ ୧ କୋଟି ଲୋକ ସହରର ବାସ କରୁଛନ୍ତି । ହାରାହାରି ୨୧% ଲୋକ ସହରରେ ୨୦୨୫ ମସିହାରେ ବାସ କରୁଛନ୍ତି। ରାଜଧାନୀ ଭୁବନେଶ୍ୱରର ୨୦୨୫ ମସିହାର ଲୋକସଂଖ୍ୟା ହେଉଛି ୧୩ ଲକ୍ଷ ୨୧ ହଜାର, କଟକର ଲୋକସଂଖ୍ୟା ୯୬ ଲକ୍ଷ । ଅର୍ଥାତ୍ ୧୯୫୦ ମସିହାରେ ଓଡିଶାର ସହରବାସୀ ଥିଲେ ୪%, ୨୦୦୦ ମସିହାରେ ୧୫% ଓ ୨୦୨୫ ମସିହାରେ ସମୁଦାୟ ଲୋକସଂଖ୍ୟାର ୨୧% ଲୋକ ବାସ କରୁଛନ୍ତି ସହରରେ ଅର୍ଥାତ୍ ୫୦ ବର୍ଷ ବ୍ୟବଧାନରେ ୯% କିନ୍ତୁ ୫ ବର୍ଷ ବ୍ୟବଧାନରେ ୬% ଲୋକ ବଢିଛନ୍ତି ଓଡିଶା ସହର ମାନଙ୍କରେ। କେବଳ ସ୍ମାର୍ଟସିଟି ଭୁବନେଶ୍ୱର ୧୯୭୫ ଲୋକସଂଖ୍ୟା ଥିଲା ୧ ଲକ୍ଷ ୪୪ ହଜାର ୨୦୦୫ ମସିହାରେ ହୋଇଥିଲେ ୭ ଲକ୍ଷ ୪୮ ହଜାର ୨୦୧୧ ରେ ୮ ଲକ୍ଷ ୮୫ ହଜାର । କିନ୍ତୁ ୨୦୧୧ ମସିହା ଠାରୁ ୨୦୧୫ ମସିହା ଠାରୁ ୩୦.୨% ଲୋକ ପ୍ରତିବର୍ଷ ବଢିଥିଲେ, ଏପରିକି ପ୍ରତିଦିନ ୨୫୦୦୦ ଲୋକ ସଂଖ୍ୟା ବଢିଥିଲା ୨୦୧୧ରୁ ୨୦୧୫, ମାତ୍ର ୪ ବର୍ଷ ମଧ୍ୟରେ ୨୦୧୫ ମସିହାରେ ଭୁବନେଶ୍ୱର ଲୋକସଂଖ୍ୟା ଥିଲା ୮.୪୧ ଲକ୍ଷ, ୨୦୨୦ ମସିହା ୫ ବର୍ଷ ମଧ୍ୟରେ ଲୋକସଂଖ୍ୟା ଥିଲେ ୯.୯୦ ଲକ୍ଷ କିନ୍ତୁ ୨୦୨୦ ମସିହା କରୋନା ପରେ ୨୦୨୫ର ଲୋକସଂଖ୍ୟା ହେଉଛି ୧୩ ଲକ୍ଷ ୨୧ ହଜାର। ଅର୍ଥାତ୍ ୨୦୧୫ରୁ ୨୦୨୦ ପର୍ଯ୍ୟନ୍ତ ଯେପରି ଲୋକସଂଖ୍ୟା ବଢୁଥିଲେ ତାହା ୨୦୨୦ରୁ ୨୦୨୫ ମଧ୍ୟରେ ସେପରି ଘଟିନାହିଁ ତେବେ କଟକ ସହରର ଲୋକସଂଖ୍ୟା ୧୯୫୦ରେ ଥଲା ଏକ ଲକ୍ଷ ୩୩୩, ଭୁବନେଶ୍ୱରର ଥିଲା, ୧୬ ହଜାର ୨୦୨୫ରେ କଟକ ଜନସଂଖ୍ୟା ୯ ଲକ୍ଷ ୫୪ ହଜାର ଓ ଭୁବନେଶ୍ୱରର ଲୋକସଂଖ୍ୟା ୧୩ ଲକ୍ଷ ୨୧ ହଜାର। ସେହିପରି ଶ୍ରୀକ୍ଷେତ୍ର ପୁରୀର ଲୋକସଂଖ୍ୟା ୧୮୪୧ ର ଥିଲା ୨୩, ୮୩୭, ୧୯୬୧ ରେ ଥିଲା ୫୦ ହଜାର ୮୧୫, ୧୯୭୧ରେ ଥିଲା ୭୨ ହଜାର ୬୭୪, ୧୯୯୧ରେ ଥିଲା ୧ ଲକ୍ଷ ୯୪୨ ଜଣ ୧୯୯୧ ଥିଲା ୧୯୮୧ରେ ୧ ଲକ୍ଷ ୨୫ ହଜାର ୧୯୯୧-୨୦୦୧ ୧ ଲକ୍ଷ, ୨୦୦୧ରେ ୧ ଲକ୍ଷ ୫୭ ହଜାର ୮୩୭, ୨୦୧୧ରେ ୨ ଲକ୍ଷ ୫୬୪, ୨୦୨୧ରେ ୨ ଲକ୍ଷ ୬୦ ହଜାର ୨୦୨୫ରେ ୨ ଲକ୍ଷ ୯୧ ହଜାର ପୁରୀ ସହରର ମୋଟ କ୍ଷେତ୍ରଫଳ ମାତ୍ର ୧୬.୮୩ ବର୍ଗ କିମି ଏଥିରୁ ୨.୨୫ ବର୍ଗ କିମି ରହିଛି ବଡଦାଣ୍ଡ । ତେଣୁ ହାରାହାରି ୧୪.୫୦ ବର୍ଗ କିମି ମଧ୍ୟରେ ରହୁଛନ୍ତି ୨ ଲକ୍ଷ ୯୧ ହଜାର ଲୋକ। ହାରାହାରି ପୁରୀର ପ୍ରତି ବର୍ଗକିମି ରହିଛନ୍ତି ୧୨୦୦ ଜଣ ଲୋକ। ସେହିପରି ଭୁବନେଶ୍ୱର ସହରର ପ୍ରତି ବର୍ଗ କିମିରେ ରହୁଛନ୍ତି ୪୫୦୦ ଲୋକ। କିନ୍ତୁ ଖୋର୍ଦ୍ଧା ଜିଲ୍ଲାର ଗ୍ରାମୀଣ ଅଞ୍ଚଳରେ ପ୍ରତିବର୍ଗ କିମିରେ ବାସ କରୁଛନ୍ତି ୭୯୯ ଜଣ ଲୋକ।

ସହରରେ ପ୍ରବଳ ଜନସଂଖ୍ୟା ବୃଦ୍ଧି ହେବା ଫଳରେ ବାୟୁ ପ୍ରଦୂଷଣ ଓ ଭୂପୃଷ୍ଠରେ ଉତ୍ତାପ ଦିନକୁ ଦିନ ବୃଦ୍ଧି ପାଇଚାଲିଛି । ଗୋଟିଏ ସମୀକ୍ଷାରୁ ଜଣାଯାଏ ଯେ ସ୍ମାର୍ଟ ସିଟି ଭୁବନେଶ୍ୱରର ଉଭୟେ ଭୂତଳ ଜଳ ଓ ନଦୀ ଜଳରେ ଅମ୍ଳଜାନ ମାତ୍ରା ବହୁତ କମ୍ ରହୁଛି ଯାହା ମଣିଷ ପ୍ରାୟ କ୍ଷତିକାରକ। ସେହିପରି ଏୟାର କ୍ୱାଲିଟି ଇଣ୍ଡେକ୍ସଏହି ଚଳନ୍ତି ବର୍ଷ ବାୟୁ ପ୍ରଦୂଷଣ ଜାନୁୟାରୀରେ ଭୁବନେଶ୍ୱରରେ ଥିଲା ୧୭୦ (ଏକ୍ୟୁଆଇ) କଟକରେ ୩୪୨ (ଏକ୍ୟୁଆଇ) ଓ ପୁରୀରେ ଥିଲା ୧୫୫ (ଏକ୍ୟୁଆଇ) ତେବେ ବର୍ଷାଋତୁ ଆସିବା ପରେ ସେପ୍ଟେମ୍ବରରେ ଭୁବନେଶ୍ୱରରେ ୫୦, କଟକ ୭୧ ଓ ପୁରୀ ୭୪ ରହିଛି । ମଣିଷ ବଞ୍ଚିବା ପାଇଁ ୫୦ (ଏକ୍ୟୁଆଇ) ହେଉଛି ସର୍ବୋତ୍କୃଷ୍ଟ, ୧୦୦ (ଏକ୍ୟୁଆଇ) ଯାଏ ଚଳନୀୟ ବୋଲି କୁହାଯାଇଛି । ବାୟୁ ପ୍ରଦୂଷିତ ହେଲେ ଶ୍ୱାସ, ହୃଦୟ ସମସ୍ୟା, ଆଖି ସମସ୍ୟା ସହିତ ଫୁସଫୁସ୍ ଜନିତ ରୋଗର ପ୍ରାଦୁର୍ଭାବ ଦେଖାଯାଇଥାଏ ଓ ଯଦି କୌଣସି ବାୟୁଜନିତ ସଂକ୍ରାମକ ରୋଗ ଦେଖାଦିଏ, ସେଥିରେ ଶୀଘ୍ର ଅନେକ ସଂକ୍ରମିତ ହୁଅନ୍ତି। ଗ୍ରାମାଞ୍ଚଳରେ ସଂପ୍ରତି (ଏକ୍ୟୁଆଇ) ହେଉଛି ୩୧ରୁ ୬୦ (ଖୋର୍ଦ୍ଧା ଗ୍ରାମାଞ୍ଚଳ) । ଏହା ବ୍ୟତୀତ ସହରାଞ୍ଚଳରେ ୧୭% ଲୋକ ୨୦୨୫ ସୁଦ୍ଧା (ଏ.ସି) ଶୀତତାପ) ବ୍ୟବହାର କରିବା ଦ୍ୱାରା ବାହ୍ୟଜଗତରେ ଉତ୍ତାପ ହାରାହାରି ୩.୩୨% ବୃଦ୍ଧି ହେଉଛି । ଗୋଟିଏ ଏସି ପ୍ରାୟ ୪ କି.ଗ୍ରା ଉତ୍ତାପ ବାହାରକୁ ଛାଡିଥାଏ । ସହର ବଢିବା ସହିତ ଦିନକୁ ଦିନ ପରିବେଶ ଓ ପ୍ରଦୂଷଣ ଯଥେଷ୍ଟ ମାତ୍ରାରେ ପ୍ରଭାବିତ ହେଉଛି, ଯାହା ଜଣାଯାଏ ଆଜକୁ ୧୦ ବର୍ଷ ହେଲା ପୃଥିବୀ ପୃଷ୍ଠର ଉତ୍ତାପ ପ୍ରତିବର୍ଷ ୧% ବଢିଚାଲିଛି । ହିସାବ ଅନୁଯାୟୀ ଭୁବନେଶ୍ୱର ସହର (ବିଏମସି)ର କ୍ଷେତ୍ରଫଳ ହେଉଛି ୧୮୬ ବର୍ଗ କିମି ତାହାର ୨୧.୮୫%ରେ ରହିଛି ବାସଗୃହ । ଅର୍ଥାତ ୪୦ ବର୍ଗ କିମି ଅଞ୍ଚଳରେ ରହିଛି କେବଳ କ୍ରିକେଟ୍ ବାସଗୃହ, ଯାହାର ସଂଖ୍ୟା ହେଉଛି ୧୦୩୪୫୬ । ଏହା ବ୍ୟତୀତ ୧୫୮ ଗୋଟି ବହୁତଳ ପ୍ରାସାଦ ମଧ୍ୟ ରହିଅଛି । ଏଥିପାଇଁ ଜାନୁୟାରୀ ଠାରୁ ଜୁନ୍ ପର୍ଯ୍ୟନ୍ତ ଏହାର ହାରାହାରି ଉତ୍ତାପ ହେଉଛି ୨୮° ରୁ ୩୬° ସେଲ୍‌ସିୟସ୍ । ୨୦୧୬ ମସିହାରେ ଅପ୍ରେଲ ୧୧ ତାରିଖରେ ସର୍ବୋଚ୍ଚ ଉତ୍ତାପ ଥିଲା ୪୫.୮ ଡିଗ୍ରୀ ସେଲ୍‌ସିୟସ୍ । ଅପ୍ରେଲ ୨୯, ୨୦୨୪ରେ ଭୁବନେଶ୍ୱର ଉତ୍ତାପ ଥିଲା ୪୫.୪ ଡିଗ୍ରୀ ସେଲ୍‌ସିୟସ୍ । ପୁରୀ ସହରରେ ସର୍ବୋଚ୍ଚ ୩୯° ଓ କଟକ ସହରରେ ସର୍ବୋଚ୍ଚ ୩୫° ରୁ ୪୦° ରହିଥାଏ । କିନ୍ତୁ ୧୯୯୫ ମସିହାରେ ଭୁବନେଶ୍ୱରର ସର୍ବୋଚ୍ଚ ତାପମାତ୍ରା ଥିଲା ୨୬.୭° ସେଲ୍‌ସିୟସ୍ । ଏହାର ଅର୍ଥ ହେଉଛି ପ୍ରତିବର୍ଷ ୩୫° ରୁ ୪୪° ରହିଥାଏ । କିନ୍ତୁ ୧୯୯୫ ମସିହାରେ ଭୁବନେଶ୍ୱରର ସର୍ବୋଚ୍ଚ ତାପମାତ୍ରା ଥିଲା ୩୨.୩ ଓ ବାର୍ଷିକ ହାରାହାରି ତାପମାତ୍ରା ଥିଲା ୨୬.୭° ସେଲ୍‌ସିୟସ । ଏହାର ଅର୍ଥ ହେଉଛି ପ୍ରତିବର୍ଷ ୭° ସେଲ୍‌ସିୟସ ଉତ୍ତାପ ବଢୁଛି ଏବଂ ନିର୍ଦ୍ଦିଷ୍ଟ ଭାବେ ସହରର ଉତ୍ତାପ ପ୍ରତିବର୍ଷ ୧.୨ ସେଲ୍‌ସିୟମ୍ ମୋଟାମୋଟି ଭାବେ ବଢୁଛି । ଫଳତଃ ପ୍ରତିବର୍ଷ ସହରରେ ଶ୍ୱାସ ଓ ହୃଦ୍‌ବେମାରୀରେ ଶହ ଶହ ସହର ବାସିନ୍ଦା ଆକ୍ରାନ୍ତ ହେଉଛନ୍ତି। ସହରର ଜଳରେ ମଧ୍ୟ ଦିନକୁ ଦିନ ଅମ୍ଳଜାନ କମିବାରେ ଲାଗିଛି। ଆଜି ସହର ହେଉଛି ଉତ୍ତପ୍ତ ପୃଥିବୀ ଓ ପ୍ରଦୂଷଣ ଧରଣୀର ମୂଳ କାରଣ। ରିପୋର୍ଟ ଅନୁଯାୟୀ କ୍ଲିନ୍‌ସିଟି ବା Greater Bhubaneswar ସହରର ବାସ କରୁଥିବା ପ୍ରାୟ ୧୧% ଲୋକଙ୍କ ନିକଟରେ ରହିଛି ଚାରି ଚକିଆ ଯାନ। ପ୍ରତିଦିନ ସହର ମଧ୍ୟରେ ଅତିକମ୍‌ରେ ୨୦,୦୦୦ ମୋଟରଯାନ ଓ ୧୨୦ଟି ସିଟି ବସ୍ (ଯେଉଁଥିରେ ଏକଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଯାତାୟାତ କରନ୍ତି) । ପ୍ରଦୂଷଣ ସୁରକ୍ଷା ବିଭାଗ ଅନୁଯାୟୀ ଏ ଯାନରୁ ନିର୍ଗତ ଧୂଆଁ ଓ ଧୂଳି ଭୁବନେଶ୍ୱର ପ୍ରଦୂଷଣ ପାଇଁ ୪୫% ମୁଖ୍ୟତଃ ଦାୟୀ । ଏଥିପାଇଁ ସକାଳ ସମୟରେ ମଧ୍ୟ ଭୁବନେଶ୍ୱର (ଏକ୍ୟୁଆଇ) ୧୪୨ ରୁ ୧୪୯ ରହିଥାଏ । ପୁନଶ୍ଚ ଏହି ମୁଖ୍ୟ କାରଣ ପାଇଁ ୧୨.୬% ଭୁବନେଶ୍ୱର ବାସିନ୍ଦା ହୃଦରୋଗୀ ଓ ପ୍ରାୟ ୫୯.୨% ବାସିନ୍ଦା କାର୍ଯ୍ୟକ୍ଷମ ନୁହଁନ୍ତି । ଏପରିକି ହାରାହାରି ଭୁବନେଶ୍ୱରର ପ୍ରତିବର୍ଗ କିମିରେ ରହୁଥିବା ୪ ହଜାର ୫୦୦ ଲୋକଙ୍କ ମଧ୍ୟରୁ ମାତ୍ର ୧୨୦୦ ପାଖାପାଖି ଲୋକ ମାତ୍ର ଦଶମିନିଟ୍ ପାଇଁ ପାଦରେ ଚାଲିଥାଆନ୍ତି। ସେହିପରି ସମଗ୍ର ଓଡିଶାରେ ହେଉଥିବା ପ୍ଲାଷ୍ଟିକ୍ ଆବର୍ଜ୍ଜନାର ପରିମାଣ ମୋଟ ୫୩୦ ଟନ୍ ଥିଲା ସମୟରେ କେବଳ ଭୁବନେଶ୍ୱର ମହାନଗରୀରେ ପ୍ରତିଦିନ ୧୮୦ରୁ ୨୪୦ ଟନ୍ ପ୍ଲାଷ୍ଟିକ୍ ଆବର୍ଜ୍ଜନା ନିର୍ଗତ ହୋଇଥାଏ । ଯାହାପାଇଁ ପ୍ରାୟ ୫୦% ଦୃଷ୍ଟି ପ୍ରଦୂଷଣ ପାଇଁ କେବଳ ଦାୟୀ। ଏଠାରେ ଥିବା ୮୮ କଳକାରଖାନା ମଧ୍ୟରୁ ୧୬ ଗୋଟି ବାୟୁ ଓ ୩୪ଟି ଜଳପ୍ରଦୂଷଣ କରୁଛନ୍ତି ପ୍ରତିଦିନ। ତଥ୍ୟାନୁଯାୟୀ ଗାଙ୍ଗୁଆଡ୍ରେନ ଓ ଦୟାନଦୀରୁ ପ୍ରାୟ ୧୪୫୬ ଲକ୍ଷ ଲିଟର ଜଳ ପ୍ରତିଦିନ ଭୁବନେଶ୍ୱର ଡ୍ରେନ୍ ପାଣିରେ ଦୂଷିତ ହେଉଛି । ଏଥିପାଇଁ P.m.2.5 । P.m.10 ମଧ୍ୟ ସୀମା ବାହାରେ ଓ ଯେଉଁଥିପାଇଁ ଧଇଁ, ଶ୍ୱାସ, ଦୃଷ୍ଟିହୀନତା ଏବଂ ହୃଦରୋଗୀଙ୍କ ସଂଖ୍ୟା ବଢୁଛି ଭୁବନେଶ୍ୱର । ସ୍ମାର୍ଟସିଟିରେ ସମ୍ପ୍ରତି ବାୟୁର ସାଧାରଣ ପ୍ରଦୂଷଣକୁ ଅବରୋଧ କରିବା ପାଇଁ ଆବଶ୍ୟକ ଗଛର ଅଭାବ ରହିଛି । ଗତ ଫନି ବାତ୍ୟାରେ ଭୁବନେଶ୍ୱର ସହରରୁ ପ୍ରାୟ ୧୦ ଲକ୍ଷ ଗଛ ନଷ୍ଟ ହୋଇଯାଇଥିଲା ସତ୍ତ୍ୱେ, ସହର ନିର୍ମାଣ ପାଇଁ ପ୍ରତିବର୍ଷ ହଜାର ହଜାର ଗଛ କଟାଯାଉଛି। ରିପୋର୍ଟ ଅନୁଯାୟୀ ପ୍ରତିଦିନ ୮ରୁ ୧୦ ଗୋଟି ବୃକ୍ଷ ରାସ୍ତା ସଂପ୍ରସାରଣ, ନୂଆ ଘର ନିର୍ମାଣ ପାଇଁ କଟା ଚାଲିଛି। ଯାହା ଆଜି ଗ୍ଲୋବାଲ ୱାର୍ମିଂକୁ ଅତ୍ୟଧିକ କରିବାରେ ଲାଗିଛି। କେବଳ ୭୨୦ ଗଛ ନୂଆ ଏମ୍.ଏମ୍ ଏ କଲୋନୀ ପାଇଁ କଟାଯାଇଅଛି। ସରକାର ୧୯୮୨ ମସିହାରେ ସହରର ଦ୍ରୁତ ବର୍ଦ୍ଧିତ ଅବସ୍ଥାକୁ ଆଖି ଆଗରେ ରଖି ଭୁବନେଶ୍ୱର ଠାରୁ ୨୦ କିମି ଦୂରସ୍ଥ ଚନ୍ଦକା ଡମପଡା ସଂରକ୍ଷଣ ଜଙ୍ଗଲ ସୃଷ୍ଟି କରିଥିଲେ ମଧ୍ୟ ସହରର ଦ୍ରୁତ ଅଗ୍ରଗତି ଆଜି ସହରସ୍ଥ ଲୋକମାନଙ୍କ ପାଇଁ ଜୀବନ ମରଣ ସମସ୍ୟା ସୃଷ୍ଟି କରିଚାଲିଛି । କାରଣ ସବୁଜ ବନାନୀର ହ୍ରାସ ବିଶେଷକରି ବାୟୁପ୍ରଦୂଷଣ, ଗ୍ଲୋବାଲ୍ ୱାର୍ମିଂ ଏବଂ ଜଳସ୍ତର କମିଯିବାର ମୁଖ୍ୟ କାରଣ ଅଟେ ।

ଏସବୁ ସତ୍ତ୍ୱେ ୧୯୫୦ ମସିହାର ୧୬.୮୪ ବର୍ଗକିମି ଭୁବନେଶ୍ୱର ସହରରେ ଥିବା ୧୬,୦୦୦ ଲୋକ ଓ୨୦୨୫ ମସିହାରେ ୧୩୪୯ ବର୍ଗ କିମି ସଂପ୍ରସାରଣ ଭୁବନେଶ୍ୱର ସହରର ଲୋକସଂଖ୍ୟା ୧୩ ଲକ୍ଷ ୮୭ ହଜାର ମଧ୍ୟରେ କେତେ ତଫାତ୍? ଏଣୁ ଅନାବଶ୍ୟକ ଆବଶ୍ୟକତା, ସୌଖିନୀ ଜୀବନଯାତ୍ରା, ବ୍ୟକ୍ତିକୈନ୍ଦ୍ରିକ ଚିନ୍ତାଧାରା ଓ ଦୂରଦୃଷ୍ଟି ବିହୀନ ପରିକଳ୍ପନା ପାଇଁ ଆଜି କେବଳ ଭୁବନେଶ୍ୱର ନୁହେଁ ପୁରୀ, ଅନୁଗୋଳ, ରାଉରକେଲା, କଟକ, ଜଳେଶ୍ୱର, ବାଲେଶ୍ୱର ଆଦି ଅତ୍ୟାଧୁନିକ ସହରରେ ଲୋକେ ପ୍ରଦୂଷଣ, ଏକଲାପଣ, ଜଳସଂକଟ ଏବଂ ଜନଗହଳି ପାଇଁ ଶ୍ୱାସରୁଦ୍ଧ ଅବସ୍ଥା। ବର୍ତ୍ତମାନ ନିଜ ସୁରକ୍ଷା ନିଜ ହାତରେ। ତେଣୁ ସାବଧାନ।

ସହର ମାଡି ଆସୁଛି...।


*ଇଚ୍ଛାପୁର, ଶ୍ରୀବଳଦେବଜୀଉ*
*କେନ୍ଦ୍ରାପଡା,*
*ମୋ.-୭୮୭୩୯୮୩୯୧୧*


## ଦାବି ଓ ଲବି



**ଅଆ-ପଣକିଆ**


ବିଜୟ ଦାସ


ଦାବି ଓ ଲବି ବେଳେବେଳେ ଏକକ ଓ ଆଉ କେତେବେଳେ ଯୌଗିକ । କେବଳ ଦାବି ଉପସ୍ଥାପନ କରି କାର୍ଯ୍ୟ ହାସଲ କରାଯାଇପାରେ ଓ ଅନ୍ୟ ଦିଗରେ କେବଳ ଲବି କରି ସ୍ୱାର୍ଥ ହାସଲ କରାଯାଇପାରେ । କହିବା ବାହୁଲ୍ୟ ଯେ ଦାବି ଭିତରେ ଲବି ଓ ଲବି ଭିତରେ ଦାବି ଉପସ୍ଥାପନ ବେଶ୍ ପ୍ରଭାବଶାଳୀ ହୋଇପାର । ଯେପରିକି ଶିଶୁଟିଏ ନ କାନ୍ଦିଲେ ମା' ବି କ୍ଷୀର ଦେବା କଥା ଭୁଲିଯାଇଥାଏ । ସଦାସର୍ବଦା ଦାବି ଉପସ୍ଥାପନ ଏକାକୀ ଓ ଗୋଷ୍ଠୀଗତ ଭାବେ କର୍ତ୍ତୃପକ୍ଷଙ୍କ ନିକଟରେ ରଖାଯାଏ । ଯୁକ୍ତିସଙ୍ଗତ ହକ୍ ପାଇଁ ଜନତା କେତେକେତେ ହରତାଳ କରେ ତାହା ସୁସ୍ପଷ୍ଟ । ଅହେତୁକ ଦାବି କଥା ଛାଡ଼ି ନିଜ ନିଜର ହକ୍ ପାଇଁ ଲଢ଼ିବା ଏକ ସଂଗ୍ରାମ ହୋଇଯାଏ ସେତେବେଳେ, ଯେତେବେଳେ ଅବିଚାରିତ, ଯନ୍ତ୍ରଣା ଜର୍ଜରିତ ମଣିଷ ଆଉ କିଛି ବାଟ ପାଏନାହିଁ ।

ଦୁଇଟି କଥା, ଗୋଟିଏରେ ବିଦ୍ରୋହ କରି, ଅନ୍ୟଟି ଲବି କରି । ନୈତିକତାରେ ବରଂ ବିଦ୍ରୋହ ଭଲ । କାରଣ ଲବି ଏକ ଅନୈତିକ ବିଚାର । ଦୁଃଖର କଥା କେତେକେତେ ଯୋଗ୍ୟ ବ୍ୟକ୍ତି ସେମାନଙ୍କର ପ୍ରାପ୍ୟରୁ ବଞ୍ଚିତ ହୁଅନ୍ତି ଏହି ଲବି କାରଣରୁ । ପ୍ରିୟା, ପ୍ରୀତି, ତୋଷଣ ଏବଂ ସାମାଜିକ ବ୍ୟାଧି । କିନ୍ତୁ ଏହି ବ୍ୟାଧିରେ ପୀଡ଼ିତ କେବଳ ଉପଭୋକ୍ତା ନୁହେଁ, ବରଂ ବେଶୀ ଆକ୍ରାନ୍ତ ବିଗ୍‌ବସ୍‌ମାନେ । ରାସ୍ତା ପାଇଁ ଦାବି, ଡାକ୍ତରଖାନା ପାଇଁ ଦାବି, ଶିକ୍ଷାନୁଷ୍ଠାନ ପାଇଁ ଦାବି ଇତ୍ୟାଦି ଗୋଷ୍ଠୀଗତ ହୋଇଥିଲା ବେଳେ, ଚାକିରି ବାକିରି, ପୁରସ୍କାର, ପେନ୍‌ସନ୍‌ଠାରୁ ମୌଳିକ ବ୍ୟକ୍ତିଗତ ଅଧିକାର ନିଶ୍ଚେ ଏକକ ବ୍ୟକ୍ତି ବିଶେଷର ଦାବି । କିଛି ଜ୍ଞାନ ନଥାଇ ଉପରସ୍ତରରେ ସ୍ଥାନ ପାଇବାକୁ ଯେଉଁ ଏକ ସଂଘର୍ଷ ଚାଲେ, ସେଥିରେ ଜ୍ଞାନୀ, ଗୁଣୀ ପଛରେ ରହିଯାଆନ୍ତି ।

ଏହା ସତ୍ୟ ଯେ ଶୀର୍ଷ ଶାସକର ଏକ ମନୋବୃତ୍ତି ଥାଏ ଯେ ମୋତେ କିଛି ଅନୁଗତ ଛଳନାମୟ ହେଉ ପଛେ ସଦାସର୍ବଦା ପ୍ରଶଂସା କରନ୍ତୁ । ମୁଁ ସବ୍‌ଜାନ୍ତା ବୋଲି ସଭିଏଁ କହନ୍ତୁ । ମୋତେ କେହି ଉପଦେଶ ଦେବାର ଅଧିକାର ନରଖୁ । ୟେସ୍ ବସ୍ କହୁଥିବା ଲୋକ କ'ଣ ସଂସାରରେ ଅଭାବ? ସତରେ ଜିଭ କେବେ ବୁଝିପାରେନା କଲାର ଗୁଣକୁ । କେବଳ ମିଠାକୁ ଭଲ କହିବାର ଅର୍ଥ ନିଜ ଶରୀରକୁ ବିପଦ ମୁଖକୁ ଠେଲିଦେବା । ଯାହା ପାଟିକୁ ସୁଆଦ, କାନକୁ ମଧୁର, ତାହା ଯେ ଶରୀରର ହିତକାରୀ ତାହା ନୁହେଁ । ପିତା ହେଲେ ବି ସତ୍ୟ ବା ଅପ୍ରିୟ ସତ୍ୟକୁ କହିବା ଓ ଶୁଣିବାର ସାହାସ ରଖିଥିବା ଲୋକ ହିଁ ପୁରୁଷାର୍ଥର ପ୍ରତୀକ ।

ଏମନ୍ତ ଏକ ପ୍ରସଙ୍ଗକୁ ନେଇ ଆଜିର ଆମର ଆଲେଖ୍ୟ ଦାବି ଓ ଲବି ବିଶେଷ ଭାବେ, ଅଲଗା ଅଲଗା କରି ବଖାଣିବାକୁ ଚେଷ୍ଟା କରିଛୁ, ଯାହାକି ସାମାଜିକ ଜୀବନଚର୍ଯ୍ୟାରେ ଏକ ସୁମାର୍ଗ ଉପରେ ଆଲୋକପାତ କରିବା ।

### ଦାବି

ଦାବି କରିବା ବା ଦାବି ଉପସ୍ଥାପନ କରିବା ମଣିଷର ସହଜାତ ପ୍ରବୃତ୍ତି । ଏମିତିରେ ଜନ୍ମଠାରୁ ନିଜର ହକ୍ ମାଗିବା, ଏକ ସ୍ୱତଃ ପ୍ରାକୃତିକ ପଦ୍ଧତି । ମାଆଠାରୁ କ୍ଷୀର ଦାବି କରିବା ଯେମିତି ଶିଶୁର ଅଧିକାର, ଠିକ୍ ସେମିତି ସେ ଦାବି କରିବା ପୂର୍ବରୁ ମାଆର ଦାବି ପୂରଣ କରିଦେବା ବଡ଼ ଦାୟିତ୍ୱ । ଯେଉଁଥିପାଇଁ କୁହାଯାଏ, 'ପିଲା ନ କାନ୍ଦିଲେ କି ମାଆ କ୍ଷୀର ଦିଏ' । ଏହି କାନ୍ଦିବା ମଧ୍ୟ ଏକ ଦାବି । ସମାଜରେ ସବୁବର୍ଗର ଲୋକଙ୍କର ସବୁ ସ୍ତରର ମଣିଷଙ୍କର ଦାବି ଅଲଗା ଅଲଗା ହୋଇପାରେ । ପୁଣି କେତେବେଳେ ସମାନ ସ୍ତରର ଲୋକଙ୍କର ଦାବି ସମାନ ବି ହୋଇପାରେ । ଯେମିତିକି ଦରମା ବଢ଼େଇବା ପାଇଁ ହରତାଳ, ବସ୍ତିବାସିନ୍ଦାଙ୍କୁ ସୁବିଧା ସୁଯୋଗ ଦେବାକୁ ଆନ୍ଦୋଳନ, ଚାକିରି ପାଇଁ, ନ୍ୟାୟ ପାଇଁ, ଘର ପାଇଁ, ଭୂମି ପାଇଁ ଦାବି କରିବା ।

ପରିବାର ଭିତରେ ଘରର ମୂରବୀଙ୍କ ପାଖରେ ସଦସ୍ୟଙ୍କ ଦାବି ଭିନ୍ନ ଭିନ୍ନ ହୋଇପାରେ । ଝିଅର ଦାବି, ପୁଅର ଦାବି, ସ୍ତ୍ରୀର ଦାବି, ବୋହୂର ଦାବି, ଭାଇର ଦାବି କି ଭାଇବୋହୂର ଦାବି ଅଲଗା ଅଲଗା । ବେଳେବେଳେ ଅଯୌକ୍ତିକ ଦାବି ମଧ୍ୟ ହୁଏ । ଯେପରିକି ଭାଇ, ଭାଇବୋହୂଙ୍କ ଭିନେ ହେବାର ଦାବି, ସ୍ତ୍ରୀର ବାପଘରକୁ କ୍ଷମତା ବାହାରର ମୁତାବକ ଉପଢ଼ୌକନ ଦେବାର ଦାବି, ପିଲାଙ୍କର ସାଇକେଲ ବଦଳରେ ମୋଟର ସାଇକେଲ ଦାବି, ପ୍ରେମ ବିବାହ ଇତ୍ୟାଦିକୁ ବାଧ୍ୟ କରି ସ୍ୱୀକୃତି ଦେବାର ଦାବି ଇତ୍ୟାଦି ଇତ୍ୟାଦି । ମନସ୍ତାପ ଦେବ, ତାହା କରିବା ନିଷେଧ । ପୁଣି ମୂରବୀଙ୍କର, ବାପା ମାଆଙ୍କର ପିଲା ପାଖରେ ବି ଦାବି ରଖନ୍ତି । ପରୀକ୍ଷାରେ ବେଶି ମାର୍କ ରଖିବା ଏକ ଦାବି ମଧ୍ୟ । ବଡ଼ ହେଲେ, ଚାକିରି ବାକିରି କଲେ ବା ରୋଜଗାରକ୍ଷମ ହେଲେ, ବାପା ମାଆଙ୍କର ଦାବି ମଧ୍ୟ ବଢ଼ିଯାଏ । ଶିଘ୍ର ବୋହୂଟିଏ ଆଣିବାର ଦାବି, ଭଉଣୀର ବାହାଘର ପାଇଁ ହାତ ବଢ଼େଇବାର ଦାବି ତ ଚାଳଘରକୁ କୋଠାଘର ତ କୋଠାଘରକୁ ଦ୍ୱିତଳ, ତ୍ରିତଳ କରିବାର ଦାବି । ଅବଶ୍ୟ ସବୁ ବାପା ମାଆଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇନପାରେ ।

ସାଧାରଣତଃ ନିଜ ପକ୍ଷରେ ସମ୍ଭବ ହେଉଥିଲେ ଦାବି ସବୁ ପୂରଣ କରିବା ଉଚିତ୍ । ଯଦି ତାହା ଯୁକ୍ତିଯୁକ୍ତ ଏବଂ ଭବିଷ୍ୟତରେ ଲାଭ ଦେବାର ବା ଶୁଭ ଦେବାର ଆକଳନ କରାଯାଏ। ଚିନ୍ତା କରନ୍ତୁ ତ, ମହାଭାରତର ପାଣ୍ଡବଙ୍କ ପାଞ୍ଚଟି ଗ୍ରାମର ଦାବିକୁ ଦୁର୍ଯ୍ୟୋଧନର ପ୍ରତ୍ୟାଖ୍ୟାନ କେମିତି କୁରୁକ୍ଷେତ୍ର ଯୁଦ୍ଧକୁ ଆମନ୍ତ୍ରଣ କରିଥିଲା! ଆଜିର ପରିସ୍ଥିତିରେ ସରକାରଙ୍କ ପାଖରେ ଯେତେସବୁ ଦାବି ଉପସ୍ଥାପିତ କରେ ଜନତା, କ'ଣ ସବୁ କିଛିର ତର୍ଜମା କରି ପୂରଣ କରନ୍ତି ସରକାର? ହାତକୁ କାମ ଏବଂ ସଠିକ୍ ଦାମ୍ ଦେବାକୁ ଯୁକ୍ତିଯୁକ୍ତ ଦାବି ହୋଇପାରେ । ମାଗଣା ଚିଜ କି ଅର୍ଥ ଯୋଗାଣର ଦାବି କିଏ କରେ ଯେ! ଏହା ତ ଭିକ୍ଷାବୃତ୍ତି । ଯେତେବେଳେ ଜନତା ମୁଫତ୍ ଖାଇ ଭୋଟ ଦେବାକୁ ଯାଆନ୍ତି ନା, ନିଜର ଦୁର୍ଦ୍ଦିନକୁ ଡାକି ଆଣନ୍ତି ।

ଦାବି ଏକ ହାହାକାର ଭରା ଚିତ୍କାର ନୁହେଁ । ବରଂ ଦାବି, ବ୍ୟବସ୍ଥାର ଏକ ଅଲକ୍ଷିତ ଓ ଅଲିଖିତ ତ୍ରୁଟି । ଯାହାକି ଶାସକମାନଙ୍କୁ ଚେତେଇ ଦେବାକୁ ଯଥେଷ୍ଟ । ବିନା କର୍ମରେ କୌଣସି ପାରିଶ୍ରମିକ ବା ବର କେହି କ'ଣ ସ୍ୱୟଂ ପ୍ରଭୁ ବି ପ୍ରଦାନ କରନ୍ତି ନାହିଁ । ଏଣୁ ଅନ୍ୟଠାରେ ଦାବି କରିବା ପୂର୍ବରୁ ନିଜ ସାମର୍ଥ୍ୟ ଉପରେ, ନିଜର ଶକ୍ତି ଉପରେ ଦାବି ରଖନ୍ତୁ । ଯାହାକୁ ସ୍ୱୟଂ ନିଜେ ପୂରଣ କରିପାରିବେ । କାରଣ ପରଟେକା ତିଅଣ ସୁଡୁକେ... ।

ପୁଣି ଅଜବ ଅଜବ ଦାବି ଏ ପୃଥିବୀରେ ଦେଖାଯାଏ । ମୁଁ ତୋତେ ମାରିବି, କାରଣ ସିଏ ମୋତେ ମାରିଲା । ମୁଁ ତୋଠାରୁ ଛଡ଼େଇନେବି କାରଣ ଅନ୍ୟଜଣେ କେହି ମୋଠାରୁ ଛଡ଼େଇନେଲା । ଏହାତ ଅଦୃଶ୍ୟରେ ଘଟିଚାଲିଛି । କାରଣ ଯେ ଏକ ପ୍ରକାର ଅଯୌକ୍ତିକ ଦାବି ଅଟେ । ଝିଣ୍ଟିକା ମାରି ବଣି ପୋଷିଲା ପରି, ଶାସକ ମାନଙ୍କର ଦାବି ପୂରଣ କରିବାର ପନ୍ଥା କିନ୍ତୁ ବ୍ୟଥା ଦିଏ । ସହରାଞ୍ଚଳରେ ସରକାରୀ ଜାଗା ଜବରଦଖଲ କର, ପରେ ସରକାର ତମକୁ ଘର ଦେବେ ବା ବସ୍ତି ଗଢ଼ି ସବୁ ସୁବିଧା ମିଳିବ । ହେଲେ ଉପଯୁକ୍ତ ପାରିଶ୍ରମିକ ଦେଇ ଖଣ୍ଡେ ଜାଗା କିଣିବାକୁ ବାହାର, ଦେଖିବ କେତେ କଟକଣା । ନିଶ୍ଚୟ କାନୁନ୍‌ରେ ଆଉଟୁ ପାଉଟୁ ହେଉଥିବା, ଭିନ୍ନ ଭିନ୍ନ ଟିକସ ପଇଠ କରି ସନ୍ତୁଳିତ ହେଉଥିବ । ମଧ୍ୟବିତ୍ତକୁ କେହି କେବେ ପଚାରେ ନାହିଁ ତା'ର ଦାବି କ'ଣ? ଦରିଦ୍ରଙ୍କ ପରି ତଳକୁ ଜାବୁଡ଼ି ଧର, ଧନୀଙ୍କ ପରି ଶୂନ୍ୟକୁ ଜାବୁଡ଼ି ଧର, ନହେଲେ ମଧ୍ୟବିତ୍ତ ହୋଇ ମଝିରେ କବନ୍ଧ ପରି ଝୁଲିଥାଅ । ବାସ୍ ତୁମ ଦାବି ପୂରଣ ହୋଇଯିବ! ଆପଣଙ୍କର କିଛି ଦାବି ଅଛି କି?

### ଲବି

ଯଦିଓ ଲବି ଏକ ଇଂରାଜୀ ଶବ୍ଦ, ତଥାପି ଓଡ଼ିଆରେ ଏହା ବହୁଳ ଭାବେ ବ୍ୟବହୃତ । ଏହାର ଅର୍ଥ ସାଧାରଣରେ ବୁଝା ନପଡ଼ିବା କାରଣରୁ ହେଉ ବା ନିୟମ ବର୍ଜିତ ଅର୍ଥରୁ ହେଉ, ପ୍ରଥମେ ପ୍ରଥମେ ବ୍ୟବହୃତ ହେଲା ସିନା ଏବେ ତାହାର 'ମାନେ' ଦାଣ୍ଡରେ ପଡ଼ି ହାଟରେ ଗଡୁଛି । ସୁପାରିସ ପାଇଁ ହେଉ, ତୈଳମର୍ଦ୍ଦନ ପାଇଁ ହେଉ, ବା ଅନୈତିକ ଉପାୟରେ ହେଉ, କାର୍ଯ୍ୟ ହାସଲ ପାଇଁ ଯେ ଏକ ଅମୋଘ ଅସ୍ତ୍ର । ଦାବି ସିନା ହକ୍ ପାଇଁ କରାଯାଏ, ଲବି କିନ୍ତୁ ଅଧିକାର ବାହାରେ, ଅଯୋଗତାର ଅବିଗୁଣ ଥାଇବି କିଛି ହାସଲ କରିବାର ପ୍ରକ୍ରିୟା । ତଥାପି ବେଳେବେଳେ ଅନେକ ଯୋଗ୍ୟ ପ୍ରାର୍ଥୀ ଥିଲେ ଏବଂ ପଦବୀ ସଂଖ୍ୟା କମ୍ ଥିଲେ, ଲବି ହିଁ କାମ କରେ । ଚୟନକର୍ତ୍ତାମାନଙ୍କର ଏ ଦିଗରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ । କାରଣ ଯିଏ ପଦବୀ ପାଇବା ପାଇଁ ଲବି କରିପାରେ, ପଦବୀ ପାଇଲା ପରେ ସେହି ଲବି ମାଧ୍ୟମରେ ହିଁ ଅନେକ ଅନୈତିକ ଓ ଅଯୌକ୍ତିକ କାର୍ଯ୍ୟମାନ ହାସଲ କରିପାରିବ । ବରଂ ସେମାନଙ୍କୁ ଚୟନ ପ୍ରକ୍ରିୟାରୁ ବାଦ୍ ଦେବା ଉଚିତ୍ ।

ସାମ୍ପ୍ରତିକ ଚଳଣି କିନ୍ତୁ ଅଲଗା ଏବଂ ଓଲଟା । ବଡ଼ ବଡ଼ କାର୍ଯ୍ୟକର୍ତ୍ତାମାନଙ୍କର ପଦଲେହନକାରୀ, ପ୍ରଶଂସକ ଏବଂ ଚାଟୁକାରମାନଙ୍କ ଉପରେ ବେଶି ଦୟା ଓ ଆସ୍ଥା । କର୍ମ କୁଶଳତା ବୁଲିକିଯାଉ, ଆମ ପତିଆରା ଚମକୁଥାଉ । ଅନେକ କ୍ଷେତ୍ରରେ ଏସବୁର ପ୍ରୟୋଗ ହେଉଥବଲେ ମଧ୍ୟ, ଜନତାଙ୍କ ଦୃଷ୍ଟିର ଆଢୁଆଳରେ ରହିଥାଏ । ଏହି ଲବି ଓ ଉପଢ଼ୌକନର ଆକର୍ଷଣରେ ଇଂଲଣ୍ଡର ଇଷ୍ଟ ଇଣ୍ଡିଆ କମ୍ପାନୀ ଆମ ଦେଶରେ ବାଣିଜ୍ୟ କରିବାର ସୁଯୋଗ ପାଇଲେ । ଆଉ ପରବର୍ତ୍ତୀ ସମୟରେ? ଦୁଷ୍ଟବୁଦ୍ଧି ବାହାର କରି, ଡେଭିଡ୍ ଆଣ୍ଡ ରୁଲ୍ସର ନିୟମ ପ୍ରୟଣନ କରି ବେଶ୍ କିଛି ବର୍ଷ ଶାସନ କଲେ । ଦେଶର ଖଣ୍ଡ ବିଖଣ୍ଡିତ ରାଜ୍ୟର ରାଜାମାନେ ଲବିର ଅର୍ଥ ଜାଣିବା ପୂର୍ବରୁ ଜେଲ୍ ବନ୍ଦୀ ହୋଇ କାରାଗାରର ଚାରିକାନ୍ଥ ଭିତରେ ରୋଦନ କରୁଥିଲେ । ସେହି ବ୍ରିଟିଶ କାଇଦାର ଏଯାବତ୍ କେଉଁଠି ନା କେଉଁଠି ପ୍ରୟୋଗ ଅବ୍ୟାହତ ।

ଗୋଟିଏ ବଡ଼ କଥା ଲକ୍ଷ୍ୟ କରିବେ, ତଳ ପାହ୍ୟା ପାଇଁ ଅଯୋଗ୍ୟ ପ୍ରାର୍ଥୀ ଯଦି ଲବି ଦ୍ୱାରା ହାସଲ କରିପାରେ, ତୋଷାମଦରେ ମଧ୍ୟବିତ୍ତ ଚୟନକର୍ତ୍ତା ବଡ଼ ଅଫିସର ମଧ୍ୟ ହରଡ଼ଘଟଣାରେ ପରବର୍ତ୍ତୀ ସମୟରେ ପଡ଼େ । ଯେତେବେଳେ ସେହି ଚତୁର ଅଯୋଗ୍ୟ ପ୍ରାର୍ଥୀଟି ସେହି ଲବି ଦ୍ୱାରା ତା' ଚଉକି ନେଇଯାଏ ବା ତାକୁ ହିଁ ଗାଦିଚ୍ୟୁତ କରେ ଅଥବା ତା'ର ଉପରିସ୍ଥ ଅଧିକାରୀ ବନିଯାଏ । କହିବାର ଅର୍ଥ ହେଉଛି ସାପକୁ ସାଉଁଳେଇ ଦୁଗ୍ଧ ପିଆଇଲେ ମଧ୍ୟ ସେ ତ ଗରଳ ଉଗାଳିବ ନା । ଯେକୌଣସି କ୍ଷେତ୍ରକୁ ଲକ୍ଷ୍ୟ କଲେ ଆପଣ ଏହାର ପ୍ରକ୍ରିୟା ଓ ପ୍ରତିକ୍ରିୟା ଦେଖିପାରିବେ । ସାହିତ୍ୟ ସଂସ୍କୃତିର ପୃଷ୍ଠଭୂମିକୁ ଲକ୍ଷ୍ୟ କରନ୍ତୁନା, ଗଧ ମୁଣ୍ଡରେ ଶିରୋପା ଏବଂ ଘୋଡ଼ା ପିଠିରେ ବୋଝ ନିଶ୍ଚୟ ସାମ୍ନାକୁ ଆସିବ ।

ନମ୍ରତା ଓ ଆନୁଗତ୍ୟ କେବେ ହେଁ ଲବି ପର୍ଯ୍ୟାୟଭୁକ୍ତ ନୁହେଁ । ବରଂ ଉପଯୁକ୍ତ ସ୍ଥାନରେ ସ୍ଥାନିତ ହେବାର ବଳିଷ୍ଠ ଆୟୁଧ । ମିଛ ପ୍ରଶଂସାଠାରୁ ସତ୍ୟନିନ୍ଦା ସ୍ପୃହଣୀୟ । ଏଇଥିପାଇଁ ଯେ, କଟୁ ସତ୍ୟ ଏବଂ ଅପ୍ରିୟ ସତ୍ୟ ନିଶ୍ଚୟ ମଣିଷକୁ ଚେତେଇ ଦିଏ ନିଜର ଅବିଗୁଣ ସମ୍ପର୍କରେ ଏବଂ ଭବିଷ୍ୟତରେ ନିଆଁରେ ଅଙ୍ଗାର ନ ହୋଇ ସୁନା ପରି ଝଟକିବ ଭବିଷ୍ୟତରେ । ଲବିର ଅର୍ଥ ପ୍ରଭାବିତ କରିବା ନିଶ୍ଚୟ । ହେଲେ ବୃଥା ପ୍ରଶଂସାରେ ଖୁସି ହେଉଥିବା ଏବଂ ଆମୋଦିତ ହେଉଥିବା କାର୍ଯ୍ୟକର୍ତ୍ତାମାନେ ବେଶି ସାବଧାନ ହେବା ଉଚିତ୍ ଚାଟୁକାରମାନଙ୍କଠାରୁ । ଏଣୁ ସାଧୁ ସାବଧାନ ।


***ଅନନ୍ତବିହାର, ଫେଜ୍-୨,***
***ପୋଖରୀପୁଟ, ଭୁବନେଶ୍ୱର***
***ମୋ. ୯୩୪୮୮୯୩୭୫୨***

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ



ରାଜସ୍ଥାନ ଅର୍ଥାତ୍ ରାଜାମାନଙ୍କର ଭୂମି ବୀରମାନଙ୍କ ଭୂମି । ଏହା ଏମିତି ଅନେକ ଯୋଦ୍ଧାଙ୍କୁ ଜନ୍ମ ଦେଇଛି ଯେଉଁମାନେ ଜନ୍ମମାଟି ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଛନ୍ତି । ଏହି ବୀରଭୂମି ଦୁର୍ଗର ରାଜ୍ୟ ମଧ୍ୟ । ରାଜାମାନେ ନିଜ ରାଜ୍ୟର ସୁରକ୍ଷା ପାଇଁ ବିଶାଳ ଦୁର୍ଗ ତିଆରି କରିଛନ୍ତି । ଆଜି ରାଜାମାନେ ନାହାନ୍ତି ସତ ହେଲେ ସେସବୁ ଦୁର୍ଗ ଆଜି ମଧ୍ୟ ସେମାନଙ୍କ ବୀରତ୍ୱ ଓ ଦୂରଦର୍ଶିତାର କାହାଣୀ ବୟାନ କରେ । ରାଜସ୍ଥାନର ପ୍ରତ୍ୟେକ ଦୁର୍ଗ କୌଣସି ନା କୌଣସି ବୀରଙ୍କ ପାଇଁ ଗୌରବାନ୍ୱିତ ।



# ରାଜକୀୟ ରାଜସ୍ଥାନ

## ଉଦୟପୁରର କୁମ୍ଭଲଗଡ଼



ମେୱାରର ମହାରାଣା ପ୍ରତାପଙ୍କ ଜନ୍ମସ୍ଥାନ ଏହା । ମେୱାରର ସଙ୍କଟକାଳୀନ ରାଜଧାନୀ ଥିଲା ଏହା । ମହାରଣା କୁମ୍ଭଙ୍କଠାରୁ ଆରମ୍ଭ କରି ମହାରାଣା ରାଜ ସିଂହଙ୍କ ସମୟ ପର୍ଯ୍ୟନ୍ତ ମେୱାର ଉପରେ ହେଉଥିବା ଆକ୍ରମଣ ସମୟରେ ରାଜପରିବାର ଏହି ଦୁର୍ଗରେ ରହୁଥିଲେ । ନିକଟରେ ବଲିଉଡ୍ ସିନେମା 'ପ୍ରେମ୍ ରତନ ଧନ ପାୟୋ'ର ଅନେକ ଦୃଶ୍ୟ ଏହି କିଲ୍ଲାରେ ସୁଟିଂ ହୋଇଛି ।

ଏହି କିଲ୍ଲା ନିଜର ଦୃଢ଼ ପ୍ରାଚୀର ପାଇଁ ବିଖ୍ୟାତ । ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ ଏହି କିଲ୍ଲାର ପ୍ରାଚୀର ଚୀନ୍‌ର ବିଶାଳ ପ୍ରାଚୀରଠାରୁ ମଧ୍ୟ ମଜଭୁତ । ଚୀନ୍‌ର ପ୍ରାଚୀର ଉପରେ ୫ଟି ଘୋଡ଼ା ଏକାସାଙ୍ଗରେ ଦୌଡ଼ି ପାରୁଥିବା ବେଳେ ଏହି ପ୍ରାଚୀର ଉପରେ ୧୦ଟି ଘୋଡ଼ା ଏକାସାଙ୍ଗରେ ଦୌଡ଼ି ପାରନ୍ତି । ୧୪୪୩ ମସିହାରେ ରାଣା କୁମ୍ଭ ଏହି କିଲ୍ଲାର ନିର୍ମାଣ ଆରମ୍ଭ କରିଥିଲେ । ନିଜ ରାଜ୍ୟକୁ ସୁରକ୍ଷିତ ରଖିବା ପାଇଁ ପ୍ରାଚୀର ନିର୍ମାଣ ଆରମ୍ଭ ହେଲା । କିନ୍ତୁ ପ୍ରାଚୀର ଶେଷ ହେଲା ନାହିଁ । ମହାରାଣା କୁମ୍ଭ ଚିନ୍ତିତ ହୋଇପଡ଼ିଲେ । ଜଣେ ସନ୍ଥଙ୍କୁ ଡକାଇ ଉପାୟ ପଚାରିଲେ । ସବୁ ଶୁଣିବା ପରେ ସେ କହିଲେ– କୌଣସି ବ୍ୟକ୍ତି ସ୍ୱେଚ୍ଛାରେ ନିଜର ବଳି ଦେବା ପାଇଁ ପ୍ରସ୍ତୁତ ହେଲେ କିଲ୍ଲାର ନିର୍ମାଣ ଶେଷ ହେବ । ମହାରାଣା ଚିନ୍ତାରେ ପଡ଼ିଗଲେ– କିଏ ବା ନିଜ ଇଚ୍ଛାରେ ମରିବାକୁ ଆସିବ । ଏହାପରେ ସନ୍ଥ ତାଙ୍କୁ ବଳିଦେବା ପାଇଁ ରାଜାଙ୍କୁ ଅନୁରୋଧ କଲେ । ସନ୍ଥ କହିଲେ– ମୋତେ ପାହାଡ଼ ଉପରେ ଚାଲିବାକୁ ଦିଅ, ଯେଉଁଠି ଅଟକିଯିବି ସେଇଠି ମୋତେ ବଳି ଦେବ ଏବଂ ସେଠାରେ ଏକ ଦେବୀ ମନ୍ଦିର ନିର୍ମାଣ କରିବ । ୩୬ କିଲୋମିଟର ଚାଲିବା ପରେ ସେ ଅଟକିଗଲେ ଏବଂ ସୈନିକମାନେ ସେଠାରେ ଶରୀରରୁ ବେକକୁ ଅଲଗା କରିନେଲେ । ଯେଉଁଠି ତାଙ୍କର ମୁଣ୍ଡ ପଡ଼ିଲା ସେଠାରେ ମୁଖ୍ୟ ଦ୍ୱାର ନିର୍ମାଣ କରାଗଲା ଏବଂ ଯେଉଁଠି ଶରୀର ପଡ଼ିଲା ସେଠାରେ ଦ୍ୱିତୀୟ ଦ୍ୱାର । ଏହି କିଲ୍ଲା ଚାରି ପାର୍ଶ୍ୱରୁ ଆରାବଳିର ମଜଭୁତ ପାହାଡ଼ ଦ୍ୱାରା ସୁରକ୍ଷିତ । ଏହି କିଲା ସମୁଦ୍ରପତନରୁ ୧୯୧୪ ମିଟର ଉଚ୍ଚତାରେ ଥିବା ପାହାଡ଼ ଢାଲୁ ଉପରେ ତିଆରି ହୋଇଛି । କିଲ୍ଲାର ନିର୍ମାଣ ଶେଷ ହେବା ପାଇଁ ୧୫ବର୍ଷ ଲାଗିଥିଲା । ଆରାବଳି ପର୍ବତ ଶୃଙ୍ଖଳାରେ ଥିବା ଅନେକଗୁଡ଼ିଏ ପାହାଡ଼ ଉପରେ ଏହି ଦୁର୍ଗ ନିର୍ମିତ ହୋଇଛି । ଏହି ଦୁର୍ଗ ନିର୍ମାଣ ସମୟରେ ରାତିରେ କାମ କରିବା ପାଇଁ ସେ ସମୟରେ ୫୦କେଜି ଘିଅ ଏବଂ ୧୦୦ କେଜି ତୁଳା ବଳିତା ବ୍ୟବହାର ହେଉଥିଲା । ସୁରକ୍ଷା ଦୃଷ୍ଟିରୁ ଦେଖିବାକୁ ଗଲେ ଏହା ଖୁବ୍ ସୁରକ୍ଷିତ, ଶତ୍ରୁର ପହଞ୍ଚଠାରୁ ଅନେକ ଦୂରରେ ।

ଦୁର୍ଗରେ ଉଚ୍ଚ ସ୍ଥାନରେ ରହିଛି ମହଲ, ମନ୍ଦିର ଏବଂ ଆବାସୀୟ ଅଟ୍ଟାଳିକାଗୁଡ଼ିକ । ସମତଳ ଭୂମି କୃଷିକାର୍ଯ୍ୟ ପାଇଁ ବ୍ୟବହୃତ ହେଉଥିଲା । ଗଡାଣିଆ ଅଂଶରେ ଜଳାଶୟ ନିର୍ମିତ ହୋଇଥିଲା । ଦୁର୍ଗକୁ ଯଥାସମ୍ଭବ ସ୍ୱାବଲମ୍ବୀ କରାଯାଇଥିଲା । ଏହି ଦୁର୍ଗ ଭିତରେ ଆଉ ଏକ ଦୁର୍ଗ ଥିଲା ଯାହାର ନାମ କଟାରଗଡ଼ । ଏହି ଗଡ଼ ୭ଟି ବିଶାଳ ଦ୍ୱାର ଏବଂ ଦୃଢ଼ ପ୍ରାଚୀର ଦ୍ୱାରା ସୁରକ୍ଷିତ ଥିଲା । କୁମ୍ଭଲଗଡ଼ ଇତିହାସରେ ଥରେ ମାତ୍ର ଏହା ଭିତରକୁ ଶତ୍ରୁ ପ୍ରବେଶ କରିଥିଲେ । ଥରେ ମୋଗଲ ସେନା ବାହାରକୁ ଯାଇଥିବା ତିନିଜଣ ମହିଳାଙ୍କୁ ଅଟକାଇ ଦ୍ୱାରର ରହସ୍ୟ ନକହିଲେ ହତ୍ୟା କରିବେ ବୋଲି ଧମକାଇ ରାସ୍ତା ବୁଝି ନେଇଥିଲେ । ସେମାନେ ଭୟରେ ଏକ ଗୁପ୍ତ ଦ୍ୱାରର ରାସ୍ତା ବତାଇଥିଲେ, କିନ୍ତୁ ଏହା ପରେ ବି ମୋଗଲ ସୈନିକମାନେ ଅଧିକ ଭିତରକୁ ଯିବାକୁ ସଫଳ ହୋଇନଥିଲେ । ଏହାପରେ ଥରେ ଆକବରଙ୍କ ପୁଅ ଜାହାଙ୍ଗିର ଏହି କିଲ୍ଲା ଉପରେ ବିଜୟଲାଭ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଅସଫଳ ହୋଇଥିଲେ ।





ଏହି କିଲ୍ଲାରେ ଥିବା ରାଜ ଉଆଁସର ନାମ ବାଦଲ ମହଲ । ଏହାର ନିର୍ମାଣ ଶୈଳୀ ହିଁ ଏହାର ବିଶେଷତ୍ୱ । ବିନା ଏୟାର କଣ୍ଡିସନର୍‌ରେ ବି ଖୁବ୍ ଥଣ୍ଡା ଏ ମହଲର ପ୍ରତ୍ୟେକ କୋଠରୀ । ଏହା କିଲ୍ଲାର ଉପର ମହଲାରେ ରହିଛି । ଏହି ମହଲ ମଧ୍ୟ ଦୁଇ ମହଲା ବିଶିଷ୍ଟ । ସଂପୂର୍ଣ୍ଣ ମହଲ ପୁରୁଷ ଓ ନାରୀ ମହଲରେ ବିଭାଜିତ ।

କିଲ୍ଲା ଭିତରେ ପ୍ରବେଶ କରିବା ପାଇଁ ୭ଟି ଦ୍ୱାର ରହିଛି । କିଲ୍ଲା ଭିତରେ ୩୬୦ଟି ମନ୍ଦିର ରହିଛି । ସେ ମଧ୍ୟରୁ ୩୦୦ଟି ଜୈନ ମନ୍ଦିର ଏବଂ ୬୦ଟି ହିନ୍ଦୁ ମନ୍ଦିର ରହିଛି । ତେବେ ଏ ମଧ୍ୟରୁ ନୀଳକଣ୍ଠ ମହାଦେବ ମନ୍ଦିର ସବୁଠାରୁ ବିଖ୍ୟାତ । ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ ମନ୍ଦିରରେ ପ୍ରତି ସନ୍ଧ୍ୟାରେ ଲାଇଟ୍ ଆଣ୍ଡ ସାଉଣ୍ଡ ସୋ' ଅନୁଷ୍ଠିତ ହେଉଛି । ଏଥିରେ ଖୁବ୍ ସୁନ୍ଦର ଭାବରେ କୁମ୍ଭଲଗଡ଼ କିଲ୍ଲାର ସଂପୂର୍ଣ୍ଣ ଇତିହାସ ବର୍ଣ୍ଣନା କରାଯାଉଛି ।

## ଯୋଧପୁରର ମେହେରାନ୍‌ଗଡ଼



ଯୋଧପୁରରେ ୧୨୦ ମିଟର ଉଚ୍ଚ ଏକ ପାହାଡ଼ ଉପରେ ନିର୍ମିତ ହୋଇଛି ମେହେରାନ୍‌ଗଡ଼ କିଲ୍ଲା। ଏହି କିଲ୍ଲା ଦିଲ୍ଲୀର କୁତବ୍‌ମିନାରଠାରୁ ଉଚ୍ଚା। କିଲ୍ଲା ପରିସରରେ ରହିଛି ସତୀମାତାଙ୍କ ମନ୍ଦିର। ୧୮୪୩ ମସିହା ମହାରାଜା ମାନସିଂହଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ଚିତାରେ ବସି ସତୀ ହୋଇଥିଲେ। ଏହି ମନ୍ଦିର ତାଙ୍କ ସ୍ମୃତିରେ ନିର୍ମିତ ହୋଇଛି। ହଜାର ବର୍ଷ ପୂର୍ବେ ନିର୍ମିତ ହୋଇଥିବା ଏହି କିଲାର ଅବିକଳ ନକଲ ଅଛି ପାକିସ୍ତାନର ବହାବଲପୁରଠାରେ। ଏହାର ନାମ କିଷାନଗଡ଼ ନାମରେ । ଏହି କିଲ୍ଲାର ପାଚେରି ୧୦ କିଲୋମିଟର ପରିବ୍ୟାପ୍ତ। ଉଚ୍ଚତା ୨୦ଫୁଟରୁ ୧୨୦ ଫୁଟ୍ ଏବଂ ଚଉଡ଼ା ୧୨ଫୁଟରୁ ୭୦ଫୁଟ୍ ପର୍ଯ୍ୟନ୍ତ। ଏହି କିଲ୍ଲା ପରିସରରେ ୭ଟି ଆରକ୍ଷିତ ଦୁର୍ଗ ରହିଛି । ଅଙ୍କାବଙ୍କା ସଡ଼କରେ ସଂଯୁକ୍ତ ଏହି କିଲ୍ଲାର ଚାରି ଦ୍ୱାର ରହିଛି । କିଲ୍ଲା ଭିତରେ ଅନେକ ସୁନ୍ଦର ମହଲ, କାରୁକାର୍ଯ୍ୟଭରା ଦ୍ୱାର ଏବଂ ଜାଲି କାମର ଝରକା ରହିଛି। ଯୋଧପୁରର ଶାସକ ରାଓ ଯୋଦ୍ଧା ୧୪୫୯ ମସିହାରେ ଏହି କିଲ୍ଲାର ନିର୍ମାଣ ଆରମ୍ଭ କରିଥିଲେ ଏବଂ ମହାରାଜା ଯଶୋବନ୍ତ ସିଂ ଏହାର ନିର୍ମାଣ ଶେଷ କରିଥିଲେ । ଏହି ଗଡ଼ରେ ୭ଟି ଦ୍ୱାର ରହିଛି । ତେବେ ଏ ମଧ୍ୟରୁ ୪ଟି ଦ୍ୱାର ଐତିହାସିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଏଗୁଡ଼ିକୁ ସଂପୃକ୍ତ ମହାରାଜାମାନେ ଶତ୍ରୁପକ୍ଷ ଉପରେ ବିଜୟର ସ୍ମାରକୀ ସ୍ୱରୂପ ନିର୍ମାଣ କରିଥିଲେ । ରାଜପୁତ ରାଜାମାନେ ତାଙ୍କ ବୀର ସୈନିକମାନଙ୍କୁ କେତେ ସମ୍ମାନ ଦେଉଥିଲେ ତାହାର ପ୍ରମାଣ ଦିଏ ଏହି ଦୁର୍ଗରେ ଥିବା କିରଟ ସିଂ ସୋଦାଙ୍କ ଛତ୍ରି ବା ସମାଧି । ଏହି ସୈନିକଜଣକ ମେହେରାନ୍‌ଗଡ଼ର ସୁରକ୍ଷା ପାଇଁ ଯୁଦ୍ଧ କରି ପ୍ରାଣ ହରାଇଥିଲେ । ଏହି ଦୁର୍ଗ ମଧ୍ୟରେ ରାଠୋର ବଂଶର ରାଜାମାନଙ୍କର ଅସ୍ତ୍ରଶସ୍ତ୍ର, ପୋଷାକ, ସମସାମୟିକ କଳା ଆଦି ସଂରକ୍ଷିତ ହୋଇ ରହିଛି ।



ରାଠୋର ବଂଶର ମହାରାଜା ରାଓ ଯୋଧା ଯୋଧପୁର ସହରର ପ୍ରତିଷ୍ଠାତା । ମହାରାଜା ରଣମଲଙ୍କର ପୁତ୍ର ସେ । ସିଂହାସନରେ ଅଭିଷିକ୍ତ ହେବାର ଗୋଟିଏ ବର୍ଷ ପରେ ରାଓ ଯୋଧା ତାଙ୍କ ରାଜଧାନୀକୁ ଅପେକ୍ଷାକୃତ ଅଧିକ ନିରାପଦ ଯୋଧପୁରକୁ ଉଠାଇନେବା ପାଇଁ ନିଷ୍ପତ୍ତି ନେଲେ । କାରଣ ସେତେବେଳକୁ ହଜାର ବର୍ଷ ପୁରୁଣା ହୋଇଯାଇଥିବା ମାଣ୍ଡୋର ଦୁର୍ଗ ଆଉ ନିରାପଦ ହୋଇନଥିଲା ।

ନିଜର ଦୁର୍ଗ ନିର୍ମାଣ ପାଇଁ ସେ ଯୋଧପୁରକୁ ପସନ୍ଦ କଲେ । ଏଠାରେ ଥିବା ଭାଉଚିଡ଼ିଆ ପାହାଡ଼କୁ ପସନ୍ଦ କଲେ ଦୁର୍ଗ ପାଇଁ । ଏହି ପାହାଡ଼ ଉପରେ ହଜାର ହଜାର ପକ୍ଷୀଙ୍କ ମଧ୍ୟରେ ଚିଡ଼ିଆ ନାଥଜୀ ନାମକ ଜଣେ ସାଧୁ ରହୁଥିଲେ । ରାଓ ଯୋଧାଙ୍କ ସୈନିକମାନେ ତାଙ୍କୁ ସେଠାରୁ ଉଠାଇବାକୁ ଚେଷ୍ଟା କଲେ । ଏଥିରେ କ୍ରୋଧିତ ହୋଇ ସାଧୁ ଅଭିଶାପ ଦେଲେ ତୁମ ଦୁର୍ଗ ସୁରକ୍ଷିତ ହେବ ସତ କିନ୍ତୁ ସବୁବେଳେ ଜଳାଭାବ ରହିବ । ତେବେ ପରେ ରାଓ ଯୋଧା ସାଧୁଙ୍କ ପାଇଁ ଏକ ମନ୍ଦିର ତିଆରି କରି ତାଙ୍କୁ ସନ୍ତୁଷ୍ଟ କଲେ । ତଥାପି ଆଜି ପର୍ଯ୍ୟନ୍ତ ଏ ଅଞ୍ଚଳରେ ପ୍ରତି ତିନି ଚାରିବର୍ଷରେ ଦୁର୍ଭିକ୍ଷ ପଡୁଛି । ଏହି ଦୁର୍ଗ ନିର୍ମାଣ ସମୟରେ ଗୋଟିଏ ମାନବ ବଳୀର ଆବଶ୍ୟକତା ପଡ଼ିବାରୁ ରାଜାରାମ ମେଘୱାଲ ନାମକ ଜଣେ ବ୍ୟକ୍ତିକୁ ଜୀବନ୍ତ କବର ଦିଆଯାଇଥିଲା ଏବଂ ପ୍ରତିଶ୍ରୁତି ସ୍ୱରୂପ ତାଙ୍କ ପରିବାରର ସମସ୍ତ ଦାୟିତ୍ୱ ରାଓ ଯୋଧା ନେଇଥିଲେ । ଆଜି ମଧ୍ୟ ରାଜାରାମଙ୍କ ବଂଶଧରମାନେ ଯୋଧପୁରର ରାଜବାଗରେ ବସବାସ କରୁଛନ୍ତି । ଏହି ଦୁର୍ଗ ମଧ୍ୟରେ ମୋତି ମହଲ, ଫୁଲ ମହଲ, ସିସ୍ ମହଲ, ସିଲେହ ଖାନା, ଦୌଲତ୍ ଖାନା ଆଦି ସୁନ୍ଦର ମହଲ ସବୁ ରହିଛି । ତେବେ ବର୍ତ୍ତମାନ ଏହି ଦୁର୍ଗର ଅନ୍ୟତମ ପ୍ରମୁଖ ଆକର୍ଷଣ ରାଜକୀୟ ସଂଗ୍ରହାଳୟ । ଏହି ସଂଗ୍ରହାଳୟରେ ସେ ସମୟରେ ବ୍ୟବହୃତ ହେଉଥିବା ରାଜକୀୟ ପାଲିଙ୍କି, ହାତୀ ଉପରେ ବସିବା ପାଇଁ ଉଦ୍ଦିଷ୍ଟ ଥିବା ହୋଦା, ରାଜକୀୟ ଦୋଳା, ପଗଡ଼ି, ବାଦ୍ୟଯନ୍ତ୍ର, ପୋଷାକ, ଆସବାବପତ୍ର ଏବଂ ଚିତ୍ର ସବୁ ରହିଛି । ଦୁର୍ଗରେ ଥିବା ପୁରୁଣା ତୋପ ମଧ୍ୟ ସଂରକ୍ଷିତ ହୋଇ ରହିଛି । ମୋଗଲ ସମୟର କଳାକୃତିଗୁଡ଼ିକ ମଧ୍ୟ ଚିତ୍ରକଳା ଗ୍ୟାଲେରିରେ ରହିଛି ।



ଯୋଧପୁରର ପ୍ରତି ଶାସକଙ୍କ ଅମଳର ଅସ୍ତ୍ରଶସ୍ତ୍ର ଏବଂ ରତ୍ନ ଖଚିତ ଅସ୍ତ୍ର ଏଠାରେ ରହିଛି । ଅନେକ ମହାରାଜାଙ୍କ ବ୍ୟକ୍ତିଗତ ତରବାରୀ ଏଠାରେ ରହିଛି । ରାଓ ଯୋଧାଙ୍କର ତିନିକେଜି ଓଜନ ବିଶିଷ୍ଟ ଖଣ୍ଡା, ଆକବର ଏବଂ ତୈମୁରଲଙ୍ଗଙ୍କ ଖଣ୍ଡା ମଧ୍ୟ ଏହି ଗ୍ୟାଲେରିରେ ପ୍ରଦର୍ଶିତ ହୋଇଛି ।



ରାଜସ୍ଥାନରେ ଚତୁର୍ଦ୍ଦଶ ଶତାବ୍ଦୀରୁ ବ୍ୟବହୃତ ହୋଇଆସୁଥିବା ବିଭିନ୍ନ ପ୍ରକାର ପଗଡ଼ି ମଧ୍ୟ ଏଠାରେ ସଂରକ୍ଷିତ ହୋଇ ରହିଛି । ପ୍ରତ୍ୟେକ ଗୋଷ୍ଠୀ, ସଂପ୍ରଦାୟ, ଅଞ୍ଚଳ ଏବଂ ପ୍ରତ୍ୟେକ ଉତ୍ସବରେ ବ୍ୟବହୃତ ହେଉଥିବା ଭିନ୍ନ ଭିନ୍ନ ପଗଡ଼ିଗୁଡ଼ିକ ଏଠାରେ ସ୍ଥାନିତ ହୋଇଛି ।

ଦୁର୍ଗ ପରିସରରେ ରହିଛି ରାଓ ଯୋଧାଙ୍କ ଆରାଧ୍ୟ ଦେବୀ ଚାମୁଣ୍ଡା ମାତାଙ୍କ ମନ୍ଦିର । ୧୪୬୦ ମସିହାରେ ମାଣ୍ଡୋରଗଡ଼ରୁ ଆସିବା ସମୟରେ ସେ ଚାମୁଣ୍ଡାମାତାଙ୍କର ଏହି ପ୍ରତିମା ନିଜ ସହ ନେଇଆସିଥିଲେ । ସେବେଠାରୁ ଚାମୁଣ୍ଡାମାତା ଯୋଧପୁର ମହାରାଜା ଏବଂ ରାଜ ପରିବାରର ଇଷ୍ଟଦେବୀ ଭାବରେ ପୂଜା ପାଉଛନ୍ତି । ଯୋଧପୁରର ବାସିନ୍ଦାମାନେ ମଧ୍ୟ ତାଙ୍କୁ ଇଷ୍ଟଦେବୀ ଭାବରେ ମାନନ୍ତି ।



## ଚିତ୍ତୋରଗଡ଼

ଏହା ଭାରତର ସବୁଠାରୁ ବଡ଼ ଦୁର୍ଗ । ସପ୍ତମ ଶତାବ୍ଦୀରେ ମୌର୍ଯ୍ୟ ଶାସକମାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ମୌର୍ଯ୍ୟ ଶାସକ ଚିତ୍ରାଙ୍ଗଦ ମୋରିଙ୍କ ନାମ ଅନୁଯାୟୀ ଏହାର ନାମ ହୋଇଛି ଚିତ୍ତୋରଗଡ଼ । ସିସୋଦିଆ ରାଜପୁତ ଶାସକମାନେ ପରବର୍ତ୍ତୀ ସମୟରେ ଏହାକୁ ଶାସନ କଲେ । ୧୫୬୭ ମସିହାରେ ମୋଗଲ ସମ୍ରାଟ ଆକବର ଏହା ଉପରେ ଆକ୍ରମଣ କରି ଦୁର୍ଗକୁ ଦଖଲକୁ ନେଇଥିଲେ ଏବଂ ୧୫୬୮ ମସିହାରେ ଏହା ପରିତ୍ୟକ୍ତ ହୋଇଗଲା । ୬୯୧ ଏକର ପରିବ୍ୟାପ୍ତ ଥିଲା ଏହି ଦୁର୍ଗର ଅଞ୍ଚଳ । ଦୁର୍ଗଟି ନିର୍ମିତ ହୋଇଥିଲା ୫୯୦ଫୁଟ୍ ଉଚ୍ଚରେ । ଚିତ୍ତୋରଗଡ଼ ମେୱାରର ପୂର୍ବତନ ରାଜଧାନୀ ଥିଲା । ତେବେ ମହାରାଜା ଉଦୟ ସିଂ ଦ୍ୱିତୀୟ ଆକବରଙ୍କ ଦ୍ୱାରା ପରାଜିତ ହେବା ପରେ ସେ ଉଦୟପୁରକୁ ନିଜର ରାଜଧାନୀ କରିଥିଲେ । ଏହି ଦୁର୍ଗରେ ସମୁଦାୟ ୭ଟି ଦ୍ୱାର ରହିଛି । ଦୁର୍ଗ ମଧ୍ୟରେ ଅନେକ ଐତିହାସିକ ସ୍ମାରକୀ ଯଥା ବିଜୟ ସ୍ତମ୍ଭ, କୀର୍ତ୍ତି ସ୍ତମ୍ଭ, ଫତେପ୍ରକାଶ ମହଲ, ରାଣା କୁମ୍ଭ ମହଲ, ଗୋମୁଖ ସରୋବର ଏବଂ ରାଣୀ ପଦ୍ମିନୀ ମହଲ ରହିଛି । ଏସବୁ ବ୍ୟତୀତ ଦୁର୍ଗ ମଧ୍ୟରେ ହିନ୍ଦୁ ଦେବଦେବୀଙ୍କର ଅସଂଖ୍ୟ ମନ୍ଦିର ରହିଛି ।



## ଆମେର ଦୁର୍ଗ



ରାଜସ୍ଥାନର ରାଜଧାନୀ ଜୟପୁରଠାରୁ ୧୧ କିଲୋମିଟର ଦୂରରେ ରହିଛି ଆମେର ଦୁର୍ଗ । ଏହି ଦୁର୍ଗ କୁଶୱାଡା ରାଜପୁତ ମହାରାଜା ମାନସିଂହଙ୍କ ଦ୍ୱାରା ୧୫୯୨ ମସିହାରେ ନିର୍ମିତ ହୋଇଥିଲା ଏବଂ ତାଙ୍କର ଉତ୍ତାଧିକାରୀ ମହାରାଜା ଜୟସିଂ ପ୍ରଥମ ଏହାକୁ ସଂପ୍ରସାରିତ କରାଇଥିଲେ । ପରବର୍ତ୍ତୀ ଦେଢ଼ଶହ ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ୧୭୨୭ ମସିହା ପର୍ଯ୍ୟନ୍ତ ଏହି ଦୁର୍ଗରେ ନାନାପ୍ରକାର ସଂପ୍ରସାରଣ କରାଯାଇଥିଲା । ତେବେ ୧୭୨୭ ମସିହାରେ ମହାରାଜା ସବାଇ ଜୟସିଂ ଦ୍ୱିତୀୟ ଜୟପୁରକୁ ନିଜର ରାଜଧାନୀ କରିଥିଲେ । ଏହି ବିଶାଳ ଦୁର୍ଗ ମଧ୍ୟରେ ଚାରୋଟି ମୁଖ୍ୟ ଛକ ରହିଛି । ପ୍ରଥମ ଛକକୁ କୁହାଯାଏ ଜଲେବ୍ ଚୌକ୍ । ଏଠାରେ ସୈନିକମାନେ ଏକତ୍ରିତ ହୋଇ ନିଜର ସାହସିକ କଳାକୌଶଳ ପ୍ରଦର୍ଶନ କରନ୍ତି । ଏହିଠାରେ ରହିଛି ବିଶାଳ ସୀଲାମାତା ମନ୍ଦିର । ଏହା ଭିତରେ ଥିବା ଦ୍ୱିତୀୟ ଛକ ହେଉଛି ଦ୍ୱିତୀୟ ଏ ଆମ୍ । ଏହା ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ । ୨୭ଟି ମଣ୍ଡପ ରହିଛି ଏଠାରେ ଏବଂ ପ୍ରତ୍ୟେକଟି ମଣ୍ଡପ ଚାରିପାଖରେ ଗ୍ୟାଲେରି ରହିଛି । ତୃତୀୟ ଛକରେ ରହିଛି ରାଜପରିବାରର ବ୍ୟକ୍ତିଗତ ଅଟ୍ଟାଳିକାଗୁଡ଼ିକ । ଚତୁର୍ଥ ଛକରେ ଥିବା ମହଲ ରାଜପରିବାରର ରାଣୀ, ରାଜକୁମାରୀ ଏବଂ ଅନ୍ୟାନ୍ୟ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ । ଆମେର ଦୁର୍ଗ ବର୍ତ୍ତମାନ ରାଜସ୍ଥାନର ଅନ୍ୟତମ ମୁଖ୍ୟ ପର୍ଯ୍ୟଟନ ସ୍ଥଳ । ପ୍ରତିଦିନ ପ୍ରାୟ ୫ହଜାର ପର୍ଯ୍ୟଟକ ଏଠାକୁ ଆସନ୍ତି ।

## ଜୟଗଡ଼ ଦୁର୍ଗ

ଆମେର ଦୁର୍ଗଠାରୁ ୪୦୦ଫୁଟ୍ ଉଚ୍ଚତାରେ ଚିଲ୍ କା ଟିଲା ନାମକ ପାହାଡ଼ ଉପରେ ରହିଛି ଏହି ଦୁର୍ଗ । କୁଶବାହ ରାଜବଂଶର ମହାରାଜା ସବାଇ ଜୟସିଂ ଦ୍ୱିତୀୟ ୧୭୨୬ ମସିହାରେ ଏହି ଦୁର୍ଗ ନିର୍ମାଣ କରିଥିଲେ । ଆମେର ଦୁର୍ଗକୁ ଅଧିକ ସୁରକ୍ଷିତ କରିବା ପାଇଁ ଏହି ଦୁର୍ଗ ନିର୍ମାଣ କରାଯାଇଥିଲା ଏବଂ ରାଜାଙ୍କ ନାମରେ ନାମିତ ହୋଇଥିଲା । ଏହାର ଗଠନ ଶୈଳୀ ଆମେର ଦୁର୍ଗ ପରି । ରାଜପ୍ରାସାଦଟି ଚାରୋଟି ଅଂଶରେ ବିଭକ୍ତ । ଯଥା– ଲକ୍ଷ୍ମୀବିଳାସ, ଲଳିତ ମନ୍ଦିର, ବିଳାସ ମନ୍ଦିର ଏବଂ ଆରାମ ମନ୍ଦିର । ରାଜ ପରିବାରର ପାଇଁ ସୁନ୍ଦର ଉଦ୍ୟାନଟିଏ ଥିଲା । ଏହି ଦୁର୍ଗ ମଧ୍ୟରେ ଏକ ବିରାଟ ଅସ୍ତ୍ରାଗାର ଥିଲା । ମନ୍ଦିର ମଧ୍ୟରେ ରାମ ହରିହର ମନ୍ଦିର ଏବଂ କଳଭୈରବ ମନ୍ଦିର ରହିଛି । ଏ ଅଞ୍ଚଳରେ ଜଳାଭାବ ଥିବାରୁ ଜଳ ଅମଳ ବ୍ୟବସ୍ଥା ଥିଲା ଏବଂ ସଂଗୃହିତ ଜଳ ତିନୋଟି ଭୂତଳ ବାମ୍ଫୀରେ ସଂଗୃହିତ ହୋଇ ରହୁଥିଲା । ଏହି ଦୁର୍ଗରେ ସବୁଠାରୁ ବଡ଼ ଆକର୍ଷଣ ହେଉଛି ବିଶ୍ୱର ବୃହତ୍ତମ ଚଳୀୟମାନ ତୋପ । ଏହି ତୋପରେ ଚକ ଥିଲା । ଏହାର ନାମ ଜୟବାଣ ତୋପ । ଦୁର୍ଗ ମଧ୍ୟରେ ଥିବା କାରଖାନାରେ ଏହା ନିର୍ମିତ ହୋଇଥିଲା । ଏହି ତୋପ କେବେବି ଯୁଦ୍ଧରେ ବ୍ୟବହାର ହୋଇନଥିଲେ ମଧ୍ୟ ପରୀକ୍ଷାମୂଳକ ଭାବରେ ବ୍ୟବହାର ହେବା ସମୟରେ ୧୦୦ କିଲୋଗ୍ରାମ୍ ଗନ୍‌ପାଉଡର ଏବଂ ୫୦ କିଲୋଗ୍ରାମ୍ ଗୋଳା ପାଉଡ଼ର ଦରକାର ହୋଇଥିଲା । ଏହି ତୋପ ୩୫ କିଲୋମିଟର ଦୂରକୁ ଯାଇପାରୁଥିଲା ।

---

# ଅଢ଼ାଇ ଦିନ୍ କା ଝୋପଡ଼ା

ବିଶ୍ୱପ୍ରସିଦ୍ଧ ଆଜମିର ଦରଘା ନିକଟରେ ରହିଛି ଏହି ବିଶାଳ ଐତିହାସିକ ସ୍ଥଳ । ଏହାର ଇତିହାସ ୮ବର୍ଷ ପୁରୁଣା । ଏହାକୁ ନେଇ ଅନେକ ଲୋକ ବିଶ୍ୱାସ ମଧ୍ୟ ରହିଛି । ବିଶ୍ୱାସ କରାଯାଏ ଏହି ମସ୍‌ଜିଦ ମାତ୍ର ଅଢ଼େଇ ଦିନରେ ନିର୍ମିତ ହୋଇଥିଲା । ତେଣୁ ଏହାର ନାମ ରହିଛି ଅଢ଼ାଇ ଦିନ୍‌କା ଝୋପ୍‌ଡ଼ା । ଏଠାରେ ପ୍ରତିବର୍ଷ ଅଢ଼େଇ ଦିନ ମେଳା ଅନୁଷ୍ଠିତ ହୁଏ । ବର୍ତ୍ତମାନ ଧ୍ୱଂସାବଶେଷ ପାଲଟିଥିବା ଏହି ଐତିହାସିକ ଅଟ୍ଟାଳିକାରେ ୭ଟି ମେହେରାବ ଏବଂ ହିନ୍ଦୁ–ମୁସ୍‌ଲମାନ ଶୈଳୀର ୭୦ଟି ସ୍ତମ୍ଭ ରହିଛି । ଏହାର ଛାତ ଉପରେ ମଧ୍ୟ ନିଖୁଣ କାରିଗରୀ ରହିଛି । ଇତିହାସରୁ ଜଣାଯାଏ ଏଠାରେ ଏକ ବିରାଟ ସଂସ୍କୃତ ବିଦ୍ୟାଳୟ ଥିଲା । ଏହାକୁ ଅଢ଼େଇଦିନ ମଧ୍ୟରେ ମସ୍‌ଜିଦରେ ବଦଳାଇ ଦିଆଯାଇଥିଲା ।



ପୃଥ୍ୱୀରାଜ ଚୌହ୍ୱାନ ଓ ମହମଦ ଘୋରୀଙ୍କ ମଧ୍ୟରେ ହୋଇଥିବା ଶେଷ ଯୁଦ୍ଧରେ ଘୋରୀ ପୃଥ୍ୱୀରାଜଙ୍କୁ ହତ୍ୟା କରି ବିଜୟୀ ହୋଇଥିଲେ । ବିଜୟ ପରେ ସେ ଆଜମିର ଦରଘାରେ ଚାଦର ଚଢ଼ାଇବା ପାଇଁ ଆସିଥିଲେ । ଆସିବା ସମୟରେ ସେ ଏହି ସଂସ୍କୃତ ବିଦ୍ୟାଳୟ ଓ ଏଥିସହ ସଂଯୁକ୍ତ ମନ୍ଦିରର ସୌନ୍ଦର୍ଯ୍ୟରେ ବିମୋହିତ ହୋଇଥିଲେ । କିନ୍ତୁ ଏହି ମନ୍ଦିର ଦରଘା ପାଖରେ ରହିବା ତାଙ୍କୁ ପସନ୍ଦ ହୋଇନଥିଲା । ତେଣୁ ତୁରନ୍ତ ଏହାକୁ ମସ୍‌ଜିଦରେ ବଦଳାଇଦେବାକୁ ଇଚ୍ଛା କଲେ । ସେ ପରାଜିତ ସେନାପତିଙ୍କୁ ସମସ୍ତ କାମ ୬୦ଘଣ୍ଟା ମଧ୍ୟରେ ଶେଷ କରିବାକୁ । ଆଜମିର ଫେରିବା ପୂର୍ବରୁ ସେ ଏଠାରେ ନମାଜ କରି ଦିଲ୍ଲୀ ଫେରିବେ ବୋଲି କହିଥିଲେ । ତେଣୁ ଉକ୍ତ ସେନାପତି ଅଢ଼େଇଦିନ ମଧ୍ୟରେ ମସ୍‌ଜିଦ ପ୍ରସ୍ତୁତ କରିଦେଲେ ।

ଏଠାରେ ଥିବା ତିନୋଟି ଯାକ ମନ୍ଦିର ଏତେ ଆକର୍ଷକ ଥିଲା ଯେ ମସ୍‌ଜିଦ୍ ତିଆରି ସମୟରେ ସେ ସମସ୍ତ ସ୍ତମ୍ଭକୁ ଅତୁଟ ରଖାଗଲା । ଏସବୁ ସ୍ତମ୍ଭର ଉଚ୍ଚତା ପ୍ରାୟ ୨୫ଫୁଟ୍ । ୨୦ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ ସୁନ୍ଦର ନିହାଣ କାମ କରାଯାଇଛି । ଏସବୁ ଉପରେ ନାନାପ୍ରକାର ଚିତ୍ର କରାଯାଇଛି । କିନ୍ତୁ ସବୁଠାରୁ ଅସ୍ୱାଭାବିକ ବିଷୟ ହେଉଛି ସ୍ତମ୍ଭରେ ହୋଇଥିବା ପ୍ରତ୍ୟେକ ଖୋଦେଇର ମସ୍ତଷ୍କ ନାହିଁ । ବାଲୁକା ପଥରରେ ତିଆରି ହୋଇଥିବା ଏସବୁ ମୂର୍ତ୍ତି ୯୦୦ ବର୍ଷ ଧରି ରହିଛି । କିନ୍ତୁ ମୂର୍ତ୍ତିର ଚେହେରାକୁ ଜାଣିଶୁଣି ଭାଙ୍ଗିଦିଆଯାଇଛି । ମନ୍ଦିର ପରିସର ଭିତରେ ବିଶାଳ ଭଣ୍ଡାରଗୃହ ରହିଛି ଏବଂ ଏଥିରେ ଅନେକ ସୁନ୍ଦର ସୁନ୍ଦର ମୂର୍ତ୍ତି ରଖାଯାଇଛି ।

ଅଢ଼ାଇଦିନର ଝୋପ୍‌ଡ଼ାରେ ସୁନ୍ଦର କାରୁକାର୍ଯ୍ୟ ହୋଇଥିବା ଦୱାଜା ଲଗାଯାଇଛି । ଏଥିରେ ଥିବା ଜାଲି କାମ ଏତେ ସୂକ୍ଷ୍ମ ଯେ ମଶାରି ଜାଲି ପରି ମନେ ହେଉଛି ବୋଲ ୧୮୯୩ ମସିହାରେ ହୋଇଥିବା ପୁରାତତ୍ତ୍ୱ ସର୍ବେକ୍ଷଣ ରିପୋର୍ଟରେ କୁହାଯାଇଛି । ଏହି ପରିସରକୁ ଅନନ୍ୟ ରୂପ ଦେବାର ଶ୍ରେୟ ଯାଏ ଅବୁ ବକ୍ରମ୍‌କୁ । ସେହି ହିଁ ଏହାର ନକ୍ସା ପ୍ରସ୍ତୁତ କରିଥିଲେ । ଏହି ପରିସରର ଅଧାରୁ ଅଧିକ ଅଂଶ ମନ୍ଦିର ଉପରେ ନିର୍ମିତ ହୋଇଥିବାରୁ ମସ୍‌ଜିଦର ଭିତର ଅଂଶ ମସ୍‌ଜିଦ ବଦଳରେ ମନ୍ଦିର ପରି ମନେହୁଏ । ଏହି ମସ୍‌ଜିଦ୍ ଚାରିପାଖେ ବିଶାଳ ପ୍ରାଚୀର ରହିଛି । ଏଥିରେ କୋରାନ୍‌ର ପଙ୍କ୍ତିଗୁଡ଼ିକ ଲେଖାଯାଇଛି ।



ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୯ ନଭେମ୍ବର ୨୦୨୫ । ଶନିବାର

# କୁମ୍ଭକାର ସଂଘର ବାର୍ଷିକ ସମ୍ମିଳନୀ

**କେନ୍ଦ୍ରାପଡ଼ା,୨୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲା କୁମ୍ଭକାର ସଂଘର ୧୨୪ ତମ ଖଟଣି ଉତ୍ସବ ଏବଂ ବାର୍ଷିକ କୁମ୍ଭକାର ସମ୍ମିଳନୀ ଗୁରୁବାର ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡସ୍ଥିତ ସଙ୍ଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ରତ୍ନାକର ବେହେରା ସଭାପତିତ୍ୱରେ କରିଥିଲେ । ରାଜ୍ୟସଂଗଠନ ଓଡିଶା କୁରାଳ ମହାସଂଘର ସମ୍ପାଦକ ଜୟରାମ ସାହୁ, ରାଜ୍ୟ ସଂଘ ଉପସଭାପତି ରାମଚନ୍ଦ୍ର ମୁଦୁଲି, କଟକ ଜିଲ୍ଲା ସଂଘ ସମ୍ପାଦକ ରବିନ୍ଦ୍ର କୁମାର ବେହେରା, ଜଗତସିଂହପୁର ଜିଲ୍ଲା ପୂର୍ବତନ ସଭାପତି ବ୍ରହ୍ମାନନ୍ଦ ରଣା, କୁଜଙ୍ଗ ବ୍ଲକ ସଂଘର ନିରଞ୍ଜନ ବେହେରା, ଶିଳ୍ପୀ ସୁରେନ୍ଦ୍ରନାଥ ରଣା, ରାଜନଗର ବ୍ଲକର ବିଷ୍ଣୁଚରଣ ବେହେରା, ଟହଲି ପ୍ରସାଦ ବେହେରା, ସରୋଜ କୁମାର ବେହେରା, ଶ୍ୟାମସୁନ୍ଦର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ସମ୍ପାଦକ ବିଚିତ୍ରାନନ୍ଦ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । କୋଷାଧକ୍ଷ ଶ୍ୟାମସୁନ୍ଦର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଚନ୍ଦନ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ । ମହାକାଳପଡ଼ା ବ୍ଲକର ରବିନ୍ଦ୍ର କୁମାର ବେହେରା, ତଥାଗତ ବେହେରା, ମାର୍ଶାଘାଇ ବ୍ଲକର ଦିବାକର ବେହେରା, ସଞ୍ଜୟ ସାହୁ, ଡେରାବିଶବ୍ଲକର ସରୋଜ ବେହେରା, ପଟ୍ଟାମୁଣ୍ଡାଇ ବ୍ଲକର ବିଜୟ ବେହେରା, କେନ୍ଦ୍ରାପଡ଼ା ବ୍ଲକର ନିରଞ୍ଜନ ରଣା, ପଦନ ବେହେରା, ରାଜକନିକା ବ୍ଲକର ଦାମୋଦର ବେହେରା, ଆଳି ବ୍ଲକର ସୁଶାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ ।

# ୫ ଗୋଶାଳାକୁ ୧୨ଲକ୍ଷ ଆର୍ଥିକ ଅନୁଦାନ

**କେନ୍ଦ୍ରାପଡ଼ା,୨୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ଗୋଶାଳାକୁ ସରକାର ୧୨ଲକ୍ଷ ୨୦ହଜାର ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି । ଏହି ଗୋଶାଳା ଗୁଡିକ ହେଉଛି ଜିଲ୍ଲାର କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମର ଗଟେଶ୍ୱର ଗୋଶାଳା ଓ ପୋଇପାଟର ଆପୁଆ, ଗରଦପୁର ବ୍ଲକର କୋରୁଆସ୍ଥିତ ଓଁ ଆକୁଳ ପରଂବ୍ରହ୍ମ, ଡେରାବିଶ ବ୍ଲକ ଅନ୍ତର୍ଗତ ନିକିକଣାର ସିଦ୍ଧ ବଳଦେବଜୀଉ, ରାଜନଗର ଘଡିଆମାଳର କାମଧେନୁ ଗୋଶାଳା ପ୍ରଭୃତି । କେନ୍ଦ୍ରାପଡା ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ମନୋଜ ପଟ୍ଟନାୟକ ଏହି ଗୋଶାଳା ଗୁଡିକୁ ୧୨ଲକ୍ଷ ୨୦ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶିର ଚେକ ପ୍ରଦାନ କରିଛନ୍ତି । ଏହି ଗୋଶାଳା ଗୁଡିକରେ ଆଶ୍ରିତ ଗୋରୁଗାଈମାନଙ୍କ ଚିକିତ୍ସା ଓ ଖାଦ୍ୟ ନିମନ୍ତେ ସରକାରଙ୍କ ପକ୍ଷରୁ ଏହି ସରକାରୀ ଅନୁଦାନ ଯୋଗାଇ ଦିଆଯାଇଛି ବୋଲି ପ୍ରାଣୀ କଲ୍ୟାଣ ଅଧିକାରୀ ପ୍ରଭଞ୍ଜନ ରଞ୍ଜନ କବି ସୂଚନା ଦେଇଛନ୍ତି ।

# ଶିଶୁ ସୁରକ୍ଷା ସଚେତନତା

**ରାଜନଗର,୨୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟ ଓ ବାରହାପୁରସ୍ଥିତ ସପନେଶ୍ୱର ଉଚ୍ଚ ମଧ୍ୟମିକ ବିଦ୍ୟାଳୟ ପରିସରରେ ଶିଶୁ ସୁରକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଦିପାଳୀ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟକେତନ ସାହୁ ଯୋଗଦେଇ ଶିଶୁ ସୁରକ୍ଷା, ପୋକ୍ସୋ ଆଇନ, ବାଲ୍ୟ ବିବାହ ଉପରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ । ଏନେଇ ଥିବା ବିଭିନ୍ନ ଆଇନ କାନୁନ ଛାତ୍ରଛାତ୍ରୀମାନଙ୍କ ଅବଗତ କରାଇଥିଲେ । ଅଷ୍ଟଶମ୍ଭୁ ମହାବିଦ୍ୟାଳୟର ଅଧକ୍ଷ ସର୍ବେଶ୍ୱର ଲେଙ୍କା, ଅଧ୍ୟାପିକା ଭଗବତୀ ରାଉତ, ସୁପରଭାଇଜର ସନ୍ଧ୍ୟାରାଣୀ ବେହେରା ଉପସ୍ୟତିତ ଥିଲେ । ସେହିପରି ସସପନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସିଡିପିଓ ଶ୍ରୀମତୀ ମିଶ୍ର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ସାହୁ, ଅଧକ୍ଷ ଅଭିନ୍ନକୁମାର ସ୍ୱାଇଁ, ସୁପରଭାଇଜର ପ୍ରତିଭା ମହାନ୍ତି, ଅଧ୍ୟାପକ ରଂଜନ ଦାସ, ସ୍ମୃତିରଂଜନ ଜେନା, ଅଧ୍ୟାପିକା ସଂଘମିତ୍ରା ରାଉତ ପ୍ରମୁଖ ସାମିଲ ହୋଇ ଛାତ୍ରଛାତ୍ରୀମାନଙ୍କୁ ଶିଶୁ ସୁରକ୍ଷା, ବାଲ୍ୟ ବିବାହ ଓ ଆଇନ ସଂପର୍କରେ ଅବଗତ କରାଇଥିଲେ ।

# ଦିବ୍ୟଜୀବନ ସଂଘର ସ୍ଥାୟୀଗୃହ ଉଦଘାଟିତ

**କେନ୍ଦ୍ରାପଡ଼ା,୨୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଧୂମାତ ଉତ୍କଳବିଳାସ ମଠ ପରିସରରେ ଦିବ୍ୟଜୀବନ ସଂଘ ଧୂମାତ ଶାଖାର ନୂତନ ସ୍ଥାୟୀ ଗୃହ ବୁଧବାର ଉଦଘାଟିତ ହୋଇଯାଇଛି । ଗରାପୁର ଶିବାନନ୍ଦ ଆଶ୍ରମ ତଥା ଦିବ୍ୟଜୀବନ ସଂଘର ଅଧକ୍ଷ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ଏହି ଗୃହର ଉଦଘାଟନ କରି ସମଗ୍ର ମାନବ ଜାତିର କଲ୍ୟାଣ କାମନା କରିଥିଲେ ସୂଚନା ଥାଉକି ଦୀର୍ଘ ବର୍ଷ ଧରି ଏଠାରେ ଏହି ଶାଖା ଶ୍ରୀରାମ ଚରିତ ମାନସ ପାରାୟଣ ମାଧ୍ୟମରେ କାର୍ଯ୍ୟ କରିଆସୁଛି । ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମଚାରୀ ନୃସିଂହ ଦାସ, ଶତ୍ରୁଘ୍ନ ଦାସ, ଶରତ ଚନ୍ଦ୍ର ପାତ୍ର, ବିନୟ କୁମାର ବୋଷ, ରମାକାନ୍ତ ଦାସ, ଶୁଭଲକ୍ଷ୍ମୀ ଦାସ, ମହେନ୍ଦ୍ର ସୁନ୍ଦର ରାଉତ, ଗୋଲେଖ ଚନ୍ଦ୍ର ଜେନା ଓ ମଦନ ମୋହନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ମାନସ କୁମାର ବେହେରା ଓ ପର୍ଶୁରାମ ନାୟକ ପରିଚାଳନା କରିଥିଲେ ।

# ଶରତ ମହୋତ୍ସବ ଓ ମୂର୍ଚ୍ଛନାର ବାର୍ଷିକ ଉତ୍ସବ

**କେନ୍ଦ୍ରାପଡ଼ା,୨୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନାର ବାର୍ଷିକ ଉତ୍ସବ ଓ ଓଡ଼ିଶା କଲଚର୍ ଆର୍ଟ ଏକାଡେମୀ (ଓକା) ଅନୁଷ୍ଠାନର ଜାତୀୟସ୍ତରୀୟ ଶରତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ସଂସ୍କୃତି ନିର୍ଦ୍ଦେଶକ ଓ ଶ୍ରୀମନ୍ଦିର ପ୍ରଶାସକ ତଥା ଆରଡିସି ରଞ୍ଜନ କୁମାର ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ବସନ୍ତ କୁମାର ଦାସ ୨୪ତମ ବାର୍ଷିକ ଉତ୍ସବର ବିବରଣୀ ଓ ଶରତ ମହୋତ୍ସବର ଉଦ୍ଦେଶ୍ୟ ଜ୍ଞାପନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆସନ୍ତା ଜାନୁଆରୀମାସ ୨ ତାରିଖରେ ମୂର୍ଚ୍ଛନା ପତ୍ରିକା ପୁରୀ ଅନ୍ନପୂର୍ଣ୍ଣା ଥିଏଟରରେ ଉନ୍ମୋଚିତ ହେବ ବୋଲି ଘୋଷଣା କରିଥିଲେ । ମୁଖ୍ୟବକ୍ତା ଭାବେ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ନିଗମ ଅତିରିକ୍ତ ଶାସନ ସଚିବ ନାରାୟଣ ଚନ୍ଦ୍ର ଧଳ, ବରେଣ୍ୟ ଅତିଥି ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଶୋକ ମଲ୍ଲିକ, ସମ୍ମାନୀତ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତା ଅଭିନବ ସିଂହ, ଦେବୀ ବାରିକ, ମିଟୁ ମିଥୁନ ପ୍ରମୁଖ ଯୋଗ ଦେଇଥିଲେ । ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପରିସରରେ ଅନୁଷ୍ଠିତ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଆଲବମ୍ ଓ ଚଳଚ୍ଚିତ୍ର କଣ୍ଠଶିଳ୍ପୀ ସୁବାଶିସ ମହାକୁଳ, ବରିଷ୍ଠ ସାମ୍ବାଦିକ ଓ ସମ୍ପାଦକ ଡ଼ ମାନସ ରଞ୍ଜନ ଦାଶ, ବରିଷ୍ଠ ବିଜେପି ନେତା ମୃତ୍ୟୁଞ୍ଜୟ ମିଶ୍ର, ବିଶିଷ୍ଟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଡ଼ ତ୍ରିଲୋଚନ ବରାଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଉତ୍ସବରେ ଓଡ଼ିଶାର ୧୫୦ ଜଣ କଳାକାର, କବି ଓ ସମାଜସେବୀଙ୍କୁ ଓଡ଼ିଶା ରତ୍ନ ଓ ଜିଲ୍ଲା ରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଉପସ୍ଥାପନାରେ ଫେଷ୍ଟିଭାଲ ନିର୍ଦ୍ଦେଶକ ପ୍ରଦୀପ ବିହାରୀ ଓ ଫେଷ୍ଟିଭାଲ ନିର୍ଦ୍ଦେଶିକା ପ୍ରଭାତୀ ନାୟକ, ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ବିଜୟିନୀ ଦାଶ । କାର୍ଯ୍ୟକ୍ରମ ପରିଚାଳନାରେ ମୋନାଲିସା ଷଡ଼ଙ୍ଗୀ, ଅକ୍ଷୟ କୁମାର ସାମଲ, ବିଜୟ କେତନ ସାହୁ, ରଞ୍ଜନ କୁମାର ସାହୁ, ବୈଷ୍ଣବ ପ୍ରଧାନ, ପିତାମ୍ବର ପ୍ରଧାନ, ଦିବ୍ୟାଲିଶା ନାୟକ, ମୀନକେତନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ବନ୍ଦେ ମାତରମ୍ ଓ ଆତ୍ମ ନିର୍ଭର ଭାରତ କର୍ମଶାଳା




**କେନ୍ଦୁଝର,୨୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଷ୍ଟ୍ରଗାନ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତୀ ଉପଲକ୍ଷେ ଶୁକ୍ରବାର ଅଡିଟୋରିୟମ ଠାରେ କେନ୍ଦୁଝର ସଦର ବିଧାନସଭା କ୍ଷେତ୍ର ବିଜେପି ପକ୍ଷରୁ ସାମୁହିକ ବନ୍ଦେମାତରମ୍ କାର୍ଯ୍ୟକ୍ରମ ସହିତ ଆତ୍ମ ନିର୍ଭର ଭାରତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସାଂସଦ ଅନନ୍ତ ନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, କେନ୍ଦୁଝରଗଡ଼ ନଗରପାଳ ନିକୁ ସାହୁ, ସଦର ବ୍ଲକ ଅଧକ୍ଷା ଜ୍ୟୋତିର୍ମୟୀ ନାଏକ, ବନ୍ଦେ ମାତରମ୍ କେନ୍ଦୁଝର ଜିଲ୍ଲା ସଂଯୋଜକ ବ୍ରଜକିଶୋର ରାୟ, ଆତ୍ମନିର୍ଭର ଭାରତ ଅଭିଯାନର ସହସଂଯୋଜକ ମାନସ କୁମାର ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାଏକ, ଜିଲ୍ଲା ଉପସଭାପତି ଗୋପୀନାଥ ରାମ, ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ରାଜ୍ୟ ପ୍ରବକ୍ତା ବିରଜା ମିଶ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ମିଶ୍ର ମଞ୍ଚାସିନ ହୋଇ ରାଷ୍ଟ୍ରଗାନ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତୀର ବିଶେଷତ୍ୱ ତଥା ବନ୍ଦେ ମାତରମ୍ ସଂଗୀତ କିପରି ଦେଶ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଆନ୍ଦୋଳିତ କରୁଥିଲା ସେ ସମ୍ପର୍କରେ ଉଦବୋଧନ ଦେବା ସହିତ ଦେଶ ମାତୃକାର ସେବା ପାଇଁ ଆଗେଇ ଆସିବାକୁ କହିଥିଲେ । ସେହିପରି ଆତ୍ମ ନିର୍ଭର ଭାରତ ସଂକଳ୍ପ ଅଭିଯାନ କର୍ମଶାଳାରେ ମଞ୍ଚାସିନ ଅତିଥିମାନେ ପ୍ରତ୍ୟେକ ଭାରତୀୟ କିପରି ଆତ୍ମ ନିର୍ଭର ହେବେ ସେ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଦର ନିର୍ବାଚନ ମଣ୍ଡଳୀ ବିଜେପିର ୭ ସାଙ୍ଗଠାନିକ ମଣ୍ଡଳ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଦର ନିର୍ବାଚନ ମଣ୍ଡଳୀ ସଂଯୋଜକ ବିବେକାନନ୍ଦ ମହାନ୍ତ ମଞ୍ଚ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କେନ୍ଦୁଝର ନଗର ମଣ୍ଡଳର ପୂର୍ବତନ ସଭାପତି ବିଶ୍ୱଜିତ ତ୍ରିପାଠୀ, ଦିଲ୍ଲୀପ କୁମାର ପଣ୍ଡା,ସଦର ବ୍ଲକ ପ୍ରତିନିଧି ଧନୁର୍ଜୟ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କଳାବିକାଶର କେନ୍ଦ୍ରର ବର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି

**ବେତନଟୀ,୨୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ କଳାବିକାଶ କେନ୍ଦ୍ରସଭାଗୃହରେ କଳାବିକାଶ କେନ୍ଦ୍ରର ସଭାପତି ବିଜୟ କୁମାର ଦ୍ୱିବେଦୀଙ୍କ ଅଧକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ବସିଥିଲା । ଉକ୍ତ ବୈଠକରେ ସଭା ଆରମ୍ଭରେ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ କଳାବିକାଶ କେନ୍ଦ୍ରର ପ୍ରତିଷ୍ଠାତା ଓ ପୁରାତନ ସଦସ୍ୟ ୰କୈଳାଶ ଚନ୍ଦ୍ରଅଗ୍ରୱାଲ ଦେହାନ୍ତ ପାଇଁ ତାଙ୍କ ଆତ୍ମାର ସଦଗତି ପାଇଁ ଏକ ନିରବ ପ୍ରାର୍ଥନା କରାଯାଇଥିଲା । ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା ପରେପରେ ବିଦ୍ୟାଳୟ ମା'ସରସ୍ୱତୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ସହ ପ୍ରଦୀପ ପ୍ରଜ୍ୱଳନ ଉପସ୍ଥିତ ସମସ୍ତ ସଦସ୍ୟମାନଙ୍କ ଦ୍ୱାରା କରାଯାଇଥିଲ । କଳାବିକାଶର କେନ୍ଦ୍ରର ସାଧାରଣ ସମ୍ପାଦକ ଡାକ୍ତର ସୁଶୀଲ କୁମାର ଘୋଷଙ୍କ ବ୍ୟକ୍ତବ୍ୟ ରଖିଥିଲେ କେନ୍ଦ୍ର ଆଗାମୀ କାର୍ଯ୍ୟକ୍ରମ ବିଷୟରେ କହିଥିଲେ । ବାର୍ଷିକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ନେଇ ଏକ ଆସନ୍ତା ଡିସେମ୍ବର ୬ ତାରିଖରେ ପ୍ରତିଯୋଗିତା କରାଯିବ । ଏହାପରେ ଡିସେମ୍ବର୨୮ତାରିଖରେ କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ କରାଯାଇଛି । ଉକ୍ତ ସଭାର ସଦସ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ,କୋଷାଧକ୍ଷ ସୁଶିଲ କୁମାର ତ୍ରିପାଠୀ, ଲକ୍ଷ୍ମୀଧର ଭୋର, ଶିକ୍ଷକ ରାଧାକୃଷ୍ଣ ପାତ୍ର, କରୁଣାକରପତି, ରବିନ୍ଦ୍ରନାଥ ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସଦସ୍ୟ ଈଶ୍ୱର ଚନ୍ଦ୍ର ମହାପତ୍ର ଧନ୍ୟବାଦ ଦେଇଥିଲେ ।

# ଉତ୍ତମ ମା'ଙ୍କର ସୁସ୍ଥ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ




**ଭୁବନେଶ୍ୱର,୨୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

'ମାଆ ବିନା ମଣିଷର ଜୀବନ ଅଧୁରା । ମାଆ ହିଁ ମଣିଷକୁ ତିଆରି କରେ, ହାତ ଧରି ବଡ଼ କରେ । ମାଆକୁ ଅବହେଳା କଲେ ପରିବାର ଧ୍ୱଂସ ହେଇଯାଏ ।ଜଣେ ଉତ୍ତମ ମା' ହିଁ ଉତ୍ତମ ସନ୍ତାନ ଜନ୍ମ କରେ ଏବଂ ଏହା ସୁସ୍ଥ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ' ବୋଲି ମନନଶୀଳ ପାରିବାରିକ ପତ୍ରିକା 'ମଧୁଲିତା'ର ବିଂଶତମ ବାର୍ଷିକ ଉତ୍ସବରେ ଅତିଥିମାନେ ଏହିପରି ମତପୋଷଣ କରିଛନ୍ତି ।

ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ବରିଷ୍ଠ କବି ଓ ସ୍ତମ୍ଭକାର ନିରାକାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିମାନେ ପତ୍ରିକାର'ବୋଉ' ସଂସ୍କରଣର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରିଥିଲେ ।

ଉତ୍ସବକୁ ପ୍ରସିଦ୍ଧ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ବରେଣ୍ୟ ଅତିଥି ଭାବେ ପ୍ରାକ୍ତନ ଅର୍ଥମନ୍ତ୍ରୀ ତଥା ବିଶିଷ୍ଟ ଲେଖକ ପଞ୍ଚାନନ କାନୁନଗୋ ଓ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗ ଦେଇଥିଲେ । ସେହିପରି ଆଇନଜୀବୀ ତଥା ବିଶିଷ୍ଟ ସମାଜସେବୀ ନମ୍ରତା ଚଢ଼ା, ପ୍ରାକ୍ତନ ଇନକମ୍ ଟ୍ୟାକ୍ସ କମିଶନର ଶୋଭନ କର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ବିଜେପି ନେତା ଜଗନ୍ନାଥ ପ୍ରଧାନ, ସିବିଆଇର ପ୍ରାକ୍ତନ ଆଇନ ପରାମର୍ଶଦାତା ରାଜଶ୍ରୀ ମହାପାତ୍ର ଓ ଟିଭି ଆଙ୍କର ଓ ଲେଖିକା କଳ୍ପନା ମିଶ୍ର ଓ ମହିଳା ଉଦ୍ୟୋଗପତି ସ୍ୱାତୀ ମହାପାତ୍ର ସମ୍ମାନନୀୟ ଅତିଥିଭାବେ ଯୋଗଦେଇଥିଲେ । ପତ୍ରିକାର ପ୍ରତିଷ୍ଠାତା ସମ୍ପାଦିକା ତଥା ସମାଜସେବୀ ମଧୁଲିତା ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପତ୍ରିକାର ପରିଚାଳନା ସଂପାଦିକା ତଥା ଗାଳ୍ପିକା ଅବନ୍ତୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କବି ସମ୍ମିଳନୀରେ କବୀ ଚାରୁଲତା ଭୂୟାଁ, କବୀ ମଧୁମିତା ମିଶ୍ର, ଗାଳ୍ପିକା ରଶ୍ମୀ ସାମଲ ସଂଯୋଜନା କରିଥିବାବେଳେ ଅନୁବାଦିକା ହରପ୍ରିୟା ମହାନ୍ତି ଧନ୍ୟବାଦ ଅର୍ପଣ କରିବା ସହ ମାନପତ୍ର ପାଠ କରିଥିଲେ ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୧୬ ଜଣଙ୍କୁ ସମ୍ମାନିତ କରାଯାଇଥିଲା । ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ ପତ୍ରିକା ସମ୍ପାଦକ ସମ୍ମାନ ବିମଳ ପତି, ଯୁବ ଲେଖିକା ସମ୍ମାନ ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ, ଶ୍ରେଷ୍ଠ ଯୁବ ଗାଳ୍ପିକା ସମ୍ମାନ ଶ୍ୱେତପଦ୍ମା ପାଢ଼ୀ ତ୍ରିପାଠୀ, ଶ୍ରେଷ୍ଠ ମାଆ ସମ୍ମାନ ନମ୍ରତା ଚଢ଼ା, ଶ୍ରେଷ୍ଠ ସ୍ତମ୍ଭକାର ସମ୍ମାନ ଲଳିତେନ୍ଦୁ ପଲାଉରି, ଶ୍ରେଷ୍ଠ ପ୍ରଚ୍ଛଦ ସମ୍ମାନ ନଳିନୀ ମିଶ୍ର, ମଧୁଲିତା ପ୍ରବନ୍ଧ ସମ୍ମାନ ସୁନୀଲ ମିଶ୍ର, ମଧୁଲିତା ସ୍ୱାସ୍ଥ୍ୟସେବା ସମ୍ମାନ ଡାକ୍ତର ମୌସୁମୀ ଆଚାର୍ଯ୍ୟ, ଶ୍ରେଷ୍ଠ ଗଳ୍ପ ସମ୍ମାନ ପ୍ରଦେଶ ପ୍ରତ୍ୟୁଷ ଓ ସୁଦେଷ୍ଣା ଦାସ, ଶ୍ରେଷ୍ଠ କବିତା ସମ୍ମାନ ସରୋଜିନୀ ପାଣି ଓ ଚାରୁଲତା ଭୂୟାଁଙ୍କୁ ପ୍ରଦାନ କରାଯାଇଥିଲା ।

ଏହାବ୍ୟତୀତ ରମେଶ ଚନ୍ଦ୍ର ପଟ୍ଟନାୟକ ଓ ପ୍ରତାପ ବୀରବର ଶ୍ରୀଚରଣ ପୃଷ୍ଟିଙ୍କୁ ମଧୁଲିତା ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମ୍ମାନ ପ୍ରଦାନ କରାଯାଇଥିଲାବେଳେ ସୁପରହିଟ୍ ଯୋଡ଼ି ଭାବରେ ଦୁଇଟି ଦମ୍ପତି ପ୍ରତାପ ଜେନା ଓ ସଂଘମିତ୍ରା ଜେନା ଏବଂ ଲକ୍ଷ୍ମୀକାନ୍ତ ଚୌଧୁରୀ ଓ ରାଜଲକ୍ଷ୍ମୀ ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ବିଶିଷ୍ଟ କଣ୍ଠ ଶିଳ୍ପୀ ସାଗରିକା ପଟ୍ଟନାୟକ ଏବଂ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ କୁନି ପ୍ରତିଭା ଅନିନ୍ଦିତା ମିଶ୍ର । ତାପରେ ସାବିତ୍ରୀବାଈ ଫୁଲେ ସଂଗଠନର ପିଲାମାନେ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ ।

# ଅଧ୍ୟାପକ ବିଶ୍ୱରଂଜନଙ୍କୁ 'ସାହିତ୍ୟ ଓ ସାମ୍ବାଦିକତା' ସମ୍ମାନ




**ଭୁବନେଶ୍ୱର,୨୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାର ବିଶିଷ୍ଟ ସାରସ୍ୱତ ସାଧକ ତଥା ସାମ୍ବାଦିକ ସ୍ୱର୍ଗତ ସାତକଡ଼ି ହୋତାଙ୍କ ଜନ୍ମତିଥି ଅବସରରେ ଅଧ୍ୟାପକ ବିଶ୍ୱରଂଜନଙ୍କୁ ଚଳିତ ବର୍ଷର 'ସାତକଡ଼ି ହୋତା ସାହିତ୍ୟ ଓ ସାମ୍ବାଦିକତା ସମ୍ମାନ-୨୦୨୫' ପ୍ରଦାନ କରାଯାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ଲେଖକ ସମବାୟ ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସ୍ୱତନ୍ତ୍ର ଉତ୍ସବରେ ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି ।

ଏହି ସମାରୋହରେ ମୁଖ୍ୟଅତିଥି ଭାବେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ଯୋଗଦେଇ ସାତକଡ଼ି ହୋତାଙ୍କ ସ୍ମୃତିଚାରଣ କରିଥିଲେ । ସେ କହିଥିଲେ ଯେ, ଶ୍ରୀ ହୋତା ଥିଲେ ଏକାଧାରରେ ଜଣେ ସାରସ୍ୱତ ସବ୍ୟସାଚୀ । ଗଳ୍ପ, ଉପନ୍ୟାସ, କବିତା ଓ ପ୍ରବନ୍ଧ କ୍ଷେତ୍ରରେ ସେ ଯେଭଳି ସଫଳ ଥିଲେ, ସାମ୍ବାଦିକତା କ୍ଷେତ୍ରରେ ମଧ ସେତିକି ପାରଦର୍ଶିତା ଲାଭ କରିଥିଲେ । ବିଶେଷକରି ୧୯୯୬ରୁ ୨୦୨୪ ପର୍ଯ୍ୟନ୍ତ ଦୈନିକ 'ସମୟ'ର ସମ୍ପାଦକ ଭାବେ ତାଙ୍କର ଅବଦାନ ଅତୁଳନୀୟ ଥିଲା । 'ନିତିଦିନ'ର ସଂପାଦକ ମନୋଜ କୁମାର ମହାପାତ୍ର ସଭାରେ ସଭାପତିତ୍ୱ କରି ସାହିତ୍ୟ ଓ ସାମ୍ବାଦିକତା ମଧ୍ୟରେ ଥିବା ସୂକ୍ଷ୍ମ ପାର୍ଥକ୍ୟ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ, 'ସାମ୍ବାଦିକତାର ମୌଳିକ ଉପାଦାନ ହେଉଛି ସତ୍ୟ ଘଟଣାର ପ୍ରକାଶ, କିନ୍ତୁ ସାହିତ୍ୟ ହେଉଛି ତଥ୍ୟ ସହ କଳ୍ପନାର ସମ୍ମିଶ୍ରଣ ।' ଜଣେ ସଫଳ ସାମ୍ବାଦିକଙ୍କର ଭାଷା ଓ ସାହିତ୍ୟ ଉପରେ ଦଖଲ ରହିବା ଏକାନ୍ତ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଶ୍ରୀ ଦାଶ ବେହୁର ଯୋଗଦେଇ କହିଲେ ଯେ ସାହିତ୍ୟ ଓ ସାମ୍ବାଦିକତା ପରସ୍ପରର ପରିପୂରକ ଅଟନ୍ତି । ସମ୍ବର୍ଦ୍ଧିତ ପ୍ରତିଭା ଅଧ୍ୟାପକ ବିଶ୍ୱରଂଜନ ନିଜ ବକ୍ତବ୍ୟରେ ସାତକଡ଼ି ହୋତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସାହିତ୍ୟ ଓ ସାମ୍ବାଦିକତାରେ ବ୍ରତୀ ହୋଇଥିବା କଥା ସ୍ୱୀକାର କରିଥିଲେ ।

ଏହି ଅବସରରେ ଓଡ଼ିଶା ଲେଖକ ସମବାୟ ସମିତିର ନିର୍ଦ୍ଦେଶକ ଡ. ଝାଡ଼େଶ୍ୱର ପ୍ରଧାନଙ୍କ ପୁସ୍ତକ 'ଜାଗୃତି ଓ ଅନ୍ୟାନ୍ୟ ନାଟକ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମଧୁସ୍ମିତା ବିଶ୍ୱାଳ ଭକ୍ତି ସଂଗୀତ ପରିବେଷଣ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା ସ୍ୱାଗତ ଭାଷଣ ଦେଇଥିବାବେଳେ, ଲେଖକ ସମବାୟ ସମିତିର ସଭାପତି ପୀତବାସ ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ଡ. ସାତକଡି ହୋତା ସ୍ମୃତି ପରିଷଦର ସଂପାଦକ ରମାକାନ୍ତ ମିଶ୍ର ମାନପତ୍ର ପାଠ କରିଥିଲେ । ଏହି ସଭାରେ ସାତକଡ଼ି ହୋତାଙ୍କ କନ୍ୟା ତଥା 'ଅମୃତାୟନ'ର ସମ୍ପାଦିକା ସୌମ୍ୟା ରଥ, ଜାମାତା ଅଶୋକ ରଥ ଏବଂ ପୁତ୍ର ରାଜିବ ହୋତା ଉପସ୍ଥିତ ଥିଲେ । ଶେଷରେ ସମିତିର ସମ୍ପାଦକ ସୁକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ମା'ମଙ୍ଗଳା ଓ ଲକ୍ଷ୍ମୀ ନାରାୟଣ ମନ୍ଦିର ଭୂମି ପୂଜନ



**ଖଣ୍ଡଗିରି,୨୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗ ନଗର (କେ-୮)ରେ ମା'ମଙ୍ଗଳା ମନ୍ଦିର ଓ ଲକ୍ଷ୍ମୀ ନାରାୟଣ ମନ୍ଦିର ଦ୍ୱୟଙ୍କର ଭୂମି ପୂଜନ କାର୍ଯ୍ୟକ୍ରମ କୁଶଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଅଛି । ମନ୍ଦିର କମିଟିର ସଭାପତି କମଳାକାନ୍ତ ପାଣିଗ୍ରାହୀ, ଉପସଭାପତି ଦାଶରଥି ସାହୁ, ପ୍ରହ୍ଲାଦ ପଣ୍ଡା, କବିତା ମହାନ୍ତି, ଗାୟତ୍ରୀ ସାହୁ ଓ ଉନ୍ନୟନ ପରିଷଦର ସମ୍ପାଦିକା ମମତା ଲେଙ୍କା କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ନିକଟରୁ ଅଗ୍ନ୍ୟାମାଳ ଗ୍ରହଣ କରି ୨୭ ତାରିଖ ଦିବା ୧୧:୩୦ରେ ମନ୍ଦିର ପରିସରରେ ପହଞ୍ଚିଥିଲେ । କେ-୮ର ଅଧିବାସୀମାନେ ଭଜନ କୀର୍ତ୍ତନ ଦ୍ୱାରା ଆଜ୍ଞାମାଳକୁ ସ୍ୱାଗତ କରିବା ପରେ କର୍ତ୍ତା ଦାଶରଥି ସାହୁ ଓ କର୍ତ୍ତୀ ଗାୟତ୍ରୀ ସାହୁ ଭୂମି ପୂଜନରେ ଯୋଗ ଦେଇଥିଲେ । କୁଶଳେଶ୍ୱର ମନ୍ଦିର ପୂଜକ ସୁନୀଲ କୁମାର ପାଢ଼ୀ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ । କାର୍ଯ୍ୟକ୍ରମରେ ଆବାସିକ ଉନ୍ନୟନ ପରିଷଦ, କୁଶଳେଶ୍ୱର ମନ୍ଦିର କମିଟି ଓ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ ସହଯୋଗ କରିଥିବାରୁ ସମ୍ପାଦକ ରବୀନ୍ଦ କମାର ବେଉରିଆ କତଜ୍ଞତ କରିଛନ୍ତି ।

# କାଳୁଆ ମହାପୁରୁଷ ପୀଠରେ ଭାଗବତ ପାରାୟଣ

**ମାହାଙ୍ଗା,୨୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ମିର୍ଜାପୁରସ୍ଥିତ କାଳୁଆ ମହାପୁରୁଷଙ୍କ ପୀଠରେ ସାତ ଦିନ ବ୍ୟାପୀ ଭାଗବତ ପାରାୟଣ ଭାସ୍କର ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଳସ ଯାତ୍ରା, ଗୋପୂଜା, ସୂର୍ଯ୍ୟ ପୂଜା, ହୋମ ଯଜ୍ଞ, ଭାଗବତ ପଠନ ଆଦି କାର୍ଯ୍ୟକ୍ରମ ଯଥାରିତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରବଚକ ଭାବେ ଯତୀନ୍ଦ୍ର ଶତପଥି ଓ ବାଇଧର ପଣ୍ଡା ଯୋଗ ଦେଇଥିବା ବେଳେ ନଟବର ବେହୁରା, ବନମାଳୀ ବରାଳ, ଶତ୍ରୁଘ୍ନ ବିଶ୍ୱାଳ, ବାଇଧର ସ୍ୱାଇଁ, ବୀରବର ପଳାଇ, ସରୋଜ ନାୟକ, ଜ୍ଞାନେନ୍ଦ୍ର ବିଶ୍ୱାଳ, ଅଜୟ ବରାଳ, ବିରଞ୍ଚି ଦାସ, ନିରଞ୍ଜନ ବେହେରା, ବସନ୍ତ ସ୍ୱାଇଁ, ଅନନ୍ତ ମଲିକ, ନଳିନୀକାନ୍ତ ବେହୁରା, ରମାକାନ୍ତ ରାଉତ, ପ୍ରଭାତ ନାୟକ ପ୍ରମୁଖ ଭାଗବତ ପଠନ କରିଥିଲେ । ଏଥିରେ କର୍ତ୍ତା ଭାବେ ବୀରକିଶୋର ଭୂୟାଁ ପୂଜା କାର୍ଯ୍ୟରେ ବସିଥିବା ବେଳେ ପୂଜକ ଭାବେ ପଣ୍ଡିତ ଯଦୁନାଥ ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ ଓ ଉକ୍ତ କାର୍ଯ୍ୟକ୍ରମରେ ସତ୍ୟାନନ୍ଦ ଭୂୟାଁ, ଅଶୋକ ଭୂୟାଁ, କିଶୋର ଭୂୟାଁ, ବିନୟ ଭୂୟାଁ, ପ୍ରଭାତ ନାୟକ, ଲୋକନାଥ ଲେଙ୍କା, ପ୍ରତାପ ଭୂୟାଁ, ନିତ୍ୟାନନ୍ଦ ନାୟକ, ଚନ୍ଦ୍ରସାରଥୀ ଲେଙ୍କା, ବିନୟ ଭୂୟାଁ, ନିର୍ମଳ ଭୂୟାଁଙ୍କ ସମେତ ସମସ୍ତ ଗ୍ରାମବାସୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ସେବାକର ସମ୍ପର୍କରେ ଆଲୋଚନାଚକ୍ର

**କଣାସ,୨୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଦୟାବିହାର ସ୍ୱାତକ ମହାବିଦ୍ୟାଳୟରେ ଅର୍ଥଶାସ୍ତ୍ର ବିଭାଗ ଆନୁକୂଲ୍ୟରେ ନୂତନ ଦ୍ରବ୍ୟ ଓ ସେବା କର ସଂସ୍କାର ଓ ଭାରତୀୟ ଅର୍ଥବ୍ୟବସ୍ଥା ଉପରେ ଏହାର ପ୍ରଭାବ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବିଶ୍ୱାଳ ଏହି ଆଲୋଚନାଚକ୍ରକୁ ଉଦଘାଟନ କରିଥିଲେ । ଉଦଘାଟନୀ ସଭାରେ ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ରବୀନ୍ଦ୍ର କୁମାର ସାହୁ ଆଲୋଚନାଚକ୍ରର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଏ ଦିଗରେ ଅର୍ଥଶାସ୍ତ୍ର ବିଭାଗର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ବିଭାଗୀୟ ମୁଖ୍ୟ ଅଜୟ କୁମାର ମହାପାତ୍ର ଏହି ଆଲୋଚନାଚକ୍ର ଆଲୋଚ୍ୟ ବିଷୟର ଗୁରୁତ୍ୱ ପରିସର ଓ ଲକ୍ଷ୍ୟ ବିଷୟରେ ବ୍ୟକ୍ତବ୍ୟ ରଖିଥିଲେ । ଅଧ୍ୟାପିକା ଦେବଶ୍ରୀ ପାଣିଗ୍ରାହୀଙ୍କ ତତ୍ୱାବଧାନରେ ଯୋଗଦେଇଥିବା ଛାତ୍ରଛାତ୍ରୀମାନେ ନିଜ ନିଜର ଆଲେଖ୍ୟ ଉପସ୍ଥାପନ କରିଥିଲେ । ଏହି ଆଲୋଚନାଚକ୍ରରେ ନୂତନ ଦ୍ରବ୍ୟ ଓ ସେବା କର ସଂସ୍କାର ନୀତିର ସଫଳ ପ୍ରବର୍ତ୍ତନ ଏବଂ ଜନସଚେତନତା ଦ୍ରୁତ ଅର୍ଥନୈତିକ ବିକାଶରେ ସହାୟକ ହେବାସହିତ ନିଯୁକ୍ତି ସୁଯୋଗ ସୃଷ୍ଟି, ଦରଦାମ ନିୟନ୍ତ୍ରଣ, ସରକାରୀ ରାଜସ୍ୱ ବୃଦ୍ଧି ସହିତ ସାଧାରଣ ଉପଭୋକ୍ତାଙ୍କୁ ସହାୟକ ହୋଇପାରିବ ମତପ୍ରକାଶ ପାଇଥିଲା । ବିଭାଗୀୟ ଛାତ୍ରୀ ରୂପଶ୍ରୀ ମହାରଣା ସ୍ୱାଗତ ଭାଷଣ ରଖିଥିବାବେଳେ ଖିରାବ୍ଧିତାନାୟା ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ ।

# ମହୋତ୍ସବ ବନ୍ଦ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର



**ଖଣ୍ଡପଡ଼ା,୨୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ସହରର ମଧୁବନ ମିନି ଷ୍ଟାଡିୟମରେ ବର୍ଷର ବିଭିନ୍ନ ସମୟରେ ମେଳା, ମହୋତ୍ସବ ଆଦି ଆୟୋଜନ କରାଯାଉଥିବାରୁ ଷ୍ଟାଡିୟମ କ୍ରୀଡାଙ୍ଗନର ଅବସ୍ଥା ବେଳକୁ ବେଳ ଶୋଚନୀୟ ହୋଇ ପଡୁଛି । ଫଳରେ ମିନି ଷ୍ଟାଡିୟମ ପରିସରରେ ଫୁଟବଲ ଓ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆୟୋଜନ ନେଇ ଆୟୋଜକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ କ୍ରୀଡାବିତମାନେ ଦୈନିକ ଖେଳକୁଦ ନିମନ୍ତେ ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡିଛି । ତେଣୁ କ୍ରୀଡାଙ୍ଗନର ସୁରକ୍ଷା ନିମନ୍ତେ ମଧୁବନ ମିନି ଷ୍ଟାଡିୟମରେ ମେଳା ଓ ମହୋତ୍ସବ ସଂପୂର୍ଣ୍ଣ ବନ୍ଦ ନିମନ୍ତେ ଖଣ୍ଡପଡ଼ା ସହରବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ନୟାଗଡ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକଙ୍କୁ ଗୁରୁବାର ପ୍ରଦାନ କରାଯାଇଛି । ସମାଜସେବୀ ତଥା ଆଇନଜୀବି ବିଧାନ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଯୁବ କ୍ରୀଡାବିତ କଳ୍ପତରୁ ପଟ୍ଟନାୟକ, କାଉନସିଲର ସରୋଜ କୁମାର ପ୍ରଧାନଙ୍କ ସମେତ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିବା ସୂଚନା ମିଳିଛି ।

ନଂ.ITBPF/SPT/E-2/Absent (CT/GD Rectt Santu Kumar Verma/2025-5188

**କାର୍ଯ୍ୟାଳୟ କମାଣ୍ଡେଟ, ଏସପିଟି ବିଏନ, ଆଇଟିବି ପୋଲିସ**
**ଏମଏଚଏ (ଭାରତ ସରକାର)**
**ପୋ-କେରେରା, ଜିଲ୍ଲା-ଶିବପୁରି (ଏମପି)-୪୭୩୬୬୨**
**ଇମେଲ-itcellsptbn@itbp.gov.in**

ତାରିଖ-୨୫.୧୧.୨୦୨୫

**'କାରଣ ଦର୍ଶାଅ' ନୋଟିସ**

ଯେତେବେଳେ, ଦଳ ସଂଖ୍ୟା ୨୫୭୦୪୦୦୧୮ କଂଷ୍ଟେବଲ (ଜି.ଡି) ରିକ୍ରୁଟ ସନ୍ତୁ କୁମାର ବର୍ମା, ସପୋର୍ଟ ବାହିନୀ, ଆଇଟିବି ପୋଲିସ ବଳ, ଗ୍ରାମ-ମଧୁସୂଦନ, ପୋଷ୍ଟ- ରାଉରକେଲା, ପୋଲିସ ଷ୍ଟେସନ- ପ୍ଲାଣ୍ଟ ସାଇଟ, ତହସିଲ- ରାଉରକେଲା, ଜିଲ୍ଲା- ସୁନ୍ଦରଗଡ (ଓଡ଼ିଶା)-୭୬୯୦୦୧ ର ନିବାସି ଅଟନ୍ତି । କର୍ମି, ସକ୍ଷମ ଅଧିକାରୀଙ୍କ ଅବଗତି ବିନା ଆରଟିସି, କିମିନ ପରିସରରୁ ତାରିଖ ୦୮.୦୫.୨୦୨୫ (ଅପରାହ୍ନ) ଠାରୁ ସେ ଅନୁପସ୍ଥିତ ରହିଛନ୍ତି । କର୍ମିଙ୍କୁ ଭାରତ ତିବତ୍ତ ସୀମା ପୋଲିସ ବଳ ଅଧିନିୟମ ୧୯୯୨ ର ଧାରା-୭୪ ରେ ଦିଆଯାଇଥିବା ବ୍ୟବସ୍ଥା ଅନ୍ତର୍ଗତ ଗଠିତ ନ୍ୟାୟିକ ଯାଞ୍ଚ ଆଧାରରେ ତାରିଖ ୦୮.୦୫.୨୦୨୫ (ଅପରାହ୍ନ) ଠାରୁ ଭା.ତି.ସି.ପୋ ବଳ ଅଧିନିୟମ ୧୯୯୨ର ଧାରା ୭୪(୨) ଅନ୍ତର୍ଗତ ସପୋର୍ଟ ବାହୀନ ଆଦେଶ ସଂଖ୍ୟା ୪୧୮୫/୪୨୦୭ ତାରିଖ ୧୯.୦୯.୨୦୨୫ ଅନ୍ତର୍ଗତ ପଳାତକ ଘୋଷଣା କରାଯାଇଛି । କର୍ମିଙ୍କୁ ଆର.ଟି.ସି. କିମିନ ପତ୍ର ସଂଖ୍ୟା ୩୭୩ ତାରିଖ ୦୮.୦୫.୨୦୨୫ ଅନ୍ତର୍ଗତ ପ୍ରାଥମିକ ସୂଚନା ରିପୋର୍ଟ/ଡି.ଡି.ଆର ସ୍ଥାନିୟ ପୋଲିସ ଷ୍ଟେସନରେ ଏଫଆଇଆର କରାଯାଇଛି । ତତ୍ପଶ୍ଚାତ ଆର.ଟି.ସି କିମିନ, ଭା.ତି.ସି.ପୋଲିସ ବଳ ପତ୍ର ସଂଖ୍ୟା ୫୦୧-୫୦୫ ତାରିଖ ୧୯.୦୫.୨୦୨୫ ଅନ୍ତର୍ଗତ ପୋଲିସ, ଅଧିକ୍ଷକ, ଜିଲ୍ଲା-ସୁନ୍ଦରଗଡ଼ (ଓଡ଼ିଶା) ରୁ ମଧ କର୍ମିଙ୍କ ଗିରଫତାରି ପାଇଁ ଅନୁରୋଧ କରାଯାଇଛି ।

୨. ଏବେ ଏହି ନୋଟିସ ମାଧ୍ୟମରେ ଉକ୍ତ ମାମଲା ନିର୍ଣ୍ଣୟ କରାଯାଉଛି ପୂର୍ବ ଦଳ ସଂଖ୍ୟା ୨୫୭୦୪୦୦୧୮ କଷ୍ଟେବଲ (ଜି.ଡି) ରିକ୍ରୁଟ ସନ୍ତୁ କୁମାର ବର୍ମା, ସପୋର୍ଟ ବାହିନୀ ନିଜ ତରଫରୁ କିଛି ପ୍ରତିବେଦନା କରିବାକୁ ଚାହୁଁଛନ୍ତି ଅଥବା ଆତ୍ମସମର୍ପଣ କରିବାକୁ ଚାହୁଁଛନ୍ତି ତେବେ କମାଣ୍ଡାଟ, ସପୋର୍ଟ ବାହିନୀ, ଭାରତ ତିବତ୍ତ ସିମା ପୋଲିସ ବଳଙ୍କୁ ଲିଖିତ ଭାବେ ୩୦ ଦିନ ମଧରେ ଦେଇପାରିବେ ।

CBC 19112/11/0182/2526

କମାଣ୍ଡେଟ
ସପୋର୍ଟ ବାହିନୀ ଆଇଟିବି ପୋଲିସ

**ଇଣ୍ଡୋ-ତିବେତାନ ସୀମା ପୋଲିସ ବାହିନୀ**
**୪୧ତମ ବାଟାଲିୟନ, ଆଇଟିବିପି, ବିକ୍ରମ ନଗର କ୍ୟାମ୍ପ, ପୋଷ୍ଟ-ତରତୁଆ**
**ଜିଲ୍ଲା-ଖୋର୍ଦ୍ଧା (ଓଡ଼ିଶା)-୭୫୨୦୫୭**

**ସାର୍ବଜନୀକ ନିଲାମର ସୂଚନା**

41ତମ ବାଟାଲିୟନ, ଇଣ୍ଡୋ-ତିବେତନ ସୀମା ପୋଲିସ ବାହିନୀ, ବିକ୍ରମ ନଗର କ୍ୟାମ୍ପ, ପୋଷ୍ଟ - ତରତୁଆ, ଜିଲ୍ଲା- ଖୋର୍ଦ୍ଧା (ଓଡିଶା) - ୭୫୨୦୫୭ 12.12.2025 ତାରିଖ ସକାଳ 1000 ଟାରେ ବିଭିନ୍ନ ବିବିଧ ଜିନିଷର ଏକ ସାର୍ବଜନୀନ ନିଲାମ କରାଯିବ ।

ନିଲାମର ସର୍ତ୍ତାବଳୀ :

1. ନିଲାମ 12.12.2025 ରେ 1000 ଘଟିକା ସମୟରେ ଅନୁଷ୍ଠିତ ହେବ । 41ତମ ବାଟାଲିୟନ, ITBP, ବିକ୍ରମ ନଗର କ୍ୟାମ୍ପ, ପୋଷ୍ଟ- ତାରତୁଆ ଜିଲ୍ଲା-ଖୋର୍ଡା (ଓଡିଶା)-752057 ପରିସରରେ ସେହି ଦିନ 0900 ଘ. ରୁ 1000 ଘ. ମଧ୍ୟରେ ବିଭିନ୍ନ ବିବିଧ ଜିନିଷଗୁଡ଼ିକର ଯାଞ୍ଚ କରାଯିବ ।
2. ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ, ପ୍ରତ୍ୟେକ ନିଲାମଦାତାଙ୍କୁ 4500/- ଟଙ୍କା (ମାତ୍ର ଚାରି ହଜାର ପାଞ୍ଚ ଶହ ଟଙ୍କା) ଏକ ସୁରକ୍ଷା ରାଶି ଜମା କରିବାକୁ ପଡିବ ଯାହା ସେହି ଦିନ ନିଲାମ ସମାପ୍ତ ହେବା ପରେ ଫେରସ୍ତ କରାଯିବ ।
3. ବିଡ୍ ଚୂଡ଼ାନ୍ତ ହେବା ପରେ ସଫଳ ବିଡ୍ ପ୍ରଦାନକାରୀଙ୍କୁ ତୁରନ୍ତ ସମ୍ପୂର୍ଣ୍ଣ ବିଡ୍ ରାଶି ନଗଦରେ ଜମା କରିବାକୁ ପଡିବ ।
4. ଯେକୌଣସି ପ୍ରଯୁଜ୍ୟ କର/ଶୁଳ୍କ କ୍ରେତା ବହନ କରିବେ ଏବଂ ପ୍ରଦାନ କରିବେ ।
5. ବିବିଧ ଜିନିଷଗୁଡ଼ିକର ବିକ୍ରୟ "ଯେପରି ଅଛି ଯେଉଁଠାରେ ଅଛି" ଆଧାରରେ କଡ଼ାକଡ଼ି କରାଯିବ । ବିକ୍ରୟ ସମୟରେ, ଏହା ବିବେଚନା କରାଯିବ ଯେ ବିଡର୍ ବ୍ୟକ୍ତି ଜିନିଷଗୁଡ଼ିକୁ ସଠିକ୍ ଭାବରେ ଯାଞ୍ଚ କରିଛନ୍ତି ।
6. କ୍ରେତା ନିଲାମ ଦିନ ହିଁ ନିଜ ଖର୍ଚ୍ଚରେ କ୍ରୟ କରାଯାଇଥିବା ଆଇଇଟିଏମ୍ଗୁଡ଼ିକୁ ଅନୁମତିପତ୍ରରୁ ବାହାର କରିବେ । ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ଜିନିଷଗୁଡ଼ିକ ଅପସାରଣ କରାଯାଏ ନାହିଁ, ତେବେ ବିଭାଗ ସେମାନଙ୍କର ହେପାଜତ ପାଇଁ ଦାୟୀ ରହିବ ନାହିଁ ।
7. କେନ୍ଦ୍ରୀୟ ଟ୍ରେଜେରୀ / ସରକାରୀ ଆକାଉଣ୍ଟରେ ବିଡ୍ ପରିମାଣ ଏବଂ ପ୍ରଯୁଜ୍ୟ କର ଜମା କରିବା ପରେ, କ୍ରେତାଙ୍କୁ ଜମା ସ୍ଲିପ୍ ଦାଖଲ କରିବାକୁ ପଡିବ । କେବଳ ତା'ପରେ ନିଲାମ ହୋଇଥିବା ଜିନିଷଗୁଡ଼ିକୁ ନେବା ପାଇଁ ଅନୁମତି ଦିଆଯିବ ।
8. କମାଣ୍ଡାଣ୍ଟ, 41ତମ ବାଟାଲିୟନ, ITBP, କୌଣସି ରତୁ ନିର୍ଣ୍ଣୟ ନକରି ନିଲାମକୁ ବାତିଲ କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷଣ କରନ୍ତି ।

CBC 19112/11/0188/2526

କମାଣ୍ଡାଣ୍ଟ
୪୧ତମ ବାଟାଲିୟନ,
ଇଣ୍ଡୋ-ତିବେତାନ ସୀମା ପୋଲିସ ବାହିନୀ

ଶେଷ ପୃଷ୍ଠା

ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 29th November, 2025 Saturday | RNI Regd. No. ODIODI/2009/28880

# ହେଲ୍ଥ ଟନିକ୍



## ପୂର୍ଣ୍ଣଚ୍ଛେଦର କମାଲ

ଗାଁରେ ଥିବା ସ୍ତ୍ରୀଟି ସହରରେ ରହୁଥିବା ନିଜ ସ୍ୱାମୀଙ୍କୁ ଚିଠି ଲେଖିବାକୁ ଇଛା କରୁଥାଏ। କିନ୍ତୁ କ'ଣ ହେବ ଅଳ୍ପ ପାଠୁଆ କାରଣରୁ ଡରୁଥାଏ। ପ୍ରକୃତରେ ତାକୁ ଜଣାନଥିଲା ଲେଖାରେ ପୂର୍ଣ୍ଣଚ୍ଛେଦ କିମ୍ବା କମା କେଉଁଠି ଲାଗିବ। ବହୁଦିନ ସ୍ୱାମୀଙ୍କଠାରୁ ଦୂରରେ ରହିବା କାରଣରୁ ବାଧ୍ୟରେ ଚିଠି ଖଣ୍ଡେ ଲେଖିଲା। ପୂର୍ଣ୍ଣଚ୍ଛେଦ ନଲଗେଇଲେ କାଳେ ଚିଠି ଭୁଲ ହେଇଯିବ, ତେଣୁ ଲେଖା ମଝିରେ ମଝିରେ ଗୋଟେ ଗୋଟେ ପୂର୍ଣ୍ଣଚ୍ଛେଦ ଲଗେଇବାକୁ ନିଷ୍ପତ୍ତି ନେଲା।

**ଚିଠିଟି ଏମିତି ଥିଲା:**

ମୋ ପ୍ରିୟ ଜୀବନ ସାଥି, ମୋର ପ୍ରଣାମ ଆପଣଙ୍କ ଚରଣରେ।

ଏବେ ସୁଦ୍ଧା ଚିଠି ଲେଖିନାହଁ କାହିଁକି ମୋ ଭାଇ। ଚାକିରି କଲାଣି ଆମ ଗାଈ। ବାଛୁରୀ ଜନମ କରିଛି ବୁଢ଼ା ବାଆ। ନିତି ମଦ ପିଇ ଦାଣ୍ଡରେ ଗଡୁଛି ମୁଁ। ତୁମକୁ ବହୁତ ଚିଠି ଲେଖିଲାଣି କିନ୍ତୁ ଆସିଲ ନାହିଁ କାହିଁକି କୁକୁର। ମେଣ୍ଢା ଛୁଆ ଖାଇଗଲା ଦି ମାସର ଖାଇବା ଜିନିଷ। ଛୁଟିରେ ଆସିଲେ ଆଣିକି ଆସିବ ଗୋଟେ ସୁନ୍ଦରୀ ଝିଅ। ମୋତେ ସାଙ୍ଗ ମିଳିଯାଇଛି। ଆଉ ଏବେ ଟିଭିରେ ଗୀତ ଗାଉଛି ଆମ ଛେଳି। ବିକା ହୋଇଯାଇଛି ତମର ମା। ତମକୁ ବହୁତ ମନେ ପକାଉଛନ୍ତି ସବିତା ଭାଉଜ। ଆମକୁ ବହୁତ ହଇରାଣ କରୁଛନ୍ତି।

ଏଇ ଚିଠିଟି ପଢ଼ିଲା ପରେ ସହରରେ ଥିବା ସ୍ୱାମୀଙ୍କ ହାଇ ବିପି ପରେ ବେହୋସ୍।

# ପ୍ରାଇଜ୍ ମନି ନମିଳିଲେ ଓଡ଼ିଶା ଛାଡ଼ିବେ ପ୍ରମୋଦ

**ଭୁବନେଶ୍ୱର,୨୮।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ପାରା ଅଲିମ୍ପିଆନ ତଥା ଗୋଲ୍ଡ ମେଡାଲିଷ୍ଟ ପ୍ରମୋଦ ଭଗତ ଅସନ୍ତୁଷ୍ଟ। ସେ ଏବେ ଆଉ ଓଡ଼ିଶାରୁ ଖେଳିବେ ନାହିଁ ବୋଲି ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି। ଭିନ୍ନକ୍ଷମ ବ୍ୟାଡମିଣ୍ଟନରେ ଦେଶ ଏବଂ ଅନ୍ତର୍ଜାତିକ ସ୍ତରରେ ଗୋଲ୍ଡ ମେଡାଲ ଜିତି ପ୍ରମୋଦ ଭଗତ ରାଜ୍ୟ ପାଇଁ ଗୌରବ ଆଣିଥିଲେ। ରାଜ୍ୟ ସରକାରଙ୍କଠାରୁ ସେ ପାଇଥିବା ପୁରସ୍କାର ରାଶି ୯ କୋଟି ଟପିସାରିଛି। ନିୟମ ଅନୁସାରେ ଏଣିକି ପଦକ ଜିତିଲେ ମଧ୍ୟ ସରକାରଙ୍କ ତରଫରୁ କୌଣସି ଆର୍ଥିକ ସହାୟତା ପାଇ ପାରିବେ ନାହିଁ। ପ୍ରମୋଦ ଏହି ପୁରସ୍କାର ନିୟମ ବଦଳାଇବାକୁ ଅନୁରୋଧ କରିଛନ୍ତି। ନହେଲେ ସେ ରାଜ୍ୟ ଛାଡ଼ିବା ପାଇଁ ଚେତାବନୀ ଦେଇଛନ୍ତି।

ପଦ୍ମଶ୍ରୀ ପ୍ରମୋଦ ଭଗତ ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ ୬ଥର ବିଶ୍ୱ ଚାମ୍ପିୟାନ, ପାରା ଅଲିମ୍ପିକରେ ଗୋଲଡ ମେଡାଲିଷ୍ଟ ଓ ୨ଥର ଏସିଆନ ପାରା ବ୍ୟାଡମିଣ୍ଟନ ଚାମ୍ପିୟନ ହୋଇଛନ୍ତି। ଅନେକ ଟୁର ଇଭେଣ୍ଟ ସିଙ୍ଗଲ୍ସ ଓ ଡବଲ୍ସରେ ରାଜ୍ୟ ଓ ଦେଶ ପାଇଁ ଆଣିଛନ୍ତି ଗୌରବ। କିନ୍ତୁ ଏବେ ସେ ରାଜ୍ୟ ଛାଡିବା ପାଇଁ ଚିନ୍ତା କରୁଛନ୍ତି। ରାଜ୍ୟ ସରକାରଙ୍କ ନିୟମ ଅନୁସାରେ କୌଣସି ଖେଳାଳି ବିଶ୍ୱ ଚାମ୍ପିୟନଶିପ କିମ୍ବା ଅଲିମ୍ପିକ୍ସ କିମ୍ବା ଏସିଆନ ଚାମ୍ପିଅନଶିପରେ ମେଡାଲ ଜିତିଲେ ସେମାନଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯିବ। ତେବେ ଜଣେ ଖେଳାଳି ଅତି ବେଶିରେ ୯ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରାଇଜ ମନି ପାଇପରିବେ। ପ୍ରମୋଦ ଭଗତ ଏକାଧିକ ବାର ମେଡାଲ ଜିତିଥିବା ବେଳେ ରାଜ୍ୟ ସରକାରଙ୍କ ଠାରୁ ୯ କୋଟି ଟଙ୍କାର ପ୍ରାଇଜ ମନି ପାଇସାରିଲେଣି। ତେଣୁ ନିୟମ ଅନୁସାରେ ସେ ଏବେ ଆନ୍ତର୍ଜାତିକ ମେଡାଲ ଜିତିଲେ ମଧ୍ୟ ପ୍ରାଇଜ ମନି ପାଇବେନି ବା ପାଉନାହାନ୍ତି। ତେଣୁ ଏହି ନିୟମ ବଦଳାଇବାକୁ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ବାରମ୍ବାର କ୍ରୀଡା ମନ୍ତ୍ରୀଙ୍କୁ ଭେଟିଛନ୍ତି। କିନ୍ତୁ ସରକାର ଏହା ଉପରେ କୌଣସି ଗୁରୁତ୍ୱ ଦେଇ ନାହାନ୍ତି। ତେଣୁ ଏବେ ସେ ରାଜ୍ୟ ଛାଡିବେ ବୋଲି ଚେତାବନୀ ଦେଇଛନ୍ତି। କହିଛନ୍ତି ଯଦି ରାଜ୍ୟ ପାଇଁ ଆମେ ସଫଳତା ଆଣିବୁ ଓ ବିଶ୍ୱ ଚାମ୍ପିୟନଶିପରେ ମେଡାଲ ଆଣିବୁ ତା ପରେ ଯଦି କୌଣସି ପ୍ରୋତ୍ସାହନ ରାଶି ନମିଳିବ ତେବେ ଆମେ ରାଜ୍ୟ ପାଇଁ କାହିଁକି ଖେଳିବୁ ବୋଲି ପ୍ରଶ୍ନ କରିଛନ୍ତି ।

୨ ବର୍ଷ ପାଇଁ ବ୍ୟାନ ହୋଇଥିଲେ ପ୍ରମୋଦ ଭଗତ। ତେବେ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ତାଙ୍କ ଉପରୁ ବ୍ୟାନ ହଟିବା ପରେ ସେ ମଇଦାନକୁ ଫେରିଥିଲେ। ଏହାପରେ ସେ ୧୦ଟି ଗୋଲଡ ସିଙ୍ଗଲ୍ସ ଓ ଡବଲ୍ସ ମେଡାଲ ହାସଲ କରିସାରିଲେଣି। ପୁଣିଥରେ ସେ ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିୟନଶିପ ପାଇଁ କ୍ୱାଲିଫାଏ କରିଛନ୍ତି। ତେଣୁ ଏଥର ସେ ଜିତିଲେ ବି ରାଜ୍ୟ ସରକାର ତାଙ୍କୁ ପ୍ରାଇଜ ମନି ଦେବେନି। ତେଣୁ ସେ ନିୟମ ବଦଳାଇବାକୁ ଚିଠି ଲେଖିଛନ୍ତି। କିନ୍ତୁ ଏ ନେଇ ରାଜ୍ୟ ସରକାର ଅଭିଯୋଗ ପାଇନାହାନ୍ତି ବୋଲି କାହିଛନ୍ତି କ୍ରୀଡ଼ା ନିର୍ଦ୍ଦେଶକ।

# ୨ ବର୍ଷରେ ରାଜ୍ୟର ବିଶ୍ୱବିଦ୍ୟାଳୟ ଓ କଲେଜରେ ୮ ଛାତ୍ରୀ ନିର୍ଯାତିତ

**ଭୁବନେଶ୍ୱର/କେନ୍ଦ୍ରାପଡ଼ା,୨୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ବିଗତ ଦୁଇ ବର୍ଷ ମଧ୍ୟରେ ବହୁ ଚର୍ଚ୍ଚିତ ବାଲେଶ୍ୱର ଏଫଏମ ସ୍ୱୟଂ ଶାସିତ କଲେଜ ଛାତ୍ରୀ ନିର୍ଯ୍ୟାତନା ଘଟଣା ସମେତ ୮ଟି ବିଶ୍ୱ ବିଦ୍ୟାଳୟ ଓ କଲେଜରେ ଛାତ୍ରୀଙ୍କ ଉପରେ ନିର୍ଯାତନା ନେଇ ଅଭିଯୋଗ ହୋଇଛି। ଆଜି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଏସଂପର୍କୀତ ପ୍ରଶ୍ନର ଉତ୍ତରରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହା ଦର୍ଶାଇବା ସହିତ ସରକାରଙ୍କ ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଏଫଏମ ସ୍ୱୟଂ ଶାସିତ କଲେଜର ଶିକ୍ଷା ବିଭାଗ ଆସିଷ୍ଟାଣ୍ଡ ପ୍ରଫେସର ତଥା ଏଚଓଡ଼ି ସମୀର କୁମାର ସାହୁଙ୍କ ବିରୋଧରେ ଯୌନ ନିର୍ଯ୍ୟାତନା ଓ ହାରାସମେଣ୍ଟ ନେଇ ଜଣେ ଛାତ୍ରୀ ମୃତ୍ୟୁବରଣ କରିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ସରକାର ତତ୍କାଳ ପଦକ୍ଷେପ ସ୍ୱରୂପ ସଂପୃକ୍ତ ଆସିଷ୍ଟାଣ୍ଡ ପ୍ରଫେସର ଶ୍ରୀସାହୁଙ୍କୁ ଓ ଘଟଣାରେ ଉଦାସିନତା ପାଇଁ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ସସ୍‌ପେଣ୍ଡ କରିଥିଲେ।

ତେବେ ଏଥିନେଇ ରୁଜୁ ହୋଇଥିବା ଅପରାଧିକ ମାମଲାରେ ଦୁହେଁ ଗିରଫ ହୋଇ ଏବେ ବିଚାର ବିଭାଗୀୟ ହାଜତରେ ଅଛନ୍ତି । ସେହିପରି ରାଉରକେଲା ସରକାରୀ ସ୍ୱୟଂଶାସିତ କଲେଜର ଭୋକେସନାଲ ଟିଚର ପ୍ରକାଶ କୁମାର ସାହୁଙ୍କ ନାମରେ ଯୌନ ନିର୍ଯାତନ ଅଭିଯୋଗ କରାଯାଇଥିବାବେଳେ ଅଧ୍ୟକ୍ଷ ବିଜୟ କୁମାର ବେହେରା ଏହାକୁ ଚାପି ଦେବାକୁ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଥିଲା । ତେବେ ସ୍କୁଲ ଓ



ଗଣଶିକ୍ଷାବିଭାଗ ପକ୍ଷରୁ ତୁରନ୍ତ ଶ୍ରୀସାହୁ ଓ ଶ୍ରୀବେହେରାଙ୍କୁ ଅନ୍ୟତ୍ର ବଦଳି କରାଯାଇଛି ଏବଂ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ।

ସେହି ରାଉରକେଲା ସରକାରୀ ସ୍ୱୟଂ ଶାସିତ କଲେଜରେ ଜଣେ ଛାତ୍ରୀଙ୍କୁ ର୍‍ୟାଗିଂ ଅଭିଯୋଗରେ ଅଧ୍ୟକ୍ଷ, ହଷ୍ଟେଲ ସୁପରିଟେଣ୍ଡେଟ୍ ଓ ଆସିଷ୍ଟଣ୍ଡ ସୁପରିଟେଣ୍ଡଟଙ୍କୁ କୈଫତ୍ ତଲବ କରାଯାଇଛି । କାର୍ଯ୍ୟାନୁଷ୍ଠାନ ନେଇ ପ୍ରକ୍ରୀୟା ଅବ୍ୟାହତ ରହିଛି । ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟରେ ଶିକ୍ଷା ବିଭାଗର ଆସିଷ୍ଟାଣ୍ଡ ପ୍ରଫେସର ଡ଼.ଗୋପୀକାନ୍ତ ସୁନାଙ୍କ ବିରୋଧରେ ଯୌନ ନିର୍ଯାତନା ନେଇ ଅଭିଯୋଗ ହୋଇଥିବାବେଳେ ତାଙ୍କୁ ଗିରଫ କରାଯିବା ସହିତ ଚାକିରୀରୁ ନିଲମ୍ବିତ କରାଯାଇଛି । ଯାଜପୁର ଜିଲ୍ଲା ବାଲିଆ ଅଭିମନ୍ୟୁ ସାମନ୍ତ ସିଂହାର କଲେଜର ଜନୈକା +୩ ଶେଷ ବର୍ଷର ଛାତ୍ରୀଙ୍କୁ ଯୌନ ନିର୍ଯାତନ ଦିଆଯିବା ଅଭିଯୋଗ ହୋଇଥିଲା ବେଳେ ସଂପୃକ୍ତ ଅର୍ଥନୀତି ବିଭାଗର ଅଧ୍ୟାପକ ବିଦ୍ୟାଧର ଧଳଙ୍କୁ ଚାକିରୀରୁ ବହିଷ୍କାର କରାଯାଇଛି । ଅନୁଗୁଳ ଜିଲ୍ଲା ଆଠମଲ୍ଲିକ କଲେଜରେ ଜଣେ ଛାତ୍ରୀଙ୍କୁ ଅର୍ଥନୀତି ବିଭାଗର ଅଧ୍ୟାପକ ସଚ୍ଚିଦାନନ୍ଦ ସାହୁ ଯୌନ ନିର୍ଯାତନା ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳଙ୍କୁ ଏହି ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ପାଇଁ କୁହାଯାଇଛି। ବରଗଡ଼ ଜିଲ୍ଲାର ପଦ୍ମପୁର ଅଂଚଳ କଲେଜର ଜୁଲୋଜୀ ରିଡ଼ର ଡ଼.ବିରଂଚି ସାହୁଙ୍କ ବିରୋଧରେ ଯୌନ ନିର୍ଯ୍ୟାତନ ଅଭିଯୋଗ ହୋଇଥିବାବେଳେ ତାଙ୍କୁ ନିଲମ୍ବିତ କରାଯାଇଛି। ଏଥି ସହିତ ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରି କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପରିଚାଳନା କମିଟିକୁ ପରାମର୍ଶ ଦିଆଯାଇଛି । ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ଡ଼ି.ଏ.ଭି. ସ୍ୱୟଂଶାସିତ କଲେଜରେ ଜଣେ ଛାତ୍ରୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଜଣେ ଅଧ୍ୟପକ ଶ୍ରେଣୀଗୃହକୁ ପୁରାଇ ଦେଇନଥିବା, ଅନ୍ୟ ପିଲାଙ୍କ ଆଗରେ ତାଙ୍କୁ ଅପମାନିତ କରିଥିବା ଓ ନାନାଭାବେ ହଇରାଣ ହରକତ କରିଥିବା ନେଇ ଛାତ୍ରୀଟି ନିଜର ଅଭିଭାବକଙ୍କୁ କହିବା ପରେ ଉତ୍ତେଜିତ ଅଭିଭାବକ କଲେଜରେ ହାଙ୍ଗାମା କରିବା ଘଟଣା ନଜରକୁ ଆସିଥିଲା । ସମ୍ବଲପୁର ଆରଡ଼ିଇ ଏଥିନେଇ ତଦନ୍ତ କରାଇଥିଲେ। ଏହି ତଦନ୍ତ ରିପୋର୍ଟ ଆଧାରରେ ପିଲାମାନଙ୍କ ସାମଗ୍ରିକ ବିକାଶ ପାଇଁ ନିୟମିତ ଶିକ୍ଷକ ଓ ଅଭିଭାବକ ବୈଠକ କରାଇବାକୁ ଅଧ୍ୟକ୍ଷଙ୍କୁ ପରାମର୍ଶ ଦିଆଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ନୈରାଶ୍ୟଜନକ ପ୍ରଦର୍ଶନ ସତ୍ତ୍ୱେ ସବୁ ଫର୍ମାଟର କୋଚ ରହିବେ ଗୌତମ !

**ନୂଆଦିଲ୍ଲୀ,୨୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦକ୍ଷିଣ ଆଫ୍ରିକା ବିପକ୍ଷ ନୈରାଶ୍ୟଜନକ ପ୍ରଦର୍ଶନ ସତ୍ତ୍ୱେ ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କୁ ପଦରୁ ହଟାଇବା ମୁଡରେ ନାହିଁ ବିସିସିଆଇ। ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ଭାରତ ୦-୨ରେ ମୂଳପୋଛ ହୋଇଯାଇଥିଲା। ତଥାପି ଗମ୍ଭୀର ଭାରତୀୟ କ୍ରିକେଟର ୩ଟି ଯାକ ଫର୍ମାଟରେ ମୁଖ୍ୟ କୋଚ ଭାବେ କାମ କରିବେ। ବିସିସିଆଇ ପକ୍ଷରୁ ଏହାକୁ ନିଶ୍ଚିତ କରାଯାଇଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି।

ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ ଭାରତୀୟ ଟିମ ଘରୋଇ ପରିବେଶରେ ଖେଳିଥିଲେ ହେଁ ରେକର୍ଡ ପରାଜୟର ସମ୍ମୁଖୀନ ହୋଇଥିଲା। ୨୦୨୪ରେ ମଧ୍ୟ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟ ସିରିଜକୁ ଭାରତ ୦-୩ରେ ହାରିଥିଲା। ଏହି ଡବଲ ଝଟକା ପରେ ଘରୋଇ ପରିବେଶରେ ଭାରତର ଲମ୍ବା ବର୍ଷ ଧରି ରହିଥିବା ଦବଦବାକୁ ଶକ୍ତ ଝଟକା ଲାଗିଛି।

କୋଚ ଗୌତମ ଗମ୍ଭୀରଙ୍କ ଅଧୀନରେ ଭାରତ ୧୬ ମାସ ମଧ୍ୟରେ ଅତ୍ୟନ୍ତ ଦୟନୀୟ ସ୍ଥିତର ସମ୍ମୁଖୀନ ହୋଇ ୨ଟି ଟେଷ୍ଟ ସିରିଜ ହାରିଛି। ଭାରତୀୟ ଟିମ ପୂର୍ବରୁ କେବେ ବି ଘରୋଇ ମାଟିରେ କୌଣସି ଟେଷ୍ଟ ୩୫୦ରୁ ଅଧିକ ରନରେ ହାରି ନଥିଲା। କିନ୍ତୁ ଗୌହାଟୀରେ ଦଳକୁ ୪୦୮ ରନରେ ହାରିବାକୁ ପଡିଛି। ଏସବୁ ଗମ୍ଭୀର ଯୁଗରେ ହୋଇଛି।

ଦକ୍ଷିଣ ଆଫ୍ରିକା ମଧ ଗମ୍ଭୀର ଯୁଗରେ ଦୀର୍ଘ ୨୫ ବର୍ଷ ପରେ ଭାରତ ମାଟିରେ କୌଣସି ଟେଷ୍ଟ ସିରିଜ ଜିତିଛି। ଗମ୍ଭୀର ଯୁଗରେ ଭାରତ କ୍ରମାଗତ ଦ୍ୱିତୀୟ ଥର ପାଇଁ କୌଣସି ଟେଷ୍ଟ ସିରିଜରେ ମୂଳପୋଛ ହୋଇଯାଇଛି। ୨୦୨୪ରେ ଭାରତ ଘରୋଇ ମାଟିରେ ନ୍ୟୁଜିଲ୍ୟାଣ୍ଡ ଠାରୁ ୦-୩ରେ ହାରିଥିଲା। ଦକ୍ଷିଣ ଆଫ୍ରିକା ଠାରୁ ୦-୨ରେ ହାରିବା ପରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟ ଟେବୁଲରେ ଭରତ ସିଧା ୫ ନମ୍ବରକୁ ଖସି ଆସିଛି।

ଭାରତ ଉପରେ ପାକିସ୍ତାନ ଓ ଶ୍ରୀଲଙ୍କା ଭଳି ଦଳ ରହିଛନ୍ତି। ଗମ୍ଭୀର ଯୁଗରେ ଏହା ଘଟିଛି। ଗମ୍ଭୀର ପ୍ରଥମ ଭାରତୀୟ କୋଚ ଯାହାଙ୍କ ଅଧୀନରେ ଭାରତ ଦୁଇଟି ଘରୋଇ ଟେଷ୍ଟ ସିରିଜରେ ମୂଳପୋଛର ଲଜ୍ଜା ମୁଣ୍ଡାଇଛି। ଟେଷ୍ଟ କୋଚ ଭାବେ ଗମ୍ଭୀରଙ୍କ ପ୍ରଥମ ବର୍ଷରେ ଭାରତ ନ୍ୟୁଜିଲ୍ୟାଣ୍ଡ ଠାରୁ ଓ ଏବେ ଦକ୍ଷିଣ ଆଫ୍ରିକା ଠାରୁ ପରାସ୍ତ ହୋଇଛି।

ଗମ୍ଭୀର ଯୁଗରେ ଭାରତର ଏହା ୧୦ମ ଟେଷ୍ଟ ପରାଜୟ। ୨୦୨୪ ଜୁଲାଇରେ କୋଚ ଦାୟିତ୍ୱ ନେଇଥିବା



ଗମ୍ଭୀରଙ୍କ କୋଚିଂରେ ଭାରତ ୧୯ଟି ଟେଷ୍ଟ ଖେଳିଥିବା ବେଳେ ୧୦ଟି ହାରିଛି ଓ ୭ଟି ଜିତିଛି। ସେହିପରି ଦୁଇଟି ମ୍ୟାଚ୍ ଡ୍ର ରହିଛି। ଘରୋଇ ପରିବେଶରେ ଭାରତ ଶେଷ ୭ ଟେଷ୍ଟରୁ ୫ଟିରେ ହାରିଛି।

ଗମ୍ଭୀର ଯୁଗରେ ଭାରତର ବିଜୟ ପ୍ରତିଶତ ମାତ୍ର ୩୮.୯% ରହିଛି। ଗତ ୨୫ ବର୍ଷ ମଧ୍ୟରେ ଭାରତୀୟ କୋଚଙ୍କ ତୁଳନାରେ ଗମ୍ଭୀରଙ୍କ ରେକର୍ଡ ସବୁଠାରୁ ଖରାପ ରହିଛି। ଏହାପରେ ନାଲି ଭଲ କ୍ରିକେଟର କୋଚିଂ ଦାୟିତ୍ୱରୁ ଗମ୍ଭୀରଙ୍କୁ ହଟାଇବା ଦାବି ଜୋର ଧରିଥିଲା।

ହେଲେ ଗମ୍ଭୀର ପୂର୍ବଭଳି ୩ଟି ଯାକ ଫର୍ମାଟରେ ନିଜର ପଦ ବଜାୟୀ ରଖିବେ ବୋଲି ସ୍ପଷ୍ଟ ହୋଇଛି। ବିସିସିଆଇର ଗୋଟିଏ ସୂତ୍ରରେ କୁହାଯାଇଛି ଯେ "ଗୌତମ ଗମ୍ଭୀର ୩ଟି ଯାକ ଫର୍ମାଟରେ ମୁଖ୍ୟ କୋଚ ଭାବେ ପୂର୍ବଭଳି ରହିବେ। କୌଣସି ନିଷ୍ପତ୍ତିକୁ ଆଦୌ ବିଚାରକୁ ନିଆଯାଇ ନାହିଁ।"

ବିସିସିଆଇ ଗମ୍ଭୀରଙ୍କୁ ନ ହଟାବା ଜିଦରେ ଅଟଳ ରହିଥିବା ବେଳେ ଫ୍ୟାନ୍ସ କିନ୍ତୁ ତାଙ୍କ ଉପରେ କ୍ଷୁବ୍ଧ ହୋଇଛନ୍ତି। ଗୌହାଟୀ ଟେଷ୍ଟରେ ଭାରତୀୟ ଟିମ ୪୦୮ ରନରେ ହାରିବା ପରେ ଷ୍ଟାଡିୟମରେ ଉପସ୍ଥିତ ଥିବା ଫ୍ୟାନ୍ସ 'ଗୌତମ ଗମ୍ଭୀର ହାଏ ହାଏ' ନାରା ଦେଇଥିଲେ। ସୋଶାଲ ମିଡିଆରେ ମଧ୍ୟ ଗମ୍ଭୀରଙ୍କୁ ଅତିକମରେ ଟେଷ୍ଟ କ୍ରିକେଟ ଦାୟିତ୍ୱରୁ ହଟାବାକୁ ଅନେକ ଦାବି ରଖିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଶିକ୍ଷା ଓ ମହିଳା...

ଶ୍ରୀ ମାଝୀ ବଜେଟ୍ ପୁସ୍ତିକାରେ ଉଲ୍ଲେଖ କରିଛନ୍ତି। ଏଥିରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ଥିବା ୧୩୧୬ କୋଟି ଟଙ୍କା ମଧ୍ୟରୁ କେନ୍ଦ୍ରୀୟ ଯୋଜନାରେ ୨୦୫୪ କୋଟି ଓ ରାଜ୍ୟ ଯୋଜନାରେ ୧୧୬୪୩କୋଟି ଟଙ୍କା ଖର୍ଚ୍ଚ ହେବ। ସମୃଦ୍ଧ ଓଡିଶା -୨୦୩୬ର ଲକ୍ଷ୍ୟକୁ ହାସଲ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇବା ସହ ଓଡିଶା ନିଜର ବଜେଟ ବ୍ୟୟବରାଦ ଓ ଖର୍ଚ୍ଚରେ ଏଫଆରବିଏମ୍ ଆକ୍ଟର ଅନୁପାଳନ କରୁଥିବା ଶ୍ରୀ ମାଝୀ କହିଛନ୍ତି। ୨୦୨୫ ଅକ୍ଟୋବର ପର୍ଯ୍ୟନ୍ତ ରାଜ୍ୟର ଋଣବୋଝ ମୋଟ ରାଜ୍ୟ ଜିଡିପିର ୧୧.୯ପ୍ରତିଶତ ଥିବାବେଳେ ସୁଧ ଦେୟ ଓ ରାଜସ୍ୱ ଆୟର ଅନୁପାତ ୨.୨% ଓ ରାଜସ୍ୱ ବଳକା ୧.୩% ରହିଥିବା ଜଣାପଡିଛି। ଅତିରିକ୍ତ ବଜେଟ୍‌ର ତଥ୍ୟ ଅନୁସାରେ ଶିକ୍ଷା ଓ ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦିଆଯାଇ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର। ମହିଳାମାନଙ୍କ ସୁରକ୍ଷା ଏବଂ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ 'ଶକ୍ତିଶ୍ରୀ' ନାମରେ ଏକ ନୂଆ ଯୋଜନା କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି ନେଇ ୧୫ କୋଟି ଟଙ୍କା ଆବଂଟନ କରିଛନ୍ତି। ନିଜସ୍ୱ ମହତ୍ୱାକାଂକ୍ଷୀ 'ସୁଭଦ୍ରା' ଯୋଜନା ପାଇଁ ୨୯୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହାବ୍ୟତୀତ ମିଶନ ଶକ୍ତି କାର୍ଯ୍ୟକ୍ରମ ଅଧୀନରେ ୪୦୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଥିବା ବେଳେ ମମତା ଯୋଜନା ପାଇଁ ୧୪୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ଶିକ୍ଷା କ୍ଷେତ୍ରରେ, ପିଏମ୍-ପୋଷଣ ଅଧୀନରେ ୩୯୨ କୋଟି ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ପାଇଁ ୭୧ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଅତିରିକ୍ତ ବଜେଟରେ ରାଜ୍ୟ ସରକାର କୃଷକ କଲ୍ୟାଣ ଏବଂ ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ସର୍ବାଧିକ ଅର୍ଥ ଆବଣ୍ଟନ କରାଯାଇଛି। ଧାନ କ୍ରୟ ପାଇଁ ରିଭଲଭିଂ ପାଣ୍ଠି ପାଇଁ ୩ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଥିବାବେଳେ ସାଧାରଣ ବଂଟନ ବ୍ୟବସ୍ଥାରେ ରିହାତି ପାଇଁ ୧୩୨୫ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ସମୃଦ୍ଧ କୃଷକ ଯୋଜନା ଅଧୀନରେ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ଇନପୁଟ୍ ସହାୟତା ପାଇଁ ୮୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୯୯୪ କୋଟି ଟଙ୍କା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ଅତିରିକ୍ତ ୪୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଏଥିସହ ରାସ୍ତା ଏବଂ ସେତୁର ରକ୍ଷଣାବେକ୍ଷଣ ପାଇଁ ୨୫୦ କୋଟି ଟଙ୍କା ଓ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧୭୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅତିରିକ୍ତ ବଜେଟରେ ରାଜ୍ୟ ସରକାର ଜିଲ୍ଲା ପରିଷଦ ନିର୍ବାଚନ ପରିଚାଳନା ପାଇଁ ୪୨ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଯଦିଓ ଜିଲ୍ଲା ପରିଷଦ ଓ ପଂଚାୟତ ନିର୍ବାଚନର ଅବଧି ୨୦୨୭ ମସିହାରେ ଶେଷ ହେବ। ଅତିରିକ୍ତ ବଜେଟରେ ୪୨କୋଟି ଟଙ୍କାର ବ୍ୟୟବରାଦ କରି ରାଜ୍ୟ ସରକାର ଏବେ ତ୍ରିସ୍ତରୀୟ ପଂଚାୟତରାଜ ବ୍ୟବସ୍ଥାରେ ଖାଲି ପଡିଥିବା ଜିଲ୍ଲା ପରିଷଦ, ସରପଂଚ, ସମିତି ସଭ୍ୟ ଓ ୱାର୍ଡମେମ୍ବର ପଦବୀର ନିର୍ବାଚନ କରିପାରନ୍ତି ବୋଲି ସମ୍ଭାବନା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ନୂଆପଡା ଉପନିର୍ବାଚନରେ ବୃହତ୍ ବିଜୟ ପରେ ରାଜ୍ୟର ବିଜେପି ସରକାର ଉତ୍ସାହିତ ଅଛି। ରାଜ୍ୟ ନିର୍ବାଚନ ଆୟୋଗ ପୂର୍ବରୁ ଏହି ଖାଲି ପଡିଥିବା ପଦବୀରେ ନିର୍ବାଚନ ପାଇଁ ବିଜ୍ଞପ୍ତି ଘୋଷଣା କରି ଦିନକ ପରେ ଏହାକୁ ଫେରସ୍ତ ନେଇଥିଲେ। ୨୦୨୫ ଏପ୍ରିଲ ସୁଦ୍ଧା ଖାଲିପଡିଥିବା ୫ଟି ଜିଲ୍ଲା ପରିଷଦ ସଭ୍ୟ, ୪୧ଟି ପଂଚାୟତ ସମିତି ସଭ୍ୟ ଓ ୪୫ଟି ସରପଂଚ ସମେତ ମୋଟ ୧୧୩୪ଟି ପଦବୀ ଖାଲି ପଡିଥିଲା। ଏବେ ଅତିରିକ୍ତ ବଜେଟରେ ୪୨କୋଟି ଟଙ୍କାର ବ୍ୟୟବରାଦ କରି ରାଜ୍ୟ ସରକାର ଏହି ଖାଲି ପଡିଥିବା ପଦବୀଗୁଡିକରେ ନିର୍ବାଚନ ସାରିବାକୁ ଲକ୍ଷ୍ୟ ରଖିଥିବା ଆକଳନ କରାଯାଉଛି।

### ବାତ୍ୟା 'ଡିଟୱା'...

ଅଧିକ ବର୍ଷା ହେବାରୁ ଦେଶର ପୂର୍ବ ଓ କେନ୍ଦ୍ର ଭାଗରେ ବନ୍ୟା ଦେଖାଯାଇଛି। ବର୍ତ୍ତମାନ ସୁଦ୍ଧା ୫୬ ଜଣ ପ୍ରାଣ ହରାଇବା ବେଳେ ୬୦୦ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି। ସ୍ଥିତିକୁ ଦେଖି ଶ୍ରୀଲଙ୍କାରେ ସମସ୍ତ ସରକାରୀ ଅଫିସ ଓ ସ୍କୁଲକୁ ଶୁକ୍ରବାର ଛୁଟି ଘୋଷଣା କରାଯାଇଛି। ଗୁରୁବାର ଠାରୁ ଶ୍ରୀଲଙ୍କାରେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ରାତିଠାରୁ ସ୍ଥିତି ଜଟିଳ ହୋଇଛି। ବିଭିନ୍ନ ସ୍ଥାନରେ ଲୋକଙ୍କ ଘରେ ବନ୍ୟା ପାଣି ପ୍ରବେଶ କରିଛି। ରାସ୍ତା ଘାଟ ବୁଡି ଯାଇଥିବା ବେଳେ ଭୂସ୍ଖଳନ ସ୍ଥିତିକୁ ଭୟଙ୍କର କରିଛି। ବଦୁଲ୍ଲା ଓ ନୁୱାରା ଇଲିୟା ଭଳି ଚା' ଚାଷ ହେଉଥିବା ପାହାଡିଆ ଅଞ୍ଚଳରେ ଭୂସ୍ଖଳନ ହେବାରୁ ୩୦ ଜଣ ପ୍ରାଣ ହରାଇଛନ୍ତି। ସେହିପରି ଏହି ଦୁଇଟି ସ୍ଥାନରେ ୨୧ରୁ ଅଧିକ ଲୋକ ନିଖୋଜ ରହିଛନ୍ତି। ମାଟି ତଳକୁ ୧୪ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଡିଏମସି ପକ୍ଷରୁ କୁହାଯାଇଛି। ଡିଏମସି କହିଛି ଯେ ଅବିଶ୍ରାନ୍ତ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଥିବା ଜଳ ଭଣ୍ଡାର ଓ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ବନ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଯାତ୍ରୀବାହୀ ଟ୍ରେନ ଚଳାଚଳକୁ ବନ୍ଦ କରି ଦିଆଯାଇଛି। ଶ୍ରୀଲଙ୍କା ସ୍ଥିତି ସମୟ ଗଡିବା ସହ ଜଟିଳ ହେଉଥିବାରୁ ଭାରତ ସରକାର ସହାୟତାର ହାତ ବଢ଼ାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ଶୋକ ପ୍ରକାଶ କରିଛନ୍ତି। ସେହିପରି ଭାରତ ସରକାରଙ୍କ ପକ୍ଷରୁ ଅପରେସନ ସାଗର ବନ୍ଧୁ ଆରମ୍ଭ କରାଯାଇଛି।

### ଶ୍ରୀମନ୍ଦିର ଗଲେ...

ରାଧାରାଣୀଙ୍କ ଅଭିଶାପ ପଡିଛି। ଦିନେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜଗନ୍ନାଥ ରୂପ ଦର୍ଶନ କରିବା ପାଇଁ ମନ୍ଦିରରେ ପହଞ୍ଚିଥିଲେ ମା' ରାଧାରାଣୀ। ମନ୍ଦିର ଭିତରକୁ ଯିବା ବେଳେ ତାଙ୍କୁ ସେବାୟତମାନେ ଅଟକାଇ ଦେଇଥିଲେ। ମନ୍ଦିର ଭିତରକୁ ପ୍ରଭୁ ଜଗନ୍ନାଥଙ୍କ ପତ୍ନୀଙ୍କୁ ମଧ୍ୟ ଆସିବାର ଅନୁମତି ନାହିଁ...ଆପଣ କେମିତି ଆସିପାରିଲେ? ଏଥିରେ ରାଗିଯାଇ ମା' ଅଭିଶାପ ଦେଇଥିଲେ। ଆଜିଠୁ କୌଣସି ଅବିବାହିତ ଯୋଡି ମନ୍ଦିର ଭିତରକୁ ଆସିଲେ ସେମାନଙ୍କର ସମ୍ପର୍କ ଭାଙ୍ଗିଯିବା ସହ ବିବାହ ହୋଇପାରିବନାହିଁ। ଏହି ଅଭିଶାପ ଦେଇ ମା' ସେଠାରୁ ଚାଲିଯାଇଥିଲେ। ଶୁଭଙ୍କରଙ୍କ ଏହି ଭିଡିଓ ଭାଇରାଲ ହେବା ପରେ ଏବେ ଓଡିଶାରେ ବିଶେଷ କରି ପୁରୀରେ ଅସନ୍ତୋଷ ଦେଖାଦେଇଛି। ଏତେ ଉଚ୍ଚଶିକ୍ଷିତ ହୋଇ କିଭଳି ସେ ଏଭଳି ବିଭ୍ରାନ୍ତିକର ଟିପ୍ପଣୀ ଦେଇପାରିଲେ, ସେ ପ୍ରଶ୍ନ କରୁଛନ୍ତି ପୁରୀବାସୀ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା କହିଛନ୍ତି ଶ୍ରୀମନ୍ଦିର ପ୍ରସଙ୍ଗରେ ଏଭଳି ଭୁଲ୍ ତଥ୍ୟ ଦେବା ଗ୍ରହଣୀୟ ନୁହେଁ।

### ୪ରେ ଭାରତ...

ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀ ସମୟରେ ଚୀନରେ ସାକ୍ଷାତ କରିଥିଲେ। ଉଭୟ ଏକ କାରରେ ବସି ହୋଟେଲକୁ ଯିବା ସହ ଏକ ଘଣ୍ଟା ପାଇଁ ପୃଥକ ଆଲୋଚନା ମଧ୍ୟ କରିଥିଲେ। ରୁଷଠାରୁ ତୈଳ ଆମଦାନୀ କରୁଥିବାରୁ ଆମେରିକା, ଭାରତ ଉପରେ ଭାରୀ ଶୁଳ୍କ ଲଗାଇଥିଲା। ଏହି ସମୟରେ ରୁଷ୍ ସହିତ ଭାରତର ସମ୍ପର୍କ ନିବିଡ ହୋଇଥିଲା। ଭାରତ ତେଲ କିଣି ୟୁକ୍ରେନ ସହ ଯୁଦ୍ଧ କରିବା ପାଇଁ ରୁଷ୍‌କୁ ସମର୍ଥନ କରୁଥିବା କହିଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ।

### ଉତ୍କଟ ସମସ୍ୟା...

କ୍ୱାଟର୍ସକୁ ଜବରଦଖଲମୁକ୍ତ କରିଛନ୍ତି। ଶିକ୍ଷକ ଓ କର୍ମଚାରୀ ଅଭାବରୁ ବିଶ୍ୱବିଦ୍ୟାଳୟରେ ଅଧାପନା, ଗବେଷଣା, ପରୀକ୍ଷା ପରିଚାଳନା ଓ ପ୍ରଶାସନିକ କାର୍ଯ୍ୟରେ ବ୍ୟାଘାତ ଉପୁଜୁଥିବା ଘେନି ବାରମ୍ବାର ଛାତ୍ରଛାତ୍ରୀମାନେ ଅଭିଯୋଗ କରୁଛନ୍ତି। ବହ ବିଳମ୍ବରେ ହେଲେ ମଧ୍ୟ ନିୟମିତ କୁଳପତି ଚୟନ ପାଇଁ ଇତିମଧ୍ୟରେ ରାଜ୍ୟ ସରକାର ଓ କୁଳାଧିପତିଙ୍କ ଦପ୍ତର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି ଏବଂ ଖୁବ୍‌ଶୀଘ୍ର ନୂଆ କୁଳପତି ନିଯୁକ୍ତି ପାଇବେ ବୋଲି କୁହାଯାଉଛି। ତେବେ ଚଳିତ ଶିକ୍ଷାବର୍ଷ ଶେଷ ପୂର୍ବରୁ ନୂଆ ପ୍ରଫେସର ଏବଂ ସହଯୋଗୀ ଓ ସହକାରୀ ପ୍ରଫେସରଙ୍କ ସମେତ ଅଣଶିକ୍ଷକ କର୍ମଚାରୀ ନିଯୁକ୍ତି ପାଇବା ସମ୍ଭାବନା କ୍ଷୀଣ।

### ୧ରେ ଖୋଲିବନି...

ଲଗାଯିବା ପ୍ରସ୍ତାବ ଥିବା ସହ ଖଣ୍ଡୋଲାଇଟ୍ ପଥର ଲଗା କାମ ବାକି ଥିବା ଦର୍ଶାଇଛନ୍ତି। ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ଉଦ୍ୟାନଗୁଡିକ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ସଫେଇ ଏବଂ ଉନ୍ନତିକରଣ ଜରୁରୀ ଥିବା ବରିଷ୍ଠ ସୁପରଭାଇଜର୍ ରିପୋର୍ଟ ଦେଇଛନ୍ତି। ଏହାକୁ ବିଚାରକୁ ନେଇ ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲାଯିବା ନିଷ୍ପତ୍ତିକୁ ପରବର୍ତ୍ତୀ ଆଦେଶ ଯାଏଁ ସ୍ଥଗିତ ରଖିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି।

### ପାଚିଲା ଧାନ କ୍ଷେତ...

ରାତ୍ର ଜଗୁଆଳ ବ୍ୟବସ୍ଥା ହୋଇଛି । ଗ୍ରାମ ନିକଟ ଜଙ୍ଗଲ ସୀମାରେ ତାରବାଡ ହୋଇଛି । ସମସ୍ତ ବନାଂଚଳକୁ ତାରବାଡ ଘେରାଇବା ସମ୍ଭବ ହେଉନାହିଁ। ବାରହା ଆକ୍ରମଣ ଘଟଣାର ଅନୁଧ୍ୟାନ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ତେବେ ଅନେକ କ୍ଷେତ୍ରରେ ଏହା ଶୀକାର ଉଦ୍ୟମ ଘଟଣା ବୋଲି ଜଣାପଡୁଛି । ସେଥିପାଇଁ ସଂପୃକ୍ତ ଶୀକାରୀଙ୍କୁ ଗିରଫ କରାଯାଉଛି । ରାତିରେ ଧାନ କ୍ଷେତକୁ ସୁରକ୍ଷା ଦେବାକୁ ଯାଉଥିବା ଚାଷୀ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ ବୋଲି ମଧ୍ୟ ପରାମର୍ଶ ଦିଆଯାଇଛି ।

# ମଣ୍ଡିକୁ ଭରସା କରିପାରୁନି ଚାଷୀ: ଭିଡ଼ ଜମାଇଲେଣି ବେପାରୀ

**କେନ୍ଦ୍ରାପଡ଼ା,୨୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବରୁ କେନ୍ଦ୍ରାପଡା ଜିଲ୍ଲାରେ ଚାଷୀମାନେ ସାଧାରଣତଃ ପ୍ରଥମାଷ୍ଟମୀ ପରେ ପରେ ଖରିଫ ଧାନ କଟାକଟି ଆରମ୍ଭ କରୁଥିଲେ । ଏହାକୁ ଖଳାରେ ନେଇ ଗଦା କରିବା ପରେ ମକର ସଂକ୍ରାନ୍ତୀ ବାସୀ ତିଆସୀରୁ ବାଡ଼ାବାଡ଼ି କରି ଅମଳ ଅମଳ କରୁଥିଲେ। ହେଲେ ଏବେ ସମୟ ଯଥେଷ୍ଟ ଆଗକୁ ବଢିଛି। ଆଉ ଦା' ଧରି କେହି ଧାନ କାଟିବାକୁ ଯାଉନାହାଁନ୍ତି କି ବାଉଁଙ୍ଗୀ ଜୋତ ନେଇ ବିଲରୁ ଖଳାକୁ ଧାନ ହଳା ବୋହିବାକୁ କେହି ବାହାରୁ ନାହାଁନ୍ତି। ଖଳା ସଂସ୍କୃତି କେବେ ଠାରୁ ଉଭେଇ ଗଲାଣି। ଧାନ ପାଚିବା ସଙ୍ଗେ ସଙ୍ଗେ ଧାନକଟା ମେସିନ୍ ବିଲରେ ପଶି ଧାନ କାଟିବା ସହିତ ମାତ୍ର କେତେ ଘଣ୍ଟା ଭିତରେ ଅମଳ କରି ଚାଲିଯାଉଛି । ଗତ ନଭେମ୍ବର ଶେଷ ସପ୍ତାହରୁ ବିଭିନ୍ନ ଅଂଚଳରେ ଚାଷୀ ଧାନ ଅମଳ କଲେଣି । ହେଲେ ସରକାର ଜିଲ୍ଲାରେ ସେହି ଧରାବନ୍ଧା ନିୟମରେ ଜାନୁୟାରୀ ମାସରେ ମଣ୍ଡି ଖୋଲିବେ ବୋଲି କୁହାଯାଉଛି । କିନ୍ତୁ ଥିଲା ଥାଇଲା କିଛି ଚାଷୀଙ୍କୁ ଛାଡ଼ିଦେଲେ ନିଜର ଆବଶ୍ୟକତା ଦୃଷ୍ଟିରୁ ସାଧାରଣ ଚାଷୀଙ୍କୁ ସରକାରୀ ମଣ୍ଡିକୁ ଅପେକ୍ଷା କରିବାର ଧୈର୍ଯ୍ୟ ନାହିଁ । ଯାହାର ସୁଯୋଗ ନେଇ ଏବେ ପ୍ରାୟତଃ ସବୁ ଗାଁ ରେ ବେପାରୀଙ୍କର ଭିଡ଼ ଲାଗିଛି । ଅଭାବୀ ବିକ୍ରିର ଭରପୂର ଫାଇଦା ଉଠାଉଛନ୍ତି ସଂପୃକ୍ତ ବେପାରୀମାନେ । ଅଧିକାଂଶ ଚାଷୀ ଅମଳ କରିସାରିଥିବା ଧାନକୁ ସେହି ବେପାରୀମାନଙ୍କୁ ବିକ୍ରି କରୁଥିବା ଦେଖାଯାଉଛି। ସରକାରୀ ମଣ୍ଡିରୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ମିଳିବାକୁ ଥିବା ବେଳେ ମାତ୍ର ୨୦୦୦ରୁ ୨୧୦୦ ଟଙ୍କା ଦର ରେ ରେ ବୁଲା ବେପାରୀଙ୍କୁ ଚାଷୀମାନେ ଭରଣ ଭରଣ ଧାନ ଟେକି ଦେଉଛନ୍ତି। ଜମ୍ବୁର ଚାଷୀ ଜିତେନ୍ଦ୍ର ସାମଲ କହିଛନ୍ତିଯେ, ଆସନ୍ତା ଜାନୁଆରୀ ପର୍ଯ୍ୟନ୍ତ ଧାନ ବିକିବାକୁ ଅପେକ୍ଷା କରିବା ସମ୍ଭବ ନୁହେଁ। ହାତଉଧାରୀ ଋଣ ସୁଝିବା ପାଇଁ ସ୍ଥାନୀୟ ମହାଜନଙ୍କର ଚାପ ବହୁତ ପଡୁଛି । ଏଥିସହିତ ଘରର ତେଲଲୁଣ ସଂସାର ଚଳାଇବା ଓ ପିଲାଙ୍କ ପାଠପଢା ଖର୍ଚ୍ଚର ବୋଝ ତୁଲାଇବାକୁ ତୁରନ୍ତ ଧାନ ନବିକିଲେ ନଚଳେ । ଏହା ବ୍ୟତିତ ଧାନକୁ ବୋହି ଦୁରରେ ହେବାକୁ ଥିବା ମଣ୍ଡିକୁ ନେବା,ଏଫ କ୍ୟୁ ମାନର ଧାନ ଆଳରେ କଟଣୀ ଛଟଣୀର ଗୋଳକ ଧନ୍ଦା ଓ ସର୍ବୋପରି ଟୋକାନ ମିଳିବାରେ ଅନିଶ୍ଚିତତା ଆଦି ଝାମେଲାରେ ପଶୁଛି କି'ଏ। ବେପାରୀ ଆସି ବିଲରୁ ନାଇତ ଘର ଦୁଆର ମୁହଁରୁ ଧାନ ନେଇ ଯାଉଛନ୍ତି । ସରକାରୀ ମଣ୍ଡିରେ ଦେଲେ କିଛି ଅଧିକ ମିଳିବ ସତ, ହେଲେ ଝାମେଲାରେ ପଶିବାକୁ କାହାକୁ ବେଳ ଅଛି । ମାତ୍ର ୩ କୁଇଂଟାଲ ଧାନ ଏଥର ବିକ୍ରି ପାଇଁ ବଳକା ଥିଲା। ସରକାରୀ ଧାର୍ଯ୍ୟ ଦରରେ ମଣ୍ଡିରେ ବିକ୍ରି କରିଥିଲେ ଅଧିକ ଲାଭ ହୋଇଥାନ୍ତା। ସେହିପରି ମାର୍ଶାଘାଇ ବ୍ଲକ ରାମଚନ୍ଦ୍ରପୁର ଗାଁର ଗ୍ରାମର ଗଣେଶ ଜେନା କହିଛନ୍ତି ଯେ, ଚଳିତ ବର୍ଷ ଖରିଫ ଧାନ ଫସଲ ଭଲ ହୋଇଛି। ଧାନ ଅମଳ ଚାଲିଥିବାରୁ ଏହାକୁ ରଖିବାକୁ ଜାଗା ନାହିଁ । ବେପାରୀ ଆସି ପର୍ଯ୍ୟାୟ ଧାନ ନେଇ ଯାଉଛନ୍ତି । ସରକାରୀ ମଣ୍ଡିକୁ ଅପେକ୍ଷା କଲେ ଯେ ସମସ୍ତ ଚାଷୀ ଧାନ ବିକି ପାରିବେ ତା'ର କୌଣସି ଗ୍ୟାରେଣ୍ଟି ନାହିଁ । ଧାନ ସଂଗ୍ରହ ସପ୍ତହେ ହୋଇଥିବ କି ନାହିଁ ଆଉ ଟାର୍ଗେଟ ନାହିଁ କହି ମଣ୍ଡିର କର୍ମଚାରୀମାନେ ବିଗତ ଦିନରେ ଚାଷୀଙ୍କୁ ଯେତେ ଦହଗଂଜ କରିଛନ୍ତି ନକହିବା ଭଲ। ବଡିଘର ଗ୍ରାମର ହରିପଦ ମଣ୍ଡଳଙ୍କ କହିବା କଥା ଯେ, ସରକାରୀ ମଣ୍ଡିରେ ଧାନ ଦେବା ଏତେ ସହଜକଥା ନୁହେଁ। ଗମନାଗମନ ପାଇଁ ନଦୀ ଓ ନାଳ ବାଧକ ସାଜିଛି। ନଦୀ ଆରପାଖରେ ଥିବା ମଣ୍ଡିକୁ ଚାଷୀ ଧାନ ନେଇ ଦିନ ରାତି ଜଗି ବସିବା ଅପେକ୍ଷା ବ୍ୟବସାୟୀଙ୍କୁ ବିକ୍ରୀ କରିଦେବା ଭଲ । ଜିଲ୍ଲା ସିଏସଓ କହିଛନ୍ତି ଯେ, ଜିଲ୍ଲାରେ ଜାନୁୟାରୀ ମାସରେ ଧାନ ମଣ୍ଡି ଖୋଲିବ ସହିତ ମାର୍ଚ୍ଚ ମାସ ଶେଷ ଯାଏ ଧାନ ସଂଗ୍ରହ କରାଯିବ। ଧାନ ବିକିବାକୁ ନାମ ପଂଜିକୃତ କରିଥିବା ଚାଷୀମାନେ ଏହାର ସୁଯୋଗ ନେଲେ ସରକାରଙ୍କ ବର୍ଦ୍ଧିତ ଦର ପାଇ ଲାଭବାନ ହୋଇପାରିବେ । ଜିଲ୍ଲାରେ ଧାନ ଅମଳ ଆରମ୍ଭ ହୋଇଥିବା ବେଳେ ଅଭାବୀ ବିକ୍ରୀକୁ ସେ ଅସ୍ୱୀକାର କରିଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ ଅଙ୍ଗନବାଡି ପ୍ରି-ସ୍କୁଲର ଛାତ୍ରଛାତ୍ରୀ

**ରାଜନଗର,୨୮।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକରେ ମହିଳା ଓ ଶିଶୁ ବିକାଶ ବିଭାଗର ଦୟନୀୟ ସ୍ଥିତି ଦେଖିବାକୁ ମିଳିଛି । ମୌଳିକ ସୁବିଧାରୁ ବଂଚିତ ହେଉଛନ୍ତି ଅଙ୍ଗନବାଡି ପ୍ରି-ସ୍କୁଲର ଛାତ୍ରଛାତ୍ରୀ । କେଉଁଠି କେନ୍ଦ୍ରର ନିଜସ୍ୱ ଘର ନାହିଁ ତ, କେଉଁଠି ନିଜସ୍ୱ ଘର ଥିଲେ ବି ବିଦ୍ୟୁତକରଣ ହୋଇନାହିଁ। ଏପରିକି ପାନୀୟ ଜଳ ଓ ଶୌଚାଳୟରୁ ବଂଚିତ ଅଧାରୁ ଅଧିକ ପ୍ରି-ସ୍କୁଲର ଛାତ୍ରଛାତ୍ରୀ । ଏହି ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିନରେ ୨୭୪ଟି ଅଙ୍ଗନବାଡି କେନ୍ଦ୍ର ରହିଛି। ସେଥିମଧ୍ୟରୁ ୧୨୭ଟି କେନ୍ଦ୍ରର ନିଜସ୍ୱ ଗୃହ ଥିବା ବେଳେ ୧୪୭ଟି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ । କେନ୍ଦ୍ର ଚାଲିଥିବା ନିଜସ୍ୱ ଗୃହ ୧୨୭ ମଧ୍ୟରୁ ୯୪ଟିରେ ବିଦ୍ୟୁତ ସଂଯୋଗ କରାଯାଇଥିବା ବେଳେ ୩୩ଟି କେନ୍ଦ୍ରରେ ବିଦ୍ୟୁତ ସଂଯୋଗ କରାଯାଇନାହିଁ । ଏହି କେନ୍ଦ୍ରଗୁଡିକ ମଧ୍ୟରୁ ଶତାଧିକ କେନ୍ଦ୍ରରେ

**ମହିଳା ଓ ଶିଶୁ ବିକାଶ ବିଭାଗର ଦୟନୀୟ ସ୍ଥିତି**

ଶୌଚାଳୟ ନିର୍ମାଣ କରାଯାଇନାହିଁ। ଟିଭି, ପାନୀୟ ଜଳ ସଂଯୋଗ, ପାଣି ମଟର, ସୋଲାର ପ୍ରଭୃତି ସାମଗ୍ରୀ କେବଳ କାଗଜ କଲମରେ ଦର୍ଶାଯାଇ କୋଟି କୋଟି ଟଙ୍କା ହରିଲୁଟ ହୋଇଥିବା ଅଭିଯୋଗ ହୋଇଛି । ସବୁଠାରୁ ବଡକଥା ହେଉଛି, ୫ଟି ଅଙ୍ଗନବାଡି କେନ୍ଦ୍ର ୫ବର୍ଷ ତଳୁ ନିର୍ମାଣ ସରିଥିଲେ ମଧ୍ୟ ସେଥିରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି । ନିର୍ମାଣ ସରିଥିବା ଏହି କେନ୍ଦ୍ରଗୁଡିକର କାନ୍ଥରୁ ରଙ୍ଗ ଛାଡିବା ସହିତ ଫାଟ ଦେଖାଦେଲାଣି । ବ୍ଲକ ପ୍ରଶାସନ କେନ୍ଦ୍ରର ଗୃହ ସିନା ନିର୍ମାଣ କରିଦେଲା, ତାକୁ ହସ୍ତାନ୍ତର କରୁନାହିଁ । କନିଷ୍ଠ ଯନ୍ତ୍ରୀମାନେ କେନ୍ଦ୍ରର ଗୃହ ନିର୍ମାଣ ଦାୟିତ୍ୱରେ ରହିଥିଲେ ମଧ୍ୟ ଗାଁର ପେଟି ଠିକାଦାରଙ୍କ ହାତକୁ ଟେକି ଦେଇ ସମସ୍ତ ଅର୍ଥ ହଡପ କରିଥିବାରୁ ସେମାନେ ତାଲା ଖୋଲୁନାହାଁନ୍ତି। ଏପରିକି ନିଜସ୍ୱ ଗୃହ ନଥିବା ଅଙ୍ଗନବାଡି କେନ୍ଦ୍ର ସ୍କୁଲ ବାରଣ୍ଡା, କର୍ମୀ ଓ ସହାୟିକାଙ୍କ ଘର, ଗାଁର କ୍ଲବ ଘର ଓ ଭାଗବତ ଟୁଙ୍ଗିରେ ଚାଲୁଛି । ବିଦ୍ୟାଳୟମାନଙ୍କରେ ଚାଲୁଥିବା କେନ୍ଦ୍ରଗୁଡିକ ସକାଳ ୭ଟାରୁ ଆରମ୍ଭ ହୋଇ ସ୍କୁଲ ଆରମ୍ଭ ସକାଳ ୧୦ଟାରେ ବନ୍ଦ କରାଯାଉଛି । ଏପରି ସ୍ଥିତିରେ ପ୍ରି-ସ୍କୁଲର ମୂଳ ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ । ଏହି ଅଙ୍ଗନବାଡି କେନ୍ଦ୍ରଗୁଡିକରେ ଗର୍ଭବତୀ, ପ୍ରସୂତି ଓ କିଶୋରୀ ବାଳିକାମାନଙ୍କୁ ବସିବାକୁ ଜାଗା ନଥିବାରୁ ଦସ୍ତଖତ କରି ଟିଏଚଆର ଖାଦ୍ୟ ନେଉଥିବା ଅଭିଯୋଗ ହେଉଛି । ଏହା ମଧ୍ୟରେ ୨୪ବର୍ଷର ସରକାର ବଦଳିଲା। ନୂତନ ସରକାର ଗଠନକୁ ଦେଢ ବର୍ଷ ବିତିଲାଣି । ମାତ୍ର ଅଙ୍ଗନବାଡି କେନ୍ଦ୍ରଗୁଡିକର ସ୍ଥିତି ନବଦଳିବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି । ରାଜ୍ୟ ସରକାର ଅଙ୍ଗନବାଡିଗୁଡିକ ସଂପର୍କରେ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜିବୀମାନେ ଦାବୀ କରିଛନ୍ତି ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das    ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ    Chief Editor : Umapada Bose    ମୁଖ୍ୟ ସମ୍ପାଦକ : ଉମାପଦ ବୋଷ